# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-350 •BHUBANESWAR •WEDNESDAY •18 JUNE 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୨ •ସଂଖ୍ୟା-୩୫୦ •ଭୁବନେଶ୍ୱର •ବୁଧବାର •୧୮ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




'ରାମାୟଣ'କୁ ନା କରିଥିଲେ ପ୍ରିୟଙ୍କା

▸ପୃଷ୍ଠା ୧୧ ଦେଖନ୍ତୁ...

# ଇରାନ ଉପରେ ଆକ୍ରମଣ କରିବ ଆମେରିକା !



▶▶ ତେହରାନ ଖାଲି କରିବାକୁ କହିଲେ ଟ୍ରମ୍ପ

▶▶ ଖାମେନିଙ୍କୁ ବି ହତ୍ୟା କରାଯିବ: ଇସ୍ରାଏଲ


▶▶ ୫ମ ଦିନରେ ଇରାନ-ଇସ୍ରାଏଲ ଯୁଦ୍ଧ

■ **ତେହରାନ, ୧୭।୬ (ଏଜେନ୍ସି):** ଗତ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଆଜି ପଞ୍ଚମ ଦିନରେ ପହଞ୍ଚିଛି । ଉଭୟ ଇରାନ ଏବଂ ଇସ୍ରାଏଲ ପରସ୍ପର ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଏବେ ଜନବସତି ଅଞ୍ଚଳକୁ ଟାର୍ଗେଟ କରିବା ଆରମ୍ଭ କଲେଣି । ଏଥିରେ ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ବାସଚ୍ୟୁତ ହେଲେଣି । ଯୁଦ୍ଧ ଥମିବାର ନାଁ ଧରୁନଥିବା ବେଳେ ଇରାନ ରାଜଧାନୀ ତେହରାନ ଉପରେ ବଡ଼ ଧରଣର ଆକ୍ରମଣ କରିବା ଲାଗି ଆମେରିକେ ଯୋଜନା କରୁଥିବା ନେଇ ଖବର ମିଳିଛି । ତୁରନ୍ତ ତେହରାନ ଖାଲିବା କରିବା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନବାସୀଙ୍କୁ ପରାମର୍ଶ ଦେବାପରେ ଏଭଳି ଆଭାସ ମିଳିଛି । ଇସ୍ରାଏଲ ମଧ୍ୟ ଧମକ ଦେଇଛି ଯେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କୁ ହତ୍ୟା କରାଯିବ ।

ଇରାନ-ଇସ୍ରାଏଲ ଯୁଦ୍ଧର ଅବସାନ ପାଇଁ ଆନ୍ତର୍ଜାତିକ ସ୍ତରରେ ସେମିତି ଆଖିଦୃଶିଆ ଉଦ୍ୟମ ହେଉନଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଧମକ ଦେଇଛନ୍ତି ଯେ ଇରାନ ସହ କଥାବାର୍ତ୍ତା କରିବା ମୁଡ୍‌ରେ ସେ ନାହାନ୍ତି । ପରମାଣୁ ଅସ୍ତ୍ର ଉପରେ ଚୁକ୍ତି ପାଇଁ ଇରାନକୁ ସୁଯୋଗ ମିଳିଥିଲା, କିନ୍ତୁ ସେହି ସୁଯୋଗକୁ ▸ପୃଷ୍ଠା-୭

## ଲେବାନନ୍‌ରେ ବଢ଼ୁଛି ହୋଟେଲ କାରବାର

# ବାର୍ ଛାତ ଉପରୁ ଗ୍ରାହକ ଦେଖୁଛନ୍ତି ମିସାଇଲ ମାଡ଼



ମେନୁରେ 'ସ୍କାଏ ମିସାଇଲ ଭ୍ୟୁ' ପ୍ରିମିୟମ୍ ଫିଚର

ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି

■ **ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ତୀବ୍ର ହେବାରେ ଲାଗିଛି । ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରୁଛନ୍ତି । ସେହି ସମୟରେ ଲେବାନନ୍ ଏହି ଯୁଦ୍ଧକୁ ଆୟର ଉତ୍ସ କରିଛି । ଏଥିପାଇଁ ଲେବାନନ୍‌ର ହୋଟେଲଗୁଡ଼ିକ ସେମାନଙ୍କର ମେନୁରେ ଏକ ସ୍ୱତନ୍ତ୍ର ଜିନିଷ ଯୋଡିଛନ୍ତି । ବିଲ୍‌ରେ 'ସ୍କାଏ ମିସାଇଲ୍ ଭ୍ୟୁ' ପ୍ରିମିୟମ୍ ଫିଚର ଯୋଡାଯାଇଛି । ରାଜଧାନୀ ବେରୁତ୍‌ର ଏକ ବାର ଛାତ ଉପରୁ ଗ୍ରାହକ ଇସ୍ରାଏଲ୍ ଉପରେ ଇରାନ୍ ପକ୍ଷରୁ କରାଯାଉଥିବା ମିସାଇଲ ମାଡ଼ ଦେଖୁଛନ୍ତି । ଏଥିରେ ସ୍ୱତନ୍ତ୍ର ସିଟ୍ ପାଇଁ ଅଲଗା ଫି' ରଖାଯାଇଛି । ଏପରି ଏକ ହୋଟେଲର ବିଲ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି ବିଶେଷ ଜିନିଷ ପାଇଁ ହୋଟେଲ ଏକ ନିର୍ଦ୍ଦିଷ୍ଟ ପରିମାଣରେ ଫି' ନେଉଛି ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବେଳେ ସୋସିଆଲ ମିଡିଆରେ ସେହି ସମୟରେ ଏକ ଭିଡିଓରେ କିଛି ଲୋକ ଲେବାନନର ବାର ଛାତ ଉପରେ ଡ୍ୟାନ୍ସ କରିବା ସହ ଇରାନର କ୍ଷେପଣାସ୍ତ୍ର ଆକ୍ରମଣକୁ କ୍ୟାମେରାରେ କଏଦ କରୁଥିବାର ଦେଖାଯାଉଛି । ପ୍ରକୃତରେ ଏହି ବିଲ୍‌ରେ ହୋଟେଲ 'ସ୍କାଏ ମିସାଇଲ୍ ଭ୍ୟୁ' ନାମକ ଏକ ନୂତନ ଜିନିଷ ▸ପୃଷ୍ଠା-୭





# ଡିଜିଙ୍କୁ ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ତଲବ

## କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦେଲେ ପୁଲିସ ଡିଜି

## ପୁଲିସ କବ୍‌ଜାରେ ୪ ନାବାଳକଙ୍କ ସମେତ ୧୦

■ **ଭୁବନେଶ୍ୱର/ ବ୍ରହ୍ମପୁର, ୧୭।୬ (ସମିସ):** ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ତାଙ୍କ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶକୁ ଦୋହଲାଇ ଦେଇଛି । ବିଳମ୍ବରେ ହେଲେ ମଧ୍ୟ ପୁଲିସ ଏହି ଘଟଣାରେ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ । ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଅନ୍ୟ ଯୁବକମାନଙ୍କୁ ଏହି ନାବାଳକମାନେ ସହଯୋଗ କରିଥିବା ଅଭିଯୋଗ ହୋଇଛି । ଜାତୀୟ ମହିଳା କମିଶନ ବିଜୟା ରାହତକର ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜାତୀୟ ମହିଳା କମିଶନ ଏହି ଘଟଣାରେ ନିଜଆଡ଼ୁ ଏକ ମାମଲା ରୁଜୁ କରିଛନ୍ତି । ଅନ୍ୟପକ୍ଷରେ ପୁଲିସ ଡ଼ିଜି ଯୋଗେଶ ବାହାଦୂର ଖୁରାନିଆ ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଛନ୍ତି । ଏହି ଗଣଦୁଷ୍କର୍ମ ଘଟଣାକୁ ରେଡ୍ ଫ୍ଲାଗ୍ ମାମଲା ଭାବରେ ଗ୍ରହଣ କରି ତୁରନ୍ତ ତଦନ୍ତ ନିମନ୍ତେ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନି ଏହି ଘଟଣାର ତଦନ୍ତ କରିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରହ୍ମପୁର ପୁଲିସ ଏହି ଘଟଣାରେ ୧୦ଜଣଙ୍କୁ ଗିରଫ କରିଥିବା ବ୍ରହ୍ମପୁର ପୁଲିସ ଏସ୍‌ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗତ ରବିବାର ସନ୍ଧ୍ୟା ୬ଟା ସମୟରେ ବ୍ରହ୍ମପୁରରୁ ସମ୍ପୃକ୍ତ ଯୁବତୀ ଓ ତାଙ୍କର ବନ୍ଧୁ ଗୋପାଳପୁର ବେଳାଭୂମିକୁ ଯାଇଥିଲେ । ଗୋପାଳପୁର ପାନ୍ଥନିବାସ ପଛପଟେ ଥିବା ବେଳାଭୂମିରେ ୬.୩୦ମିନିଟ୍‌ରେ ପହଞ୍ଚିବା ପରେ ସେଠାରେ ନିରୋଳାରେ କିଛି ସମୟ ବିତାଇଥିଲେ । ରାତି ପ୍ରାୟ ୮ଟା ସମୟରେ ୧୦ଜଣ ଯୁବକ ପ୍ରେମୀ ଯୁଗଳଙ୍କ ▸ପୃଷ୍ଠା-୭

## ନବୀନଙ୍କ କ୍ଷୋଭ



**ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର**

**ମହିଳାଙ୍କ ସୁରକ୍ଷା ଅଭାବ ଚିନ୍ତାଜନକ**

■ **ଭୁବନେଶ୍ୱର, ୧୭।୬ (ସମିସ):** ଗୋପାଳପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ସାଂଘାତିକ ସ୍ଥିତିକୁ ପଦାରେ ପକାଇ ଦେଇଛି । ଏପରି ସ୍ପର୍ଶକାତର ଘଟଣାକୁ ରାଜ୍ୟବାପୀ କଡ଼ା ନିନ୍ଦା କରାଯାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦୃଢ଼ ନିନ୍ଦା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପ୍ରତିକ୍ରିୟା ରଖି ରାଜ୍ୟରେ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ନବୀନ ▸ପୃଷ୍ଠା-୭

# ଡେଇଁଡେଇଁ ମାଡୁଛି ଡାଇରିଆ

## ଦିନକରେ ୫ ଜିଲ୍ଲାରେ ୩୦୦ ନୂଆ ଆକ୍ରାନ୍ତ

**ରାଜ୍ୟର ମୋଟ ୯ ଜିଲ୍ଲା ସଂକ୍ରମିତ**

**୧୨ ଦିନରେ ଗଡ଼ିଲାଣି ୨୦ ମୁଣ୍ଡ**

**୩୦ ଜିଲ୍ଲା ପାଇଁ ସତର୍କତା ଜାରି**

■ **ଭୁବନେଶ୍ୱର/ଯାଜପୁର, ୧୭।୬ (ସମିସ):** ଗତ ୬ ତାରିଖରୁ ଯାଜପୁରରେ ବ୍ୟାପିଥିବା ଡାଇରିଆ ଡେଇଁଡେଇଁ ମାଡୁଛି । ଦୈନିକ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ବଦଳରେ ବଢ଼ିଚାଲିଛି । ୧୨ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି । ଯାଜପୁରରେ ହଇଜା ନିୟନ୍ତ୍ରଣ ହୋଇ ନ ଥିବାବେଳେ ଝାଡ଼ାବାନ୍ତି ୯ ଜିଲ୍ଲାକୁ ବ୍ୟାପିଛି । ଯାଜପୁର ପରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ପରେ ଆଜି ବାଲେଶ୍ୱରକୁ ଡାଇରିଆ ମାଡ଼ିଗଲାଣି । ଯାଜପୁର ଜିଲ୍ଲାର କୋରେଇ, ବଡ଼ଚଣା, ଧର୍ମଶାଳାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଥିବାବେଳେ ଯାଜପୁର ଓ ବରୀ ବ୍ଲକରେ ଝାଡ଼ାବାନ୍ତି ଭୟଙ୍କର ରୂପ ନେଇଛି । ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ ଗାଁରେ ଜଣଙ୍କର ମୃତ୍ୟୁ ଘଟିଛି । ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ମଧ୍ୟରେ ଅର୍ଦ୍ଧାଧିକ ଶିଶୁ ରୋଗୀ ଥିବା ଜଣାପଡ଼ିଛି । ମଙ୍ଗଳବାର ▸ପୃଷ୍ଠା-୭



## ବାଲେଶ୍ୱରକୁ ଡେଇଁଲା

**ସିମୁଳିଆରେ ୩୦ ଆକ୍ରାନ୍ତ ମେଡିକାଲରେ ଭର୍ତ୍ତି**

■ **ବାଲେଶ୍ୱର/ସିମୁଳିଆ, ୧୭।୬ (ସମିସ):** ବାଲେଶ୍ୱର ଜିଲ୍ଲାକୁ ବ୍ୟାପିଲାଣି ଝାଡ଼ାବାନ୍ତି । ଜିଲ୍ଲାର ସିମୁଳିଆ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ମାର୍କୋଣା, ଶ୍ୟାମସୁନ୍ଦରପୁର, କୁଅଁରପୁର, ମଇତାପୁର, ବରି ଆଦି ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସିମୁଳିଆ ମେଡିକାଲ ଅଫିସର ଅବିନାଶ ପତି କହିଛନ୍ତି ଯେ ଡାଇରିଆ ରୋଗୀରେ ମେଡିକାଲର ସମସ୍ତ ବେଡ୍ ଭର୍ତ୍ତି ହୋଇଗଲାଣି । ଗତକାଲିଠାରୁ ଆଜି ମଧ୍ୟରେ ୨୫ରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି । ମେଡିକାଲ ପକ୍ଷରୁ ରୋଗୀମାନଙ୍କୁ ଓଆରଏସ ପର୍ଯ୍ୟାପ୍ତ ପରିମାଣରେ ପ୍ରଦାନ କରାଯାଉଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ମେଡିକାଲ ଟିମ୍ ଝାଡ଼ାବାନ୍ତି ବ୍ୟାପିଥିବା ଗାଁକୁ ଯାଇ ସ୍ଥିତି ପରଖିବ ।

## କେନ୍ଦ୍ରାପଡ଼ାରେ ୨୭ ଆକ୍ରାନ୍ତ

**ମେଡିକାଲ ବାରଣ୍ଡା ପାଲଟିଛି ହସ୍‌ପିଟାଲ ବେଡ୍**

■ **କେନ୍ଦ୍ରାପଡ଼ା/ଡେରାବିଶ, ୧୭।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୭ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଭର୍ତ୍ତି ହୋଇଛନ୍ତି । ଜିଲ୍ଲାର ୯ଟି ବ୍ଲକ ଓ ୨ ପୌରାଞ୍ଚଳରୁ ୨୭ ଜଣ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଜିଲ୍ଲା ବାହାର ମେଡିକାଲକୁ ଅନେକ ରୋଗୀ ଯାଇ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆନୁସଙ୍ଗିକ ଉପକରଣ ଓ ଷ୍ଟାଫଙ୍କ ଅଭାବରୁ ରୋଗୀ ଚିକିତ୍ସିତ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ଅନେକ ରୋଗୀଙ୍କୁ କେବଳ ସାଲାଇନ ଓ ଇଞ୍ଜେକ୍ସନ ଦିଆଯାଇ କଟକ ବଡ଼ ମେଡିକାଲକୁ ରେଫର କରାଯାଇଛି । ଜିଲ୍ଲାର ଅନ୍ୟ ସ୍ଥାନ ଅପେକ୍ଷା କେବଳ ଡେରାବିଶରେ ୭ ଜଣ ଝାଡାବାନ୍ତି ଯୋଗୁଁ ▸ପୃଷ୍ଠା-୭

# ରାଜଧାନୀରେ ମଦମୃତ୍ୟୁ

## ବିଷାକ୍ତ ମଦ ପିଇ ୨ ମୃତ

● **ମଦ ଦୋକାନ ଆଗରେ ସ୍ଥାନୀୟ ବାସିନ୍ଦାଙ୍କ ବିକ୍ଷୋଭ**

● **ନମୁନା ସଂଗ୍ରହ ସହ ଦୋକାନ ସିଲ୍ କଲା ଅବକାରୀ ବିଭାଗ**

■ **ଭୁବନେଶ୍ୱର, ୧୭।୬ (ସମିସ):** ସରକାର ବର୍ଷପୂର୍ତ୍ତି ଉତ୍ସବ ପାଳନ କରୁଥିବାବେଳେ ରାଜଧାନୀରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି । ଗତବର୍ଷ ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ମୃତ୍ୟୁ ଘଟଣାର ତଦନ୍ତ ଏଯାଏ ଆରମ୍ଭ ହୋଇ ନ ଥିବାବେଳେ ଖୋଦ ରାଜଦାନୀରେ ବିଷାକ୍ତ ମଦ୍ୟପାନ ଜନିତ ମୃତ୍ୟୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । କଟକ-ପୁରୀ ରୋଡର ଷ୍ଟେସନବଜାର ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରୁ ବିଷାକ୍ତ ମଦ ପିଇ ଲକ୍ଷ୍ମୀସାଗର ଉପର ସାହିର ୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତ୍ୟୁବରଣ କରିଥିବା ଦୁଇ ଜଣ ଯୁବକ ହେଲେ ସନ୍ତୋଷ କୁମାର ପଟ୍ଟନାୟକ ଏବଂ ବିଶ୍ୱଜିତ ବେହେରା । ଏହି ବିଷାକ୍ତ ମଦ ପିଇବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଭାବରେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀ ମଦ ଦୋକାନ ଆଗରେ ହୋ ହାଲ୍ଲା କରିଥିଲେ । ଘଟଣା ସ୍ଥଳରେ ▸ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

LAW PROGRAMMES OFFERED
- BA LLB (H) - Integrated Law
- BBA LLB (H) - Integrated Law
- LLB (H) - 3 Years Law
- LLM

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 09th Best in Law Category
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT,
Please visit: www.soa.ac.in


# ଆଦିବାସୀ ନାବାଳିକାକୁ ଦୁଷ୍କର୍ମ, ହତ୍ୟା !

## ସଜନାଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

## କେନ୍ଦୁଝରରେ ଆଲୋଡ଼ନ



■ **କେନ୍ଦୁଝର, ୧୭।୬ (ସମିସ):** ରାଜ୍ୟରେ ସୀମା ଟପିଛି ନାରୀ ବିରୋଧୀ ହିଂସା । ଦୈନିକ ରାଜ୍ୟରେ ହାରାହାରି ୧୫ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ପଞ୍ଜିକୃତ ହେଉଛି । ଦିନକ ତଳେ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଗଣଦୁଷ୍କର୍ମ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଆଜି ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ହରିଚନ୍ଦନପୁର ବ୍ଲକ୍ ପଣ୍ଡାପଡ଼ା ଥାନା ଅଞ୍ଚଳରେ ଏକ ସଜନା ଗଛରେ ନାବାଳିକାର ଝୁଲନ୍ତା ଶବ ଉଦ୍ଧାର କରାଯାଇଛି । ଗଛରେ ଝୁଲୁଥିବା ନାବାଳିକାର ଶବ ପାଦ ତଳେ ଲାଗିଛି ଓ ପୋଷାକରେ ରକ୍ତସ୍ରାବର ଚିହ୍ନ ରହିଛି । ନିକଟରେ ବିଲରେ ଏକ ମସିଣା ଓ ଆଉ କିଛି ଲୁଗାପଟା ମଧ୍ୟ ପଡ଼ିଥିବା ଦେଖାଯାଇଛି । ରାତିରେ ଦୁର୍ବୃତ୍ତମାନେ ଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି ।

ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଧରିବାକୁ ଦାବିକରି ସ୍ଥାନୀୟ ଜନସାଧାରଣ ନୁଦୁରପଡ଼ା-କାଳିଆହତା ରାସ୍ତାକୁ ଅବରୋଧ କରିଛନ୍ତି । ଘଟଣାସ୍ଥଳରେ ପଣ୍ଡାପଡ଼ା ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣା ଦୁଷ୍କର୍ମ କି ନୁହେଁ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । କିନ୍ତୁ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏହାକୁ ଆତ୍ମହତ୍ୟା ରଙ୍ଗ ଦେବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ମୃତ ନାବାଳିକାର ପରିବାର ମଧ୍ୟ ତାଙ୍କ ଝିଅ ଆତ୍ମହତ୍ୟା କରିନାହିଁ, ତାକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଯେଉଁମାନେ ତାଙ୍କ ଝିଅର ଏପରି ଅବସ୍ଥା ପାଇଁ ଦାୟୀ, ସେମାନଙ୍କୁ ତୁରନ୍ତ ଧରି ଫାଶୀ ଦେବାକୁ ନାବାଳିକାଙ୍କ ପରିବାର ଦାବି କରିଛନ୍ତି ।






## ପାଇଲଟ୍‌ଙ୍କ ଟ୍ରେନିଂ ରେକର୍ଡ ମାଗିଲା ଡିଜିସିଏ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଭାରତର ଆଭିଏସନ ରେଗୁଲେଟର ଅର୍ଥାତ ବିମାନଗୁଡିକର ସୁରକ୍ଷା ଉପରେ ନଜର ରଖୁଥିବା ସଂସ୍ଥା ଭାବେ ଜଣାଶୁଣା ଥିବା ଡାଇକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଅଭିଏସନ (ଡିଜିସିଏ) ଏବେ ଏକ ନୂଆ ପଦକ୍ଷେପ ନେବାକୁ ଏୟାର ଇଣ୍ଡିଆକୁ କହିଛି । ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇ ପାଇଲଟ୍ ଓ ଫ୍ଲାଇଟ୍ ଡିସପାଚରଙ୍କ ଟ୍ରେନିଂ ରେକର୍ଡ ଡାଟା ଦେବାକୁ ଡିଜିସିଏ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି । ବିମାନ ଉଡାଣର ଯୋଜନା କରୁଥିବା ବ୍ୟକ୍ତିଙ୍କୁ ଡିସ୍‌ପାଚର କୁହାଯାଇଥାଏ । ଏଥିସହ ପାଇଲଟ୍‌ଙ୍କ ଟ୍ରେନିଂ ଡିଟେଲ ସମେତ ସହାୟକ କାଗଜପତ୍ର ମଧ୍ୟ ମଗାଯାଇଛି । ଡିଜିସିଏ ମଧ୍ୟ ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଛି । ଏହି ବିମାନ ଦୁର୍ଘଟଣା ସଂକ୍ରାନ୍ତରେ ଜଣାଶୁଣା ନ୍ୟୁଜି ଏଜେନ୍ସି ରଏଟର୍ସ ଗୋପନୀୟ ମେମୋ ମିଳିଥିବା ଦାବି କରିଛି । ଏହାକୁ ଭିତ୍ତି କରି ଡିଜିସିଏ ଏହି ଟ୍ରେନିଂ ଡିଟେଲ ମାଗିଛି । ଏହି କ୍ରମରେ ପାଇଲଟ୍‌ମାନଙ୍କର ଟ୍ରେନିଂ, ଯୋଗ୍ୟତା, ଫ୍ଲାଇଟ୍ ହିଷ୍ଟ୍ରି, ମେଡିକାଲ ରେକର୍ଡ ଏବଂ ତାଙ୍କ ବିରୋଧରେ ପୂର୍ବରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ରେକର୍ଡକୁ ମଧ୍ୟ ଡିଜିସିଏ ମାଗିଛି । ଉଲ୍ଲେଖଥାଉ କି, ଏହି ବିମାନର କମାଣ୍ଡିଂ ପାଇଲଟ୍ ସୁମିତ ସବରୱାଲ୍‌ଙ୍କର ୮, ୦୦୦୦ ଘଣ୍ଟା ବିମାନ ଉଡାଇବାର ଅଭିଜ୍ଞତା ରହିଥିଲା ଓ ସେ ମଧ୍ୟ ଇନ୍‌ଷ୍ଟ୍ରକ୍ଟର ରହିଥିଲେ । ତାଙ୍କ ସହ ପାଇଲଟ୍ କ୍ଲାଇଭ କୁନ୍ଦରଙ୍କର ୧, ୧୦୦ ଘଣ୍ଟା ବିମାନ ଚଳାଇବାର ଅଭିଜ୍ଞତା ରହିଥିଲା ।

## ଦୁର୍ଘଟଣା ସ୍ଥଳରୁ ମିଳିଲା ୮୦୦ ଗ୍ରାମ୍ ସୁନା, ୮୦ ହଜାର ଟଙ୍କା

ଅହମଦାବାଦ୍, ୧୭ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସ୍ଥଳରୁ ୮୦ ତୋଳା ଅର୍ଥାତ ୮୦୦ ଗ୍ରାମ୍ ସୁନା, ୮୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ ଫୋନ୍, ଭଗବଦ ଗୀତା, ୯ଟି ପାସପୋର୍ଟ ଓ ଅନ୍ୟାନ ଜିନିଷ ମିଳିଛି । ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ପରେ ରାଜେଶ ପଟେଲଙ୍କ କହିବା ଅନୁଯାୟୀ ବିମାନ ଧ୍ୱଂସାବଶେଷ ତଳୁ ଗୋଟିଏ ମୋବାଇଲ ଫୋନ୍, ଏକ ଲାପ୍‌ଟପ୍ ମିଳିଥିଲା । ଏହାକୁ ବାଦ୍ ଦେଲେ ସୁନାଗହଣା, ନଗଦ ଟଙ୍କା ଓ ପାର୍ସପୋର୍ଟ ମିଳିଥିଲା ବୋଲି ସେ କହିଛନ୍ତି । ଏହି ଜିନିଷଗୁଡିକ ସମେତ ୪-୫ଟି ବ୍ୟାଗ୍‌ଗୁଡିକୁ ମଧ୍ୟ ସରକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି । ଘଟଣାସ୍ଥଳରୁ ମିଳିଥିବା ଜିନିଷଗୁଡିକର ଡକ୍ୟୁମେଣ୍ଟସନ ପ୍ରକ୍ରିୟା ଚାଲୁ ରହିଛି ଓ ଜିନିଷଗୁଡିକୁ ମୃତାହତ ଲୋକଙ୍କ ପରିବାର ଲୋକଙ୍କୁ ଫେରାଇ ଦିଆଯିବବୋଲି ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସିଂଘବୀ କହିଛନ୍ତି । ଏହାପରେ ଗତ ୧୨ରେ ତାରିଖରେ ଅହମ୍ମଦାବାଦରୁ ଲଣ୍ଡନ ଯିବାକୁ ଯାତ୍ରା ଆରମ୍ଭ କରିଥିବା ଏଆଇ-୧୭୧ ବିମାନ (ବୋଇଂ ୭୮୭-୮ ଡ୍ରିମ୍‌ଲାଇନର) ଟେକ୍ ଅଫ୍ କରିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ବିଜେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ହଷ୍ଟେଲ ବିଲ୍ଡିଂ ଉପରେ ତଳକୁ ଖସିପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଏଥିରେ ୨୨୯ ଯାତ୍ରୀଙ୍କ ସମେତ ୧୦ କ୍ରୁ ଓ ୨ ପାଇଲଟଙ୍କ ମୃତ୍ୟୁବରଣ କରିଥିଲେ । ତେବେ ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ । ସେହିପରି ହଷ୍ଟେଲ୍‌ରେ ଥିବା ୩୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଥିଲେ । ଏମାନଙ୍କ ମଧ୍ୟ କେତେଜଣ ସ୍ଥାନୀୟ ଲୋକ ମଧ୍ୟ ସାମିଲ ଥିଲେ ।

ଅହମଦାବାଦ ବିମାନ ଦୁର୍ଘଟଣାର ନୂଆ ଭିଡିଓ

# ଦୁର୍ଘଟଣା ପୂର୍ବରୁ ଖୋଲିଥିଲା 'ରାଟ୍'

## ଉଭୟ ଇଞ୍ଜିନ ଫେଲ୍, ବିଦ୍ୟୁତ ପ୍ରବାହ ବନ୍ଦ ନା ହାଇଡ୍ରୋଲିକ ଫେଲ୍ ?

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଗତ ୧୨ ତାରିଖରେ ଭାରତକୁ ସ୍ତବ୍ଧ କରି ଦେଇଥିବା ଅହମଦାବାଦ ବିମାନ ଦୁର୍ଘଟଣାରେ କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ଜୀବନ ଯାଇଛି । ଏହା ଭାରତର ସବୁଠୁ ହୃଦୟ ବିଦାରକ ବିମାନ ଦୁର୍ଘଟଣା ଥିଲା । ତେବେ ଏ ପର୍ଯ୍ୟନ୍ତ ଏହି ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ଦୁର୍ଘଟଣା କାହିଁକି ଘଟିଲା? ଉଡ଼ାଣର ୩୨ ସେକେଣ୍ଡ ମଧ୍ୟରେ କାହିଁକି ବିମାନ ଉପରକୁ ନ ଉଠି ଖସି ପଡ଼ିଲା ତାହା ଜାଣିବା ପାଇଁ ଯାଞ୍ଚ ଜାରି ରହିଛି । ୯ଟି ଜାତୀୟ ଏବଂ ଅନ୍ତର୍ଜାତୀୟ ଏଜେନ୍ସି ମାମଲାର ତଦନ୍ତ କରୁଛନ୍ତି । ଏପରି ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବର ଏକ ଭିଡିଓ ସାମ୍ନାକୁ ଆସିଛି । ଜଣେ କିଶୋର ୧୯ ସେକେଣ୍ଡର ଭିଡିଓ ରେକର୍ଡ କିରିଛି । ଏହା ଯାଞ୍ଚରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । କାରଣ ଏହି ଭିଡିଓରେ ବିମାନରେ କିଛି ଅଜବ ଦୃଶ୍ୟ ଦେଖିବାକୁ ମିଳୁଛି । ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ବୋଇଂ ଡ୍ରିମଲାଇନର ୭୮୭-୮ରୁ ରାମ ଏୟାର ଟର୍ବାଇନ (ରାଟ୍) ବାହାରିଥିବା ଦେଖାଯାଉଛି । ସ୍ୱୟଂଚାଳିତ ଭାବେ ମୁତୟନ ହେଉଥିବା ଏହା ଏକ କ୍ଷୁଦ୍ର ପ୍ରୋପେଲର ଡିଭାଇସ । ଜରୁରୀକାଳୀନ ସ୍ଥିତି ସୃଷ୍ଟି ହେଲେ ହିଁ ଏହା ବାହାରକୁ ବାହାରିଥାଏ । ଏହା ତିନୋଟି କାରଣକୁ ସଙ୍କେତ ଦେଉଛି । ବିମାନର ଦୁଇଟି ଯାକ ଇଞ୍ଜିନ ଫେଲ୍ ହୋଇଥାଇପାରେ, ସମ୍ପୂର୍ଣ୍ଣ ବିଦ୍ୟୁତ୍ ଯୋଗାଣ କଟି ଯାଇଥାଇପାରେ କିମ୍ବା ହାଇଡ୍ରୋଲିକ୍ ଖରାପ ହୋଇଥାଇପାରେ ।




ନୂଆ ଭିଡିଓରୁ ବିମାନର ଶବ୍ଦ ଏବଂ ଦୃଶ୍ୟ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ବିମାନର ଇଞ୍ଜିନରୁ ଶବ୍ଦ ବାହାରୁ ନ ଥିବାବେଳେ ରାଟ୍ ତୀବ୍ର ଗର୍ଜନ କରୁଛି । ଏହା ସ୍ୱୟଂଚାଳିତ ଭାବେ ବାହାରକୁ ଆସୁଥିବା ସ୍ପଷ୍ଟ ଦେଖାଯାଉଛି । ଏହି ସମୟରେ ବିମାନ ନିର୍ଦ୍ଧାରିତ ଉଚ୍ଚତାକୁ ଯିବା ପାଇଁ ସଂଘର୍ଷ କରୁଛି ଏବଂ ପରେ ତଳକୁ ଖସି ଆସୁଛି । ରାଟ୍ ପବନକୁ ବ୍ୟବହାର କରି ଜରୁରୀକାଳୀନ ସ୍ଥିତିରେ ବିଦ୍ୟୁତ ଶକ୍ତି ସୃଷ୍ଟି କରିଥାଏ । ବିମାନ ଦୁର୍ଘଟଣାକୁ ନେଇ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ ପଦରୁ ଅବସରଗ୍ରହଣ କରିଥିବା ତଥା ଏବେ ଭିଭିଆଇପିଙ୍କ ବିମାନ ଉଡ଼ାଣରେ ସାମିଲ ଗ୍ରୁପ୍ କ୍ୟାପ୍ଟେନ ମୋହିତ ଚତୁର୍ବେଦୀ କହିଛନ୍ତି ଯେ ବିମାନ ଦୁର୍ଘଟଣାର ୩ ସେକେଣ୍ଡ ପୂର୍ବରୁ ସେ ଅଜବ ଦୃଶ୍ୟ ଦେଖିବାକୁ ପାଇଛନ୍ତି । ରାଟ୍ ବାହାରକୁ ଆସିଯାଉଥିବା ଦେଖାଯାଉଛି । ଏହା ବିମାନର ସବୁ ଇଞ୍ଜିନ ଫେଲ୍ ହୋଇଥିବାକୁ ଦର୍ଶାଉଛି । ବିମାନର ସବୁ ସିଷ୍ଟମ ଫେଲ୍ ହୋଇଗଲା ପରେ ଯାଇ କ୍ରାସ ଲାଣ୍ଡିଂ ହୋଇଥାଏ । ସେ କହିଛନ୍ତି ଯେ ବାଣିଜ୍ୟିକ ବିମାନରେ ଶକ୍ତି ପାଇଁ ଦୁଇଟି ଇଲେକ୍ଟ୍ରିକ ଜେନେରେଟର ରହିଥାଏ । ଏହାକୁ ଇଣ୍ଟିଗ୍ରେଟେଡ ଡ୍ରାଇଭ ଜେନେରେଟର (ଆଇଡିଜି) କୁହାଯାଇଥାଏ । ତୃତୀୟ ଜେନେରେଟର ବିମାନର ପଛ ଭାଗ ଟେଲ୍ (ଲାଞ୍ଜ)ରେ ଲାଗିଥାଏ । ଏହାକୁ ଅକ୍ସିଲାରି ପାୱାର ୟୁନିଟ (ଏପିୟୁ) କୁହାଯାଏ । ଯଦି ଦୁଇଟି ମୁଖ୍ୟ ଦୁଇଟି ଜେନେରେଟର ଖରାପ ହୋଇଯାଏ ତେବେ ଏପିୟୁ ଚାଲୁ ହୋଇଥାଏ । ଯଦି ଏହି ତିନୋଟି ମଧ୍ୟରୁ କୌଣସି ଗୋଟିଏ ଜେନେରେଟର ବି ଚାଲେ ତେବେ ବିମାନକୁ ବିଦ୍ୟୁତ ଶକ୍ତି ମିଳିପାରିବ । ଯଦି ତିନୋଟି ଯାକ ଜେନେରେଟର ଖରାପ ହୋଇଯାଏ ତେବେ ବି ଜୀବନ ବଞ୍ଚିବାର ସମ୍ଭାବନା ରହିଛି । କାରଣ ସବୁ ଇଞ୍ଜିନରେ ବ୍ୟାକ୍‌ଅପ୍ ଜେନେରେଟର ରହିଥାଏ । ଏହା ବିମାନକୁ ଅଲଟରନେଟିଂ କରେଣ୍ଟ ଦେଇଥାଏ । ଏହା ଦ୍ୱାରା ଇଞ୍ଜିନ ଚାଲିଥାଏ ।

ବିମାନରେ ସମସ୍ତ ପ୍ରକାରର ଶକ୍ତି ପରିଚାଳନା ପାଇଁ, ଏକ କମ୍ପ୍ୟୁଟର-ଆଧାରିତ ବୈଦ୍ୟୁତିକ ଲୋଡ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଇଏଲଏମଏସ) ରହିଛି । ଏହା କେଉଁ ସମୟରେ କେଉଁ ଜେନେରେଟର ଚାଲୁ ଚାଲୁ କରାଯିବ ତାହାର ନିଷ୍ପତ୍ତି ନେଇଥାଏ । କିନ୍ତୁ ଯଦି ଦୁର୍ଭାଗ୍ୟବଶତଃ ତିନୋଟି ମୁଖ୍ୟ ଜେନେରେଟର ଏବଂ ଦୁଇଟି ବ୍ୟାକଅପ୍ ଜେନେରେଟର ମଧ୍ୟ କାମ କରିବା ବନ୍ଦ କରିଦିଏ ତେବେ ସମ୍ପୂର୍ଣ୍ଣ ଭାର ବିମାନର ଦୁଇଟି ସ୍ଥାୟୀ ଚୁମ୍ବକୀୟ ଜେନେରେଟର (ପିଏମଜି) ଉପରେ ପଡ଼ିବ । ଏହା ଚକଗୁଡ଼ିକର ଗତି ସହିତ ଛୋଟ ହେଡଲାଇଟକୁ ଆଲୋକିତ କରିଥାଏ । ଯଦି ପିଏମ୍ଜି ବିଫଳ ହୋଇଯାଏ ତେବେ ରାଟ୍ ଶେଷ ବିକଳ୍ପ ହୋଇଥାଏ । ବିମାନର ଲ୍ୟାଣ୍ଡିଂ ଗିୟରର ଟିକେ ପଛରେ ଏହା ଲାଗିଥାଏ । ପବନକୁ ଉପଯୋଗ କରି ଏହା ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରିଥାଏ । ଯଦି ସମସ୍ତ ସିଷ୍ଟମ୍ ବିଫଳ ହୁଏ ତେବେ ରାଟ ସ୍ୱୟଂଚାଳିତ ଭାବରେ ବାହାରକୁ ଆସିଥାଏ । ଏହା ଶକ୍ତି ଉତ୍ପାଦନ କରି ସିଷ୍ଟମକୁ ପଠାଏ । କିନ୍ତୁ ଯଦି କୌଣସି କାରଣରୁ ରାଟ ସିଷ୍ଟମ୍ ମଧ୍ୟ ବିଫଳ ହୁଏ ତେବେ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିବାର କୌଣସି ବିକଳ୍ପ ବାକି ନଥାଏ । ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନରୁ ରାଟ୍ ବାହାରୁଥିବା ଦେଖାଯାଉଛି । ଏହା ଉଡ଼ାଣ ସମୟରେ ସବୁ ଜେନେରେଟର ଫେଲ ହୋଇଥିବାକୁ ଦର୍ଶାଉଛି । ତେବେ ଫ୍ଲାଇଟ ଡାଟା ରେକର୍ଡର ଯାଞ୍ଚରୁ ଏ ନେଇ ଅଧିକ ସୂଚନା ମିଳିପାରିବ । ସେହିପରି ପକ୍ଷୀ ମାଡ଼ ହେବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିବ ନାହିଁ ବୋଲି ବିଶେଷଜ୍ଞ କ୍ୟାପ୍ଟେନ ଏହସାନ ଖଲିଦ କହିଛନ୍ତି ।

## ହଷ୍ଟେଲରୁ ଡେଇଁଥିଲେ ଛାତ୍ର



ଅହମଦାବାଦ, ୧୭।୬ (ଏଜେନ୍ସି): ବିମାନ ଦୁର୍ଘଟଣା ସମୟର ଏକ ନୂଆ ଭିଡିଓ ସାମ୍‌ନାକୁ ଆସିଛି । ଏହି ଭିଡିଓରେ ମେଡିକାଲ କଲେଜ ଛାତ୍ରମାନେ ହଷ୍ଟେଲ କୋଠାର ତୃତୀୟ ଏବଂ ଚତୁର୍ଥ ମହଲାରୁ ଡେଉଁଥିବା ଦେଖାଯାଉଛି । ଏୟାର ଇଣ୍ଡିଆ ବିମାନ ମେସ୍ କୋଠା ସହିତ ଧକ୍କା ଖାଇଥିଲା । ମେସ୍ ଚାରିପାଖରେ ଥିବା ହଷ୍ଟେଲ କୋଠା ଉପରେ ଏହାର ପ୍ରଭାବ ପଡ଼ିଥିଲା । ଅନେକ ହଷ୍ଟେଲ କୋଠାରେ ନିଆଁ ଲାଗିଯାଇଥିଲା । ଭିଡିଓରେ ଦେଖାଯାଉଛି ଯେ ଯେଉଁ କୋଠାର ବାଲକୋନିରୁ ଛାତ୍ରମାନେ ତଳକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି, ସେହି କୋଠାର ଉଭୟ ପାର୍ଶ୍ୱରେ ନିଆଁ ଲାଗିଛି । ଛାତ୍ରମାନେ ଚାଦର ସାହାଯ୍ୟରେ ଚତୁର୍ଥ ମହଲାରୁ ତୃତୀୟ ମହଲାକୁ ଓହ୍ଲାଇବାକୁ ଚେଷ୍ଟା କରୁଛନ୍ତି ।

କର୍ଣ୍ଣାଟକରେ ମୁକ୍ତିଲାଭ କରିବ 'ଠଗ୍ ଅଫ୍ ଲାଇଫ୍'

## କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'କୁ କର୍ଣ୍ଣାଟକରେ ମୁକ୍ତିଲାଭ ହୋଇପାରି ନାହିଁ । ଏଥିପାଇଁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରକୁ ଭର୍ତ୍ସନା କରିବା ସହ ଅସନ୍ତୋଷ ଜାହିର କରିଛନ୍ତି । କୌଣସି ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ଫିଲ୍ମ ଦେଖିବାକୁ ବାରଣ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଫଳରେ କର୍ଣ୍ଣାଟକରେ ଏହି ସିନେମା ମୁକ୍ତିଲାଭ କରିବା ନେଇ ସ୍ଥିତ ସ୍ପଷ୍ଟ ହୋଇଛି । କନ୍ନଡ ଭାଷା ନେଇ କମଲ ହାସନ ଦେଇଥିବା ବିବାଦୀୟ ମନ୍ତବ୍ୟ କାରଣରୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଯାଇନାହିଁ । ବିଚାରପତି ଉଜ୍ଜଳ ଭୂୟାଁ ଓ ମନୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ କର୍ଣ୍ଣାଟକ ସରକାରଙ୍କୁ କଡ଼ା



ସମାଲୋଚନା କରିଛନ୍ତି । ଯେତେବେଳେ କୌଣସି ସିନେମାକୁ ସେନସରବୋର୍ଡଠାରୁ ପ୍ରମାଣପତ୍ର ମିଳିଛି, ସେସେବେଳେ ଏହାକୁ ଦେଶରେ କୌଣସି ସ୍ଥାନରେ ମୁକ୍ତିଲାଭ କରାଇବାରେ କୌଣସି ଅସୁବିଧା ନାହିଁ ବୋଲି ସୁପ୍ରିମ କୋର୍ଟ କହିଛନ୍ତି । ତେଣୁ ଏହି ସିନେମାକୁ କର୍ଣ୍ଣାଟକରେ ରିଲିଜ କରାଇବାକୁ ସରକାରଙ୍କୁ ସବୁ ବ୍ୟବସ୍ଥା ଅପଣାଇବାର ଥିଲା । ସିନେମାର ରିଲିଜ୍ ନେଇ ସ୍ଥିତି ସ୍ପଷ୍ଟ କରିବାକୁ ସରକାରଙ୍କୁ କୋର୍ଟ ଗୋଟିଏ ଦିନ ସମୟ ଦେଇଛନ୍ତି । ପୂର୍ବରୁ କମଲ ଯେପର୍ଯ୍ୟନ୍ତ କ୍ଷମା ମାଗି ନାହାନ୍ତି, ସେପର୍ଯ୍ୟନ୍ତ ସିନେମାକୁ ରିଲିଜ କରାଯିବ ନାହିଁ ବୋଲି କର୍ଣ୍ଣାଟକ ଫିଲ୍ମ ଚାମ୍ବର୍ସ ଅଫ୍ କମର୍ସ (କେଏଫ୍‌ସିସି) କହିଥିଲା । ଏ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛି । ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡକୁ ସ୍ଥାନାନ୍ତର କରିଛନ୍ତି । ଏ ନେଇ ପରବର୍ତ୍ତୀ ଶୁଣାଣି ଜୁନ୍ ୧୯ରେ ହେବ । ଉଲ୍ଲେଖଥାଉ କି, କନ୍ନଡ ତାମିଲ ଭାଷାରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ ।

## ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ହତ୍ୟା

ରାଞ୍ଚି, ୧୭।୬ (ଏଜେନ୍ସି): ହନିମୁନ ହତ୍ୟାକାଣ୍ଡ ମାମଲା ମନରୁ ଯାଇ ନ ଥିବାବେଳେ ଝାଡ଼ଖଣ୍ଡ ଗଢ଼ୱା ଜିଲ୍ଲା ବୋହୁକୁନ୍ଦର ଗ୍ରାମରୁ ଏଭଳି ଏକ ମାମଲା ସାମ୍‌ନାକୁ ଆସିଛି । ପୁଣି ଏକ ନିରୀହର ଜୀବନ ଯାଇଛି । ବିବାହର ୩୬ ଦିନ ପରେ ସ୍ୱାମୀଙ୍କୁ ବିଷ ଦେଇ ସ୍ତ୍ରୀ ହତ୍ୟା କରିଛି । ଏହି ମାମଲାରେ ପୁଲିସ ସ୍ତ୍ରୀ ସୁନିତାଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରିଛ । ଏବେ ସେ ନ୍ୟାୟିକ ହେପାଜତରେ ଅଛନ୍ତି । ପୀଡ଼ିତ ବୁଦ୍ଧନାଥ ସିଂହଙ୍କ ମାଆ ବୋହୂ ବିରୋଧରେ ହତ୍ୟା ନେଇ ଏତଲା ଦେବା ପରେ ଏହା ସାମ୍‌ନାକୁ ଆସିଥିଲା ।

ସୂଚନା ଅନୁଯାୟୀ ଛତିଶଗଡ଼ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ରଘୁନାଥ ସିଂହଙ୍କ କନ୍ୟା ସୁନିତାଙ୍କୁ ମେ' ୧୧ ତାରିଖରେ ବୁଦ୍ଧନାଥ ବିବାହ କରିଥିଲେ । କିନ୍ତୁ ବିବାହର ଦିନକ ପରେ ସମସ୍ୟା ସୃଷ୍ଟି ହୋଇଥିଲା । ବୋହୂ ଶଶୁର ଘରେ ନ ରହି ବାପଘରକୁ ଚାଲି ଯାଇଥିଲା । ସେ ବିବାହରେ ଖୁସି ନ ଥିବା କହିଥିଲେ । ବୁଦ୍ଧନାଥଙ୍କୁ ପସନ୍ଦ କରୁ ନାହାନ୍ତି । ତେଣୁ ତାଙ୍କ ସହ ରହିବେ ନାହିଁ ବୋଲି କହିଥିଲେ । ତେବେ ପରିବାର ସଦସ୍ୟ ଏବଂ ପଞ୍ଚାୟତ ବସି ବୁଝାସୁଝା କରିବାରୁ ଗତ ୫ ତାରିଖରେ ବୁଦ୍ଧନାଥଙ୍କ ସହ ସୁନିତା ଘରକୁ ଫେରିଥିଲେ । ଗତ ୧୪ ତାରିଖରେ ଦମ୍ପତି ଦମ୍ପତି ଛତିଶଗଡ଼ର ରାମନୁଜଗଞ୍ଜ ବୁଲିବାକୁ ଯାଇଥିଲେ । ଏହି ସମୟରେ କ୍ଷେତରେ ପକାଇବାକୁ ପାଇଁ କୀଟନାଶକ ଆଣିବାକୁ ସ୍ୱାମୀଙ୍କୁ କହିଥିଲେ । ଏହାର ଦିନକ ପରେ ଗତ ୧୫ ତାରିଖରେ ରାତିରେ ସୁନିତା ଖାଦ୍ୟରେ କୀଟନାଶକ ମିଶାଇ ସ୍ୱାମୀଙ୍କୁ ଖାଇବାକୁ ଦେଇଥିଲେ । ତା ପରଦିନ ସକାଳକୁ ବୁଦ୍ଧନାଥଙ୍କ ମୃତ୍ୟୁ ହୋଇଥିଲା । ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ ବିଷ ମାମଲା ସାମ୍‌ନାକୁ ଆସିଥିଲା ।

## ସିନ୍ଧୁ ଚୁକ୍ତି: ପାକିସ୍ତାନରେ ଚେନାବ ନଦୀର ଜଳସ୍ତର ୯୨% ହ୍ରାସ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଅର୍ଥାତ ଏପ୍ରିଲ ୨୪ରେ ପାକିସ୍ତାନ ସହ ହୋଇଥିବା ସିନ୍ଧୁ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିଲା । ଏବେ ଏହାର ଜବରଦସ୍ତ ପ୍ରଭାବ ପାକିସ୍ତାନରେ ଦେଖିବାକୁ ମିଳିଛି । ପାକିସ୍ତାନରେ ଚେନାବ ନଦୀର ଜଳ ପ୍ରବାହରେ ୯୨ ପ୍ରତିଶତ ହ୍ରାସ ପାଇଛି । ଗତ ମେ ୨୯ ରେ ନଦୀରେ ଜଳ ପ୍ରବାହ ୯୮ ହଜାର ୨୦୦ କ୍ୟୁସେକ ଥିଲା । ଏବେ ଏଥିରେ ଅବନଦୀ ହୋଇଛି ଏହା ଏବେ ୭୨୦୦ କ୍ୟୁସେକ୍‌ରେ ପହଞ୍ଚିଛି । ଜଳସ୍ତର ଏବେ ୩୦୦୦ କ୍ୟୁସେକ ଅର୍ଥାତ 'ଡେଡ୍ ଲେବଲ' ତଳକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି । ପାକିସ୍ତାନର ଦୁଇ ରାଜ୍ୟ ପଞ୍ଜାବ ଓ ସିନ୍ଧ୍‌ର ୬.୫ କୋଟି କୃଷକ ଜଳସେଚନ ନାଇଁ ଚେନାବ ଉପରେ ନିର୍ଭର କରିଥାନ୍ତି । ଜଳସ୍ତର କମିଥିବାରୁ ଏବେ ୪୦ ପ୍ରତିଶତର ଅଧିକ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସିନ୍ଧୁ ନଦୀ ଉପରେ ନିର୍ମିତ ତାରବେଲ ବନ୍ଧ ଓ ଝେଲମ ନଦୀ ଉପରେ ନିର୍ମିତ ମଙ୍ଗଲା ବନ୍ଧରେ ଜଳସ୍ତରରେ ବହୁତ ଅବନତୀ ହୋଇଛି । ଏହାକୁ ପାକିସ୍ତାନର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଛି । ଇତିହାସରେ ଏଥିର ଖରିପ ଫସଲ ଅମଳ ସବୁଠାରୁ ଖରାବ ହେବ ବୋଲି ଅନୁମାନ କରାଯାଉଛି । ଏପର୍ଯ୍ୟନ୍ତ ଏହି ଘଟଣାକ୍ରମରେ ପାକିସ୍ତାନରେ ୨୨୦୦ ଶହ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କୁହାଯାଇଛି । ପୂର୍ବରୁ ପାକିସ୍ତାନ ଭାରତକୁ ୪ଥର ଚିଠି ଲେଖି ପାଣି ଦେବାକୁ ଅନୁରୋଧ କରିସାରିଛି ।

## ୟୁକ୍ରେନର ୨୭ ଠିକଣାରେ ରୁଷ୍ ଆକ୍ରମଣ: ୧୫ ମୃତ

ମସ୍କୋ, ୧୭।୬ (ଏଜେନ୍ସି): ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷ୍ ଜୋରଦାର ଆକ୍ରମଣ କରିଛି । ମଙ୍ଗଳବାର ସକାଳେ ଅନେକ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି । ଏଥିରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି । ୪୪ ଜଣ ଆହତ ହୋଇଛନ୍ତି ବୋଲି ୟୁକ୍ରେନ ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ୟୁକ୍ରେନ ଗୃହମନ୍ତ୍ରୀ ଇହୋର କ୍ଲିମେଂକୋ କହିଛନ୍ତି ଯେ କିଭ୍‌ର ୨୭ ସ୍ଥାନରେ ଆକ୍ରମଣ କରାଯାଇଛି । ଏଥିରେ ଜନବହୁଳ କୋଠା, ସ୍କୁଲ୍ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା ବୋଲି କୁହାଯାଇଛି । ଏହା ପରେ କିଭ୍‌ରେ ୭ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଆକ୍ରମଣ ପାଇଁ ଚେତାବନୀ ଜାରି ହୋଇଥିଲା ।

## ଜୁଲାଇ ୧ରୁ ଅମରନାଥ ଯାତ୍ରା ମାର୍ଗରେ ନୋ ଫ୍ଲାଇଂ ଜୋନ୍

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଅମରନାଥ ଯାତ୍ରାର ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ଜମ୍ମୁ- କଶ୍ମୀର ସରକାର ପୂରା ଯାତ୍ରା ମାର୍ଗକୁ 'ନୋ ଫ୍ଲାଇଂ ଜୋନ୍' ଭାବେ ଘୋଷିତ କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି । ଜୁଲାଇ ୧ରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ଏହି ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ । ଏହିକ୍ରମରେ ଯାତ୍ରାପଥରେ ଡ୍ରୋନ୍, ୟୁଏଭି, ବେଲୁନ୍ ଉଡାଇବାକୁ ବାରଣ କରାଯାଇଛି । ତେବେ ଏହି ନିୟମ୍ ୟୁାସ୍ଥ୍ୟଗତ କାର୍ଯ୍ୟକ୍ରମ, ଆପାଦକାଳୀନ ସ୍ଥିତି ଓ ନିରାପତ୍ତାରକ୍ଷୀଙ୍କ ପାଇଁ କୋହଳ କରାଯିବ । ଏଥିପାଇଁ ଭିନ୍ନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡୋର (ଏସ୍‌ଓପି) ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ଏହି ଯାତ୍ର ପହଲଗାମ ଓ ବାଲଟାଲ ପଥରେ ଦେଇ ଯିବାକୁ ହୋଇଥାଏ ।

ଆର୍ମେନିଆ ଦେଇ ଫେରୁଛନ୍ତି ଭାରତୀୟ ଛାତ୍ର

## ଇରାନରେ ଫସିଛନ୍ତି ୟୁପିର ହଜାରେ ନାଗରିକ

ତେହରାନ, ୧୭।୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି । ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ବର୍ଷା ଜାରି ରଖିଛନ୍ତି । ଏହି ସଂଘର୍ଷରେ ଦୁଇ ଦେଶର ବିପୁଳ କ୍ଷୟକ୍ଷତି ହୋଇଛି । ତେବେ ଯୁଦ୍ଧ ଯୋଗୁଁ ଭାରତୀୟ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି । ୧୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଇରାନରେ ଫସି ରହିଛନ୍ତି । ଭାରତ ନିଜ ନାଗରିକଙ୍କୁ ଦୂତାବାସକୁ ତୁରନ୍ତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛି । ଏହା ସହିତ ବ୍ୟବସ୍ଥା ଥିଲେ ନିଜେ ଇରାନ ଛାଡ଼ିବାକୁ କୁହାଯାଇଛି । ଏହା ମଧ୍ୟରେ ଭାରତ ସରକାର ନାଗରିକଙ୍କୁ ଇରାନରୁ ବାହାର କରିବା ଆରମ୍ଭ କରିଛନ୍ତି । ଆର୍ମେନିଆ ସୀମା ଦେଇ କିଛି ଭାରତୀୟ ନାଗରିକଙ୍କୁ ଇରାନରୁ ଅଣାଯାଉଛି ବୋଲି ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ଅଧିକାଂଶ ସାମିଲ ଅଛନ୍ତି । ଏମାନେ ଇରାନର ଉର୍ମିଆ ସହରରେ ଏମବିବିଏସ ପଢୁଛନ୍ତି । ଏହି ଛାତ୍ରଙ୍କୁ ସୋମବାର ରାତିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଆର୍ମେନିଆ ସୀମାକୁ ନିଆଯାଇଥିଲା । ଏହା ମଧ୍ୟରେ ଧାର୍ମିକ ଯାତ୍ରାରେ ଯାଇଥିବା ଉତ୍ତର ପ୍ରଦେଶର ହଜାରେ ଲୋକ ଇରାନର ଫସିଥିବା ଜଣାପଡ଼ିଛି । ୩୪ ଜଣିଆ ଏକ ଗୋଷ୍ଠୀର ଏକ ଭିଡିଓ ଭାଇରାଲ ହୋଇଛି । ଇରାନ ଉପରେ ପ୍ରବଳ କ୍ଷେପଣାସ୍ତ୍ର ମାଡ଼ ଜାରି ରହିଥିବାବେଳେ ବିମାନ ଉଡ଼ାଣ ରଦ୍ଦ ହେବାରୁ ଏମାନେ ଫସି ରହିଛନ୍ତି । ଆଗାମୀ ଦିନରେ କଣ ହେବ କିଛି ଜାଣି ପାରୁ ନ ଥିବା କହିଛନ୍ତି । ପାଖରେ ନେଇଥିବା ଟଙ୍କା ସରି ସରି ଚାଲିଛି । ଯେକୌଣସି ପ୍ରକାରରେ ଦେଶରେ ପହଞ୍ଚିବାକୁ ଏହି ଭାରତୀୟ ଚାହିଁ ରହିଛନ୍ତି ।

## ରାଜାଙ୍କ ରକ୍ତ ଦେଖି ପଳାଇଥିଲା ସୋନମ

ସିଲଂ, ୧୭।୬ (ଏଜେନ୍ସି): ସିଲଂରେ ହନିମୁନ୍ ହତ୍ୟାକାଣ୍ଡକୁ ନେଇ ନୂଆ ନୂଆ ତଥ୍ୟ ସାମ୍‌ନାକୁ ଆସୁଥିବାବେଳେ ଆଜି ମେଘାଳୟ ପୁଲିସ କ୍ରାଇମ ସିନ୍ ରିକ୍ରିଏଟ କରିଛି । ରାଜା ରଘୁବଂଶୀ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ନେଇ ସୋହରାର ୱେଇ ସାଭଡୋଙ୍ଗ ଝରଣାରେ ପହଞ୍ଚିଛି । ପୂର୍ବ ଖାସି ହିଲ୍ସର ଏସ୍‌ପି ବିବେକ କହିଛନ୍ତି ଯେ ରାଜାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିଲା । ରାଜାଙ୍କ ଉପରେ ଆକ୍ରମଣ କରିବା ପାଇଁ ସୋନମ ନିର୍ଦ୍ଦେଶ ଦେଇଥିଲେ । ସଙ୍କେତ ମିଳିବା ପରେ ବିଶାଲ ଓରଫ ଭିକି ତାଙ୍କୁ ଆକ୍ରମଣ କରିଥିଲା । ଏହା ପରେ ରାଜାଙ୍କ ମୁଣ୍ଡରୁ ରକ୍ତ ବାହାରିବାରେ ଲାଗିଥିଲା । ଏହି ସମୟରେ ସୋନମ ରାଜାଙ୍କ ସାମ୍‌ନାରେ ଥିଲା । ବିଶାଲ ରାଜାଙ୍କ ଡାହାଣ ପାଖରେ ଏବଂ ଆକାଶ ଓ ଆନନ୍ଦ ବାମ ପଟେ ଛିଡା ହୋଇଥିଲା । ଏହି ସମୟରେ ବିଶାଲ ରାଜାଙ୍କ ମୁଣ୍ଡ ଉପରେ ଆକ୍ରମଣ କରିଥିଲା । ଏଥିରେ ରାଜାଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ରକ୍ତ ବାହାରିବା ଦେଖି ସୋନମ ସେଠାରୁ ଚାଲି ଯାଇଥିଲା । କାମ ସାରିଦିଅ ବୋଲି କହିଥିଲା । ଏହା ଶୁଣି ଆନନ୍ଦ ଏବଂ ଆକାଶ ଆକ୍ରମଣ କଲେ । ତିନି ଅଭିଯୁକ୍ତ ମୃତଦେହକୁ ତଳେ ପକାଇ ଦେଇଥିଲେ ।

ସୂଚନା ଅନୁଯାୟୀ କ୍ରାଇମ ସିନ୍ ରିକ୍ରିଏସନ ସମୟରେ ଫୋରେନସିକ୍ ବିଭାଗ ଏବଂ ଏସ୍‌ଡିଆରଏଫର ଟିମ୍ ମଧ୍ୟ ଉପସ୍ଥିତ ଥିଲେ । ସେହିପରି ଏସ୍‌ପି କହିଛନ୍ତି ଯେ ରାଜାଙ୍କ ଫୋନକୁ ନଷ୍ଟ କରିଦିଆଯାଇଛି । ପ୍ରଥମେ ସୋନମ ଏବଂ ପରେ ବିଶାଲ ଏହାକୁ ଭାଙ୍ଗି ଦେଇଥିଲା । ଅନ୍ୟପକ୍ଷରେ ସିଲଂ ପୁଲିସର ଏକ ଦଳ ଆଜି ଇନ୍ଦୋରରେ ପହଞ୍ଚିଥିଲା । ଦଳ ଦେବାସ ନାକା ଅଞ୍ଚଳରେ ଥିବା ଫ୍ଲାଟର ତଲାସୀ ନେଇଥିଲା । ବିଶାଲ ଏଠାରେ ଏକ ଫ୍ଲାଟ ଭଡା ନେଇଥିଲା । ଏଠାରେ ସୋନମ ୮ ଦିନ ପାଇଁ ରହିଥିଲେ । ଏହା ମଧ୍ୟରେ ସୋନମ ଗୁଣିଗାରେଡି କରୁଥିଲା ବୋଲି ରାଜାଙ୍କ ବାପା ଅଭିଯୋଗ କରିଛନ୍ତି ।

ବୋହୂ ଗୁଣିଗାରେଡି କରୁଥିଲା କହିଲେ ଶଶୁର



## ଆମେରିକାରେ ପାକିସ୍ତାନ ସେନାମୁଖ୍ୟଙ୍କୁ ବିରୋଧ

ୱାସିଂଟନ୍, ୧୭ ।୬(ଏଜେନ୍ସି): ଆମେରିକା ଗସ୍ତରେ ଯାଇଥିବା ପାକିସ୍ତାନ ସେନାଧ୍ୟକ୍ଷ ଅସିମ ମୁନିରଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । ଏକ ସରକାରୀ ଗସ୍ତରେ ଆମେରିକାର ଯାଇଥିବା ମୁନିରଙ୍କୁ ୱାସିଂଟନ ଡିସିରେ ପାକିସ୍ତାନ ନାଗରିକ ଓ ପାକିସ୍ତାନ ବଂଶୋଦ୍ଭବ ଲୋକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏମାନେ ଏକାଠି ହୋଇ ମୁନିରଙ୍କ ହୋଟେଲ ନିକଟରେ ତାଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ । ପାକିସ୍ତାନରେ ଗଣତନ୍ତ୍ରକୁ ପୁଣି ଥରେ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପ୍ରତିଷ୍ଠା କରିବାକୁ ସେମାନେ ଅପିଲ କରିଥିଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି । ହୋଟେଲ ନିକଟ୍‌ରେ ଏକ ମୋବାଇଲ୍ ଇଲେକଟ୍ରୋନିକ୍ ବିଲ୍‌ବୋର୍ଡ ଦେଖିବାକୁ ମିଳିଥିଲା । ଏଥିରେ 'ଆସିମ ମୁନିର, ଗଣହତ୍ୟାକାରୀ । ଯେବେ ବନ୍ଧୁକ ଗର୍ଜିବ, ତେବେ ଲୋକତନ୍ତ୍ରର ହତ୍ୟା ହେବ' ବୋଲି ଦେଖିବାକୁ ମିଳିଥିଲା । ସେହିପରି ଏମାନେ 'ଶେମ୍ ଅନ୍ ଅନ୍ ୟୁ, ଶେମ୍ ଫ୍ରି ପାକିସ୍ତାନ' ଭଳି ସ୍ଲୋଗନ ଦେଇଥିଲେ । ଏମାନେ ସବୁ ଇମ୍ରାନ ଖାନ୍‌ଙ୍କ 'ତହରିକ-ଏ- ଇନ୍‌ସାଫ୍' ପାର୍ଟିର ସମର୍ଥକ ଓ ଏମାନେ ଏହି ବିରୋଧ ପ୍ରଦର୍ଶନ ଆୟୋଜନ କରୁଛନ୍ତି ବୋଲି କୁହାଯାଇଛି । ପାକିସ୍ତାନରେ ଅଧିଷ୍ଠିତ ଏବେକାର ସରକାରଙ୍କୁ ଏମାନେ ଦୀର୍ଘ ବର୍ଷ ଧରି ବିରୋଧ କରିଆସୁଛନ୍ତି ।



## ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ରବିବାରଠାରୁ ଭର୍ତ୍ତି ହୋଇଥିବା କଂଗ୍ରେସର ସଂସଦୀୟ ଦଳ ମୁଖ୍ୟ ସୋନିଆ ଗାନ୍ଧୀଙ୍କ ପାକସ୍ଥଳୀ ସଂକ୍ରମଣ ହୋଇଛି । ଏବେ ସେ ଡାକ୍ତରଙ୍କ ପର୍ଯ୍ୟବେକ୍ଷଣରେ ଅଛନ୍ତି । ଧିରେ ଧିରେ ସୁସ୍ଥ ହେଉଛନ୍ତି ବୋଲି ହସ୍ପିଟାଲର ଅଧ୍ୟକ୍ଷ ଡ଼. ଅଜୟ ସ୍ୱରୂପ କହିଛନ୍ତି । ତେବେ ସେ କେଉଁ ଦିନ ମେଡିକାଲରୁ ଛାଡ଼ ପାଇବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତାଙ୍କ ଖାଦ୍ୟପଦାର୍ଥ ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ଡ. ଏସ ନନ୍ଦି ଏବଂ ଡ. ଅମିତାଭ ଯାଦବ ତୀକ୍ଷଣ ଦୃଷ୍ଟି ରଖିଛନ୍ତି । ରବିବାର ତାଙ୍କୁ ଗ୍ୟାଷ୍ଟ୍ରୋ ବିଭାଗରେ ଭର୍ତ୍ତି କରାଯାଇଥିଲା ।

# ଓଷୁଅ ଲାଗିହେଲେ ମହାପ୍ରଭୁ

ପୁରୀ,୧୭।୬(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଭିତରଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ସୋମବାର ଫୁଲୁରୀ ତେଲ ଲାଗି ହେବା ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ମଙ୍ଗଳବାର ଦାରୁଦିଅଁଙ୍କୁ ଓଷୁଅ ଲାଗି କରାଯାଇଛି। ସୂଚନାଥାଉ କି, ଅଣସର ସମୟରେ ମହାପ୍ରଭୁଙ୍କୁ ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଓଷୁଅ ଲାଗି କରାଯାଇଥାଏ। ଏହି ଚାରିଦିନ ମଧ୍ୟାହ୍ନ ଧୂପ ସରିବା ପରେ ଅଣସର ଘର ଖୋଲିଥାଏ। ଅଣ ଶୁଦ୍ଧସୁଆର ଝୁଣା, ରାଶି ତେଲରେ ପ୍ରସ୍ତୁତ କରିଥିବା ଓଷୁଅ ଦଇତାପତିମାନେ ନେଇ ଶ୍ରୀଅଙ୍ଗରେ ଲେପ ଦିଅନ୍ତି। ଏହାପରେ ଠାକୁରଙ୍କ ପାଖରେ ଚକଟା ଭୋଗ, ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି କରାଯାଇଥାଏ।


# ଗଛରେ ପିଟିହୋଇ ୨ ବାଇକ୍‌ଆରୋହୀଙ୍କ ମୃତ୍ୟୁ

କଲମପୁର,୧୭।୬(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର-ଜୁନାଗଡ ମୁଖ୍ୟ ରାସ୍ତାର ଦେପୁର ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ପରୁଆଗୁଡା ଗ୍ରାମର ରୋହିତ ପଟେଲ (୨୨) ଏବଂ ଜୁନାଗଡ ଥାନା ଅଧୀନ ମୁଣ୍ଡୁରାଗୁଡା ମହୁଲପଡାର ଅଜୟ ମାଝୀ(୧୫)। ସେହିଭଳି ଏମାନଙ୍କ ସହ ବାଇକ୍‌ରେ ଥିବା ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ଲକ୍ଷ୍ମୀକାନ୍ତ ମାଝୀ ଓରଫ ଛୋଟୁ ନାମକ (୧୪)। ଏମାନେ ସମସ୍ତେ ବାଇକ୍ (ଓଡି ୦୮ ଏମ ୬୭୨୪)ଯୋଗେ ବିଳମ୍ବିତ ରାତିରେ କଲମପୁର-ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡା ଗ୍ରାମକୁ ଯାଉଥିଲେ। ଦୁର୍ଭାଗ୍ୟକୁ ତାଳପଦର ଛକ ନିକଟରେ ବାଇକ୍‌ଟଇ ଭାରସାମ୍ୟ ହରାଇଥିଲା। ଏହାଫଳରେ ରାସ୍ତାକଡରେ ଥିବା ଏକ ଗଛରେ ଜୋର୍‌ରେ ବାଇକ୍‌ଟି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋହିତ ଏବଂ ଅଜୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଲକ୍ଷ୍ମୀକାନ୍ତଙ୍କୁ ତୁରନ୍ତ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କଲମପୁର ଥାନା ଏସ୍‌ଆଇ ପୁରୁଷୋତ୍ତମ ଜାନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ କଲମପୁର ଥାନାରେ ଏକ ମାମଲା ( ନଂ ୬୩/୨୦୨୫) ରୁଜୁ ହୋଇଛି।

# ସରକାରଙ୍କୁ ନୈତିକତାର ପାଠ ପଢ଼ାଇଲେ ଗଜପତି

## ପରିଚାଳନା କମିଟି ଗଠନ ଏତେ ବିଳମ୍ବ ଇତିହାସରେ କେବେ ହୋଇନି

ପୁରୀ,୧୭।୬(ସମିସ): ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କୁ ନେଇ ରାଜନୀତି କରିଆସିଛି ବିଜେପି। ନିର୍ବାଚନୀ ପ୍ରଚାରରେ ବଡ଼ଦେଉଳ ଏବଂ ମହାପ୍ରଭୁଙ୍କୁ ଲୋକଙ୍କ ସାମ୍ନାକୁ ଆଣି ଅନେକ ମିଛି କଥା କହିଛି। ନିର୍ବାଚନ ଜିତିବା ପରେ ବି ଶ୍ରୀମନ୍ଦିରକୁ ନେଇ ବଡ଼ ବଡ଼ କଥା କହିଛନ୍ତି ବିଜେପି ନେତା। ରାଜ୍ୟରେ ସରକାର ଗଢିବାର ବର୍ଷ ପୂର୍ତ୍ତି ପାଳନ କରୁଛି ବିଜେପି। ହେଲେ ଏହି ବର୍ଷେ ଭିତରେ ପରିକ୍ରମା ପ୍ରକଳ୍ପ ପାଇଁ କିଛି କଲେ ନାହିଁ। ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା ବୋଲି କହି ରାଜ୍ୟ ସରକାରଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଗଜପତି ମହାରାଜା ସରକାରଙ୍କ ଶ୍ରୀମନ୍ଦିର ପ୍ରୀତି କେତେ ତାହା ପଦାରେ ପକାଇ ଦେଇଛନ୍ତି।



ଗଜପତି ମହାରାଜା କହିଛନ୍ତି, ପରିକ୍ରମା ପ୍ରକଳ୍ପରେ ଆହୁରି କିଛି କାମ କରିବାର ଅଛି। ସରକାର ବଦଳିଲେ ଏବଂ ନୂଆ ସରକାର ଆସିଲେ। ଇତିମଧ୍ୟରେ ବର୍ଷ ପୂରିଥିଲେ ବି ପ୍ରକଳ୍ପ କାମରେ କିଛି ଅଗ୍ରଗତି ହୋଇନାହିଁ। ଚାରିଦ୍ୱାରକୁ କେହି କେବେ ବନ୍ଦ କରିଦେଇ ନ ଥାନ୍ତେ। ପ୍ରକଳ୍ପ କାମ ଚାଲୁଥିବାରୁ ଏହାକୁ ବନ୍ଦ କରାଯାଇଥିଲା। ପ୍ରକଳ୍ପ କାମ ପରେ ଦ୍ୱାର ଖୋଲିଲା। ଦୁର୍ଭାଗ୍ୟର ବିଷୟ ଦ୍ୱାର ଖୋଲିଥିଲେ ମଧ୍ୟ ଦର୍ଶନ ବ୍ୟବସ୍ଥାକୁ ଠିକ୍ କରାଯାଇ ପାରିନାହିଁ। କେଉଁ ଦ୍ୱାରରେ ଭକ୍ତ ପ୍ରବେଶ କରିବେ ଏବଂ କେଉଁ ଦ୍ୱାରରେ ବାହାରକୁ ବାହାରିବେ ତାହା ସ୍ଥିର ହୋଇନାହିଁ। ନାଟମଣ୍ଡପ ଏବଂ ଜଗମୋହନରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। କୋଭିଡ୍ ପରେ ଭକ୍ତଙ୍କ ସଂଖ୍ୟା

- ପରିକ୍ରମା ପ୍ରକଳ୍ପ କାମ ପାଇଁ ଶ୍ରୀମନ୍ଦିରର କିଛି ଦ୍ୱାର ବନ୍ଦ ଥିଲା
- କାମ ସରିଲା ପରେ ଦ୍ୱାର ଖୋଲିବା ସ୍ୱାଭାବିକ ପ୍ରକ୍ରିୟା
- ଦର୍ଶନ ଅବ୍ୟବସ୍ଥା ସୁଧୁରିଲା ନାହିଁ, ହଇରାଣ ହେଉଛନ୍ତି ଭକ୍ତ

ଯଥେଷ୍ଟ ବଢ଼ିଛି। ପୂର୍ବଭଳି ଶନିବାର କି ରବିବାର ଅବା ପର୍ବପର୍ବାଣିରେ କେବଳ ଭିଡ଼ ହେଉନାହିଁ, ଏବେ ପ୍ରାୟ ସବୁଦିନ ଭକ୍ତଙ୍କ ଭିଡ଼ ରହୁଛି। କିନ୍ତୁ ଦର୍ଶନ ବ୍ୟବସ୍ଥା ଏ ଯାଏ ଶୃଙ୍ଖଳିତ ହୋଇପାରିନି, ଯାହାକୁ ନେଇ ଦୁଃଖପ୍ରକାଶ କରିଛନ୍ତି ଗଜପତି ମହାରାଜା।

ଗଜପତି ମହାରାଜା କହିଛନ୍ତି, ରାଜ୍ୟରେ ନୂଆ ସରକାର ଯେତେବେଳେ ଆସିଲେ ଭାବିଲୁ କାମ ଦ୍ରୁତଗତିରେ ଚାଲିବ। ହେଲେ ବର୍ଷେ ଭିତରେ ସେମିତି କିଛି ପ୍ରଗତି ଦେଖି ପାରିନାହୁଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରାୟ ଶେଷ ହୋଇଛି। କିନ୍ତୁ ଏହି ବର୍ଷେ ଭିତରେ ଆଉ କୌଣସି ପ୍ରଗତି ହୋଇନାହିଁ। ଚାରିଦ୍ୱାର ଖୋଲା ହୋଇଥାନ୍ତା, ବନ୍ଦ ହେବାର ପ୍ରଶ୍ନ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଯେ ହେତୁ ଚାଲୁଥିଲା, କେତୋଟି ଦ୍ୱାର ବନ୍ଦ କରିବାକୁ ବାଧ ହୋଇଥିଲେ ପ୍ରଶାସନ। ବନ୍ଦ ନ ହୋଇଥିଲେ ପ୍ରକଳ୍ପ କାମ ହୋଇପାରି ନ ଥାନ୍ତା। ପ୍ରକଳ୍ପ କାମ ସରିଲା, ଦ୍ୱାର ଖୋଲିବା ସ୍ୱାଭାବିକ।

ସେହିପରି ୯ ମାସରୁ ଊର୍ଦ୍ଧ୍ୱ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରି ନାହିଁ। ଫଳରେ ଶ୍ରୀମନ୍ଦିର ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସମସ୍ୟା ହେଉଛି। ତେଣୁ ପରିଚାଳନା କମିଟି ଗଠନ ନ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା। ସେ କହିଛନ୍ତି, ପରିଚାଳନା କମିଟି ଭାଙ୍ଗିବାର ୯ ମାସ ପୂରିଗଲାଣି। ହେଲେ ସରକାର ଏ ଯାଏ ନୂଆ କମିଟି ଗଠନ କରିପାରିଲେ ନାହିଁ। ଏଭଳି ବିଳମ୍ବ ଇତିହାସରେ ପ୍ରଥମ। ପରିଚାଳନା କମିଟିରେ ୧୦ ଜଣ ମନୋନୀତ ସଦସ୍ୟ ରୁହନ୍ତି। ସେମାନଙ୍କର କାର୍ଯ୍ୟକାଳ ୩ ବର୍ଷ ରହୁଛି। ଅବଧି ସରିବା ପୂର୍ବରୁ କମିଟି ସଦସ୍ୟଙ୍କ ମନୋନୟନ ହେବା କଥା। ଏହାଦ୍ୱାରା ଶ୍ରୀମନ୍ଦିର ପରିଚାଳନା ସୂଚାରୁ ରୂପେ ହୋଇପାରିବ। ଶ୍ରୀମନ୍ଦିର ଆଇନ କହୁଛି ୨ଟି ବୈଠକ ମଧ୍ୟରେ ବ୍ୟବଧାନ ୨ ମାସରୁ ଅଧିକ ହୋଇପାରିବ ନାହିଁ। ଅର୍ଥାତ୍ ପ୍ରତ୍ୟେକ ୨ ମାସରେ ବୈଠକ ବସିବା କଥା। କିନ୍ତୁ ୯ ମାସ ହୋଇଗଲାଣି, ପରିଚାଳନା କମିଟି ବସିପାରି ନାହିଁ। ଏହିଭଳି ଇତିହାସରେ କେବେ ହୋଇନାହିଁ। ଆଗରୁ ବିଳମ୍ବ ହୋଇଛି କିନ୍ତୁ ଏତେ ବିଳମ୍ବ ହୋଇନାହିଁ, ଯାହାକି ହେବା ଅନୁଚିତ। ଗତବର୍ଷ ଜୁଲାଇ ପହିଲାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲୁ। ସେତେବେଳେ ଏହି ପ୍ରସଙ୍ଗ ଉଠାଇଥିଲୁ। ଆଉ ମାସେ, ଦୁଇମାସ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି। ଶୀଘ୍ର ଆପଣ ପ୍ରକ୍ରିୟା ଆରମ୍ଭ କରି ସଦସ୍ୟଙ୍କୁ ମନୋନୀତ କରନ୍ତୁ। ଯାହାଦ୍ୱାରା ପରିଚାଳନା କମିଟିର ବୈଠକ ସ୍ୱାଭାବିକ ହୋଇପାରିବ। ଏହାପରେ ବାରମ୍ବାର ଚିଠି ଲେଖି ଏବଂ ବ୍ୟକ୍ତିଗତ ସାକ୍ଷାତ୍ କରି ମଧ୍ୟ ଜଣାଇଛୁ। କିନ୍ତୁ କୌଣସି କାରଣରୁ ତାହା ଅଟକି ରହିଯାଇଛି ବୋଲି କହିଛନ୍ତି ଗଜପତି ମହାରାଜା।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଛତିଶା ନିଯୋଗ ସେବାୟତ

ଭୁବନେଶ୍ୱର,୧୭।୬(ସମିସ): ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରିତିନିଧି ଦଳ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ

- ରଥଯାତ୍ରା ପାଇଁ ନବୀନଙ୍କୁ କଲେ ଆମନ୍ତ୍ରଣ
- ପୁରୀ ପାଇଁ ନବୀନଙ୍କ କାର୍ଯ୍ୟକୁ ପ୍ରଶଂସା



ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେବାୟତମାନେ 'ପୁରୀ ଆପଣ ବହୁତ କିଛି କରିଛନ୍ତି। ରଥଯାତ୍ରାକୁ ନିଶ୍ଚୟ ଆସିବେ' ବୋଲି କହି ଶ୍ରୀ ପଟ୍ଟନାୟକଙ୍କୁ ଆମନ୍ତ୍ରଣ କରିଛନ୍ତି। ଜୁନ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସୃଷ୍ଟି ହେଲା ଲଘୁଚାପ; ୨୦ ଯାଏଁ ପ୍ରବଳ ବର୍ଷା

ଭୁବନେଶ୍ୱର,୧୭।୬(ସମିସ): ଦୁଇ ପର୍ଯ୍ୟାୟ ଓ ମୋଟ୍ ୪ ଦିନରେ ମୌସୁମୀ ସାରା ରାଜ୍ୟକୁ ଆଚ୍ଛାଦିତ କରିଛି। ମୌସୁମୀ ଅଗ୍ରସର ହେବା ଦ୍ୱାରା ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ଗତ ୨୮ ମେ'ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ଅଗ୍ରସର ହୋଇଥିଲା। ୧୭ ଦିନ ଧରି ନିଷ୍କ୍ରିୟ ରହିବା ପରେ ଏବେ ପୁଣ ମୌସୁମୀ ସକ୍ରିୟ ହୋଇଛି ଓ ସାରା ରାଜ୍ୟ ଉପରେ ବର୍ଷାର ଚାଦର ଢ଼ାଙ୍କିଛି।

ଅନ୍ୟପଟେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳେ ଦକ୍ଷିଣପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ମୌସୁମୀକୁ ଅଧିକ ସକ୍ରିୟ କରାଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଇଏମ୍‌ଡି ପକ୍ଷରୁ ଓଡ଼ିଶାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ବୁଧବାରଠାରୁ ୧୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ଭୀଷଣ ବର୍ଷା ହେବାର ଆଶଙ୍କା ରହିଥିବାରୁ ଏହି ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ ଓ ଯାଜପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଝାରସୁଗୁଡ଼ା, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବରଗଡ଼, ସୋନପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ସେହିପରି ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପର ସମ୍ଭାବନା ରହିଛି। ଏହାପ୍ରଭାବରେ ସାରା ରାଜ୍ୟରେ ଭଲ ବର୍ଷାର ସମ୍ଭାବନା ରହିଛି। ଅନୁରୂପ ଭାବରେ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବାକୁ ସମ୍ଭାବନା ଥିବାରୁ ଚଳିତ ବର୍ଷ ଜୁନ୍ ମାସରେ ବର୍ଷାର ପ୍ରଭାବ ଭଲ ରହିବା ନେଇ ପୂର୍ବାନୁମାନ କରାଯାଉଛି।

# ଗୋପାଳପୁର ଗଣଦୁଷ୍କର୍ମକୁ ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ଗୋପାଳପୁର କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣାରେ ସରକାରଙ୍କୁ କଟୁ ସମାଲୋଚନା କରିଛି ବିଜୁ ଜନତା ଦଳ। ଗୋପାଳପୁର ଭଳି ଏକ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ପର୍ଯ୍ୟଟନସ୍ଥଳୀରେ ଏହି ଭଳି ଘୃଣ୍ୟ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ରାଜ୍ୟ ବିଜେପି ସରକାର ଆତ୍ମପ୍ରଚାର ଓ ଉତ୍ସବ ପାଳନରେ ବିଭୋର ଥିଲା ବେଳେ ରାଜ୍ୟବାସୀଙ୍କ ସୁରକ୍ଷା ପ୍ରତି ସମ୍ବେଦନହୀନ ହୋଇପଡିଛନ୍ତି। ଫଳରେ ପବିତ୍ର ରଜ ପର୍ବରେ ବେଳାଭୂମିକୁ ଖୁସି ମନାଇବା ପାଇଁ ଆସିଥିବା ଏକ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ଶିକାର ହେବାକୁ ପଡିଛି। ଘଟଣାରେ ନୈତିକ ଦାୟିତ୍ୱ ନେଇ ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ଦାବି କରିଛନ୍ତି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ



- ଏକ ବର୍ଷ ମଧ୍ୟରେ ମହିଳାବିରୋଧୀ ହିଂସା ଉଦବେଗଜନକ ବୃଦ୍ଧି
- ମହିଳାଙ୍କ ସୁରକ୍ଷା କରନ୍ତୁ ସରକାର; ଉପମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାର କହିଛନ୍ତି ଯେ ଯେ ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଅପରାଧ କ୍ଷେତ୍ରରେ ଓଡିଶା ସର୍ବଭାରତୀୟ ସ୍ତରରେ ୮ମ ସ୍ଥାନରେ ପହଞ୍ଚି ଯାଇଛି । ଗତ ଏକ ବର୍ଷ ମଧ୍ୟରେ ୩୩ ପ୍ରତିଶତ ଫୌଜଦାରୀ ମକଦ୍ଦମା ବୃଦ୍ଧି ପାଇବା ସହ ଦୁଷ୍କର୍ମ ହାର ୮ ପ୍ରତିଶତ ବଢିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେଣୁ ନିଜ ଉପରକୁ ନୈତିକ ଦାୟିତ୍ୱ ନେଇ ରାଜ୍ୟର ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଥିଲେ ଯେ ପର୍ଯ୍ୟଟନର ବିକାଶ ପାଇଁ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ଏଭଳି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରି ସାରା ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଛନ୍ତି। ଗୋପାଳପୁର ବେଳାଭୂମିର ଗରିମାକୁ ସରକାର କ୍ଷୁର୍ଣ୍ଣ କରିଛନ୍ତି। ଏ ସରକାରରେ ଘରୁ ମହିଳାଟିଏ ଗୋଡ କାଢ଼ିଲେ ସୁରକ୍ଷିତ ଫେରିବା ପାଇଁ ନିଶ୍ଚିତ ହୋଇପାରୁନାହିଁ। ପୁଲିସ ବ୍ୟବସ୍ଥାକୁ ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ଅପରାଧୀଙ୍କର ଆଉ ଭୟ ରହୁନାହିଁ ଏବଂ ଏଭଳି ବେଧଡକ ଜଘନ୍ୟକାଣ୍ଡ ଭିଆଉଛନ୍ତି ବୋଲି ସେ ଅଭିଯୋଗ କରଥିଲେ।

## ■ ନକ୍ସଲଙ୍କ ନରସଂହାର

# ୩ ଜଣଙ୍କୁ ହତ୍ୟା, ୧୨ ଜଣଙ୍କୁ ଅପହରଣ

ମାଲକାନଗିରି, ୧୭।୬(ସମିସ): ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଜଣେ ଆତ୍ମସମର୍ପଣକାରୀ ନକ୍ସଲ ନେତାଙ୍କ ପରିବାରର ୩ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ବିଜାପୁରର ପେଡ୍ଡାକୋର୍ମା ଗାଁରେ ନକ୍ସଲମାନେ ଜଣେ ଛାତ୍ର ସମେତ ୩ ଜଣଙ୍କୁ ହତ୍ୟା କରିଛନ୍ତି। ମୃତକଙ୍କ ନାମ ଝିଙ୍ଗୁ ମୋଡିୟମ୍, ସୋମା ମୋଡିୟମ୍ ଏବଂ ଅନିଲ ମାଡଭି ବୋଲି ଜଣାପଡିଛି। ଏମାନଙ୍କ ବ୍ୟତୀତ ନକ୍ସଲମାନେ ୭ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ମାଡ଼ ମାରି ଆହତ କରିଛନ୍ତି। କୁହାଯାଉଛି ଯେ, ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିଛନ୍ତି। ନକ୍ସଲମାନେ ହତ୍ୟା କରିଥିବ ଗ୍ରାମବାସୀଙ୍କ ମଧ୍ୟରୁ ଦୁଇ ଜଣ ଆତ୍ମସମର୍ପଣକାରୀ ନକ୍ସଲ ନେତା ଦିନେଶ ମୋଡିୟମଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି। ନକ୍ସଲ ନେତା ଭେଲା ଏବଂ ତାଙ୍କ ଦଳ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟାଇଛନ୍ତି ବୋଲି ସୂଚନା ମିଳିଛି। ପୋଲିସ ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୨୭ରେ ସୀମିତ ରହିବ ଜମି କିସମ ସଂଖ୍ୟା

ଭୁବନେଶ୍ୱର,୧୭।୬(ସମିସ): ଜମିର କିସମ ସଂଖ୍ୟା ହ୍ରାସ ହେବ। ବର୍ତ୍ତମାନ ରାଜ୍ୟରେ ୭ ହଜାର କିସମ ପ୍ରଚଳିତ ହେଉଛି। ଏହାକୁ ୨୭ଟି କିସମରେ ସୀମିତ ରଖିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଅନେ ବ୍ରିଟିଶ ଅମଳର ଜମି କିସମ ଚାଲିଛି। ତଇଲା, ପାଳ, ଘରବାରି, ବଗାୟତ ଭଳି ରାଜ୍ୟରେ ୭ହଜାର ଜମି କିସମ ପ୍ରଚଳନ ରହିଛି। ଜମିର ଏଭଳି କିସମକୁ ନେଇ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ସମାନ ଚରିତ୍ର ଜମିର ଭିନ୍ନଭିନ୍ନ ନାଁ ଅର୍ଥାତ କିସମ ରହିଛି। ଏହାକୁ ସଂକୁଚିତ କରାଯିବ ଓ ୨୭ଟି କିସମରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହାର ଚୂଡ଼ାନ୍ତ ରୂପରେଖ ହୋଇଛି ଓ ଏ ନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିଭଳି ଜମି ସତ୍ତ୍ୱ ବା ମାଲିକାନାର ପରିବର୍ତ୍ତନ ଉପରେ ରାଜ୍ୟ ସରକାର ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସବୁ ପଞ୍ଚାୟତକୁ ତହସିଲ୍‌ଦାର ଓ ଅତିରିକ୍ତ ତହସିଲଦାର ଗସ୍ତ କରିବେ। ଅତି କମ୍‌ରେ ଦୁଇ ମାସରେ ଥରେ ତହସିଲ୍ ଅଫିସ୍ ଲୋକଙ୍କ ପାଖକୁ ଯିବ। ଲୋକେ ଘରେ ବସି କିପରି ସୁବିଧା ସୁଯୋଗ ପାଇବେ ସେନେଇ ବ୍ୟବସ୍ଥା କରାଯାଉଛି। ସେହିପରି ଲୋକେ ଘରେ ବସି ମୋବାଇଲ୍ ଆପ୍‌ରେ କିପରି ସେବା ପାଇପାରିବେ ସେନେଇ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମୋବାଇଲ୍‌ରେ ୧୮ଟି ରାଜସ୍ୱ ସୁବିଧା ମିଳିବ। ରାଜସ୍ୱ ସେବା ଲୋକଙ୍କୁ ପାଖକୁ ଯିବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଅଭିଜ୍ଞ ଲୋକ, ବିଧାୟକ, ସାଂସଦ, ଜମି ମାଲିକ ଓ ବିଶେଷଜ୍ଞମାନଙ୍କ ସହିତ ବିଚାର ବିମର୍ଶ କରାଯାଇ ସରକାର ନିଷ୍ପତ୍ତି ନେଉଛନ୍ତି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ସପ୍ତଗିରି

ଭୁବନେଶ୍ୱର,୧୭।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ମହିଳା ହିଂସା ଦୃତ ଗତିରେ ବଢ଼ି ଚାଲିଛି। ଗଣ ଦୁଷ୍କର୍ମ ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ସରକାର ସେମାନଙ୍କୁ ତୁରନ୍ତ ଗିରଫ କରି ଏଭଳି ଘଟଣା କିପରି ଆଗକୁ ନ ଘଟିବ ତାହା ସୁନିଶ୍ଚିତ କରନ୍ତୁ। ଅନ୍ୟପଟେ ଯଦି ଆଗକୁ ଏଭଳି ଘଟଣା ଘଟେ, ତେବ ରାଜ୍ୟର ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ସେହିପରି କଂଗ୍ରେସ ଦଳର ଏକମାତ୍ର ମହିଳା ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଏହି ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଗଣପର୍ବ ରଜ ପାଳନ କରାଯାଇ ନାରୀତ୍ୱକୁ ସମ୍ମାନ ଓ ନାରୀ ସଶକ୍ତକରଣର ବାର୍ତ୍ତା ଦେବା କଥା କହୁଯାଉଛି। ହେଲେ ଗୋପାଳପୁର ବିଚ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାର ଅତ୍ୟନ୍ତ ଲଜ୍ଜାଜନକ ଓ ଲୋମହର୍ଷଣକାରୀ। ପୁରୁଷ ବନ୍ଧୁଙ୍କୁ ବାନ୍ଧି ଦେଇ ମହିଳାଙ୍କୁ ଦଶ ଜଣ ଗଣ

## ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳା ଅସୁରକ୍ଷିତ: ସୋଫିଆ

ବଳାତ୍କାର କରିବା ହୃଦୟ ବିଦାରକ। କୌଣସି ନିସ୍ତବ୍ଧ ସ୍ଥାନ ନୁହେଁ, ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ମହିଳା ସୁରକ୍ଷିତ ନୁହନ୍ତି। ଏହା ନିଶ୍ଚୟ ଦୁଃଖଦାୟକ ଓ ନାରୀ ସୁରକ୍ଷା ଦିଗରେ ଚିନ୍ତାର ବିଷୟ ବୋଲି ସୋଫିଆ ନିଜ ଏକ୍ସ ମାଧ୍ୟମରେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିକୁ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ଆମ ସମସ୍ତଙ୍କୁ ପୁଣିଥରେ ବିବ୍ରତ କରିଦେଇଛି। ଏହି ଦୁଃଖଦ ସମୟରେ ତାଙ୍କ ପରିବାର ପ୍ରତି ଶ୍ରୀ ପଟ୍ଟନାୟକ ସମବେଦନା ଜଣାଇବା ସହ ଆମର ମା' ଏବଂ ଝିଅଙ୍କୁ ସୁରକ୍ଷା ଦେବା ପାଇଁ ବିଜେପି ସରକାର ଅସମର୍ଥ ବୋଲି ପ୍ରମାଣ କରିଦେଇଛନ୍ତି ବୋଲି ନିରଞ୍ଜନ କହିଛନ୍ତି। କୋରାପୁଟ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି ଯେ ଓଡିଶାରେ ଆଇନ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତତ ହୋଇପଡ଼ିଛି। ରାଜ୍ୟରେ ବଢୁଥିବା ଅପରାଧ, ଅନିୟନ୍ତ୍ରିତ ଅତ୍ୟାଚାର ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ନିଖୋଜ ଅଛନ୍ତି। ବାରମ୍ବାର ଚେତାବନୀ ସତ୍ତ୍ୱେ ସରକାର କୌଣସି ଉତ୍ତରଦାୟିତ୍ୱ ନେଉନାହାନ୍ତି। ମୁଖ୍ୟମନ୍ତ୍ରୀ ଏହି ବିଫଳତାକୁ ସ୍ୱୀକାର କରି ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି।

# ରୋଗୀମୃତ୍ୟୁ ନେଇ କୋରାପୁଟ ମେଡିକାଲରେ ଉତ୍ତେଜନା

କୋରାପୁଟ,୧୭।୬ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ମଙ୍ଗଳବାର ଜଣେ ୭୦ ବର୍ଷୀୟ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଘଟଣାକୁ ନେଇ ଡାକ୍ତରୀ ଛାତ୍ର ଓ ସମ୍ପର୍କୀୟ ମୁହାଁମୁହିଁ ସ୍ଥିତି ଉପୁଜି ଥିଲା। ଠିକ୍ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ଟାଉନ ଥାନା ପୁଲିସ ପହଞ୍ଚି ଅପ୍ରୀତିକର ପରିସ୍ଥିତିକୁ ଏଡାଇବାରେ ସକ୍ଷମ ହୋଇଥିଲେ। ସୂଚନା ଅନୁଯାୟୀ ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ଅନ୍ତର୍ଗତ ମାଳି ମୁଣ୍ଡାଗୁଡ଼ା

## ଡାକ୍ତରୀ ଛାତ୍ର ଓ ସମ୍ପର୍କୀୟ ମୁହାଁମୁହିଁ



ଗ୍ରାମର ଧନୁ ହନ୍ତାଳ (୭୦) ପେଟ ବଥା ଯୋଗୁଁ ୫ ଦିନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି ହୋଇ ସର୍ଜରୀ ୱାଡର୍‌ରେ ଚିକିତ୍ସିତ ହେଉଥିଲେ। ରୋଗୀଙ୍କ ସମ୍ପର୍କୀୟ କହିବା ଅନୁସାରେ ପେଟରେ ପାଣି ଜମି ଥିବାରୁ ବ୍ୟଥା ହେଉଥିବା ବିଷୟ ଡାକ୍ତର କହିବା ସହ ଆଜି ପାଣି କାଢ଼ିବାକୁ କହିଥିଲେ। କିନ୍ତୁ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ଧନୁଙ୍କ ସମ୍ପର୍କୀୟ ମାନେ ଡାକ୍ତରଙ୍କ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ୱାର୍ଡରୁ ମୃତଦେହ ନେବାକୁ ସମ୍ପର୍କୀୟମାନେ ରାଜି ନହେବାରୁ ପ୍ରଥମେ ସୁରକ୍ଷା କର୍ମୀଙ୍କ ସହ ବଚସା ହୋଇଥିଲା ଓ ମେଡିକାଲ ପରିସରରେ ଉତ୍ତେଜନା ବଢିଥିଲା। କେତେକ ସମ୍ପର୍କୀୟ ମେଡିକାଲ ପରିସର ଭାଙ୍ଗାରୁଜା କରିବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଡାକ୍ତରଙ୍କ ଉପରେ ସମ୍ପର୍କୀୟ ମାନଙ୍କ ଆକ୍ରମଣ ଦେଖି ଶତାଧିକ ଡାକ୍ତରୀ ଛାତ୍ର ସେଠାରେ ପହଞ୍ଚି ପ୍ରତି ଆକ୍ରମଣ କରିବାରୁ ସମ୍ପର୍କୀୟ ମାନେ ଛତ୍ରଭଙ୍ଗ ଦେଇଥିଲେ। ଖବର ପାଇ ହସ୍ପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ଓ କୋରାପୁଟ ଟାଉନ୍ ଥାନା ପୁଲିସର ଏକ ଟିମ୍ ପହଞ୍ଚି ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ କରିଥିଲେ। ଡାକ୍ତରଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପୁଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଛାତ୍ରମାନେ ଶାନ୍ତ ପଡ଼ିଥିଲେ। ଅନ୍ୟ ପକ୍ଷରେ ମୃତ ଧନୁ ହନ୍ତାଳଙ୍କର ଲିଭର୍ ସହ ଦୁଇଟି କିଡନୀ ନଷ୍ଟ ହୋଇ ଯାଇଥିଲା, ଯାହାକି ବଞ୍ଚିବାର ଆଶା କ୍ଷୀଣ, ତଥାପି ଚିକିତ୍ସା ଜାରି ରହିଥିଲା। କିନ୍ତୁ ତାହା ସଫଳ ହୋଇ ପାରିଲା ନାହିଁ। ଚିକିତ୍ସାରେ କୌଣସି ଅବହେଳା ହୋଇନାହିଁ। ଏହା ସମ୍ପର୍କୀୟ ମାନଙ୍କର ଭୁଲ ଚିନ୍ତାଧାରା ବୋଲି ହସ୍ପିଟାଲ ଅଧିକ୍ଷକ ପ୍ରଫେସର ସୁଶାନ୍ତ କୁମାର ସାହୁ କହିଛନ୍ତି।

ସକାଳ THE SAKALA



### ଶୋଭାରାମପୁର ରେଲୱେ ଓଭରବ୍ରିଜ ନିର୍ମାଣକୁ ୩ବର୍ଷ ପୂରିନି

# ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ୍ ରାସ୍ତା ଖାଲଖମା

ବାଲେଶ୍ୱର,୧୭।୬ (ସମିସ)



ବାଲେଶ୍ୱର ସହରର ଶୋଭାରାମପୁର ରେଲୱେ ଓଭରବ୍ରିଜ ନିର୍ମାଣ ହେବାର ତିନି ବର୍ଷ ପୂରିନି। ମାତ୍ର ବ୍ରିଜ ଉପର ରାସ୍ତାର ଭିନ୍ନଭିନ୍ନ ସ୍ଥାନ ଫାଟିଯାଇ ଖାଲଖମା ଦେଖାଦେଇଛି। ସନ୍ଧ୍ୟା ହେଲେ ବ୍ରିଜ ଉପରେ ଲାଗିଥିବା ଲାଇଟ ଗୁଡ଼ିକ ଜଳୁ ନଥିବା ଯୋଗୁଁ ଖାଲଖମାରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି ବାଇକ ଚାଳକ। ପ୍ରଶାସନର ଅବହେଳା ପାଇଁ ନୂଆ ନିର୍ମାଣ ହେଇଥିବା ଏହି ବ୍ରିଜର ଅବସ୍ଥା ବେହାଲ ହେଇଯାଇଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଗତ ୨୦୨୨ ମସିହାରେ ବାଲେଶ୍ୱର ସହରର ସୋଭରମପୁର ରେଳ ଫାଟକ ୭୯ ଠାରେ ୬୫କୋଟି ୬୬ ଲକ୍ଷ ୫୬ହଜାର ଟଙ୍କା ବ୍ୟୟରେ ରେଲୱେ ଓଭରବ୍ରିଜ ନିର୍ମାଣ ହେଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତ ୨୨/୧୨/୨୨ ତାରିଖରେ ଏହି ବ୍ରିଜକୁ ଲୋକାର୍ପିତ କରିଥିଲେ। ତେବେ ବ୍ରିଜ ଲୋକାର୍ପିତ ହେବାର ୬/୭ ମାସ ମଧ୍ୟରେ ବ୍ରିଜ ଉପର ରାସ୍ତା ଫାଟି ଯାଇ ଖାଲଖମା ଦେଖାଦେଇ ଥିଲା। ପୂର୍ତ୍ତ ବିଭାଗ ନିର୍ଦ୍ଦେଶରେ ଠିକାଦାର ବ୍ରିଜର ମରାମତି କରିଥିଲେ। ଏବେ ପୁଣି ଏହି ବ୍ରିଜ ରାସ୍ତାର ଅବସ୍ଥା ଖରାପ ହେଇଯାଇଛି। ବ୍ରିଜ ଉପର ଢ଼ଳେଇ ରାସ୍ତାର ଭିନ୍ନଭିନ୍ନ ସ୍ଥାନ ଫାଟି ଆଁ ହୋଇ ରହିଛି। କେତେକ ସ୍ଥାନ ଖାଲଖମା ସୃଷ୍ଟି ହୋଇଥିବା ଦେଖାଯାଇଛି। ପୁଣି ବ୍ରିଜର ସାଇଡ ୱାଲ ପାଶ୍ୱର୍ରେ ବର୍ଷା ଜଳ ନିଷ୍କାସିତ ହେବା ଲାଗି ଥିବା ହୋଲ ଗୁଡ଼ିକର ମୁଖ ଦ୍ୱାରରେ ବାଲି ଭର୍ତ୍ତି ହୋଇ ବନ୍ଦ ହୋଇଯାଇଛି। ଫଳରେ ବର୍ଷା ଜଳ ନିଷ୍କାସିତ ହେଇ ନପାରି ବ୍ରିଜ ଉପରେ ଜମି ରହୁଛି। ଏହାବାଦ୍ ବ୍ରିଜ ଉପରେ ପୌରପାଳିକା ପକ୍ଷରୁ ଯେଉଁ ହାଇମାଷ୍ଟ ଲାଇଟ ଲଗାଯାଇଛି, ସେଗୁଡିକ ମଧ୍ୟରୁ ଗୋଟାଏ ଦୁଇଟି ଲାଇଟ ଜଳୁଛି। ଅନ୍ୟ ଗୁଡ଼ିକ ଖରାପ ହେଇ ଯାଇଥିବା ଯୋଗୁଁ ଜଳୁ ନଥିବା ଦେଖା ଯାଇଛି। ସଂଧ୍ୟା ହେଲେ ଏହି ବ୍ରିଜ ଉପର ରାସ୍ତା ଅନ୍ଧକାରାଚ୍ଛନ୍ନ ହୋଇଯାଉଛି। ଯେଉଁଥି ପାଇଁ ରାତିରେ ବାଇକ ଚାଳକ ମାନେ ବ୍ରିଜ ଉପରେ ଯାଉଥିବା ବେଳେ ଖାଲଖମାରେ ପଡ଼ିଯାଇ ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଇଛି। ଏ ବାବଦରେ ନୂଆସାହି ଅଞ୍ଚଳର ବାସିନ୍ଦା ଲକ୍ଷ୍ମୀଧର ନାୟକ କହିଛନ୍ତି, ଏହି ବ୍ରିଜର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହେଇଥିବା ଯୋଗୁଁ ବାରମ୍ବାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଉଛି। ପୁଣି ପ୍ରଶାସନ ପକ୍ଷରୁ ବ୍ରିଜର ରକ୍ଷଣାବେକ୍ଷଣ କରା ଯାଉନି। ତେଣୁ ବ୍ରିଜର ଅନେକ ସ୍ଥାନରେ ଫାଟ ଦେଖା ଦେଇଥିବା ବେଳେ କେତେକ ସ୍ଥାନରେ ଖାଲ ହୋଇ ଯାଇଛି। ଏହି ଖାଲୁଆ ସ୍ଥାନରେ ବର୍ଷା ପାଣି ଜମି ରହି ଥିବାରୁ ବାଇକ୍ ଚାଳକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି। ଅପରପକ୍ଷରେ ବ୍ରିଜ ବାବଦରେ ପ୍ରତିକ୍ରିୟା ନେବା ପାଇଁ ପୂର୍ତ୍ତ ବିଭାଗ ଡିଭିଜନ -୧ର ଅଧୀକ୍ଷଣ ଯନ୍ତ୍ରୀଙ୍କ ମୋବାଇଲ ରେ ଯୋଗାଯୋଗ କରାଯାଇ ଥିଲେବି ସେ କଲ ରିସିଭ କରି ନାହାନ୍ତି। ମାତ୍ର ପୌରାଧ୍ୟକ୍ଷା ସବିତା ସାହୁ କହିଛନ୍ତି, ବ୍ରିଜର ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଉପରେ ରହିଛି। ଯେଉଁ ଲାଇଟ ବ୍ରିଜରେ ଲାଗି ଥିଲା, ତାହା ପୌରପାଳିକା ଲଗାଇ ନଥିଲା। ହୁଏତ ଠିକାଦାର ପକ୍ଷରୁ ସୋଲାର ଲାଇଟ୍ ଲଗାଯାଇ ଥିଲା। ସେ ଗୁଡ଼ିକ ଖରାପ ହେବା ପରେ ଆଉ ଲଗାଇ ନାହାନ୍ତି। ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କଲା ପରେ ଯଦି ପୌରପାଳିକାକୁ ଲାଇଟ୍ ଲଗାଇବାକୁ ପଡ଼ିବ ଲଗାଇ ଦେବୁ ବୋଲି ଅଧ୍ୟକ୍ଷା ସାହୁ କହିଛନ୍ତି।

**ଲାଇଟ ଜଳୁନି, ଅନ୍ଧକାରରେ ଦୁର୍ଘଟଣା ଘଟୁଛି**

---

● ପାରିବାରିକ କଳହରୁ ପତ୍ନୀ ଓ ଦୁଇ ପୁଅକୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କ ମୃତଦେହ ନଦୀରୁ ଉଦ୍ଧାର

ଭୋଗରାଇ, ୧୭।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖରିଦପିପଳ ପଞ୍ଚାୟତ ଦହମୁଣ୍ଡା ଗ୍ରାମର ପ୍ରଶାନ୍ତ ଜେନା ଗତ ସୋମବାର ନିଜ ପତ୍ନୀ ଓ ଦୁଇ ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ଘଟଣା ଭିନ୍ନ ମୋଡ଼ ନେଇଛି। ଏହି ଜଘନ୍ୟ ଘଟଣା ଘଟାଇଥିବା ସମ୍ପୃକ୍ତ ପ୍ରଶାନ୍ତ ଗତ କାଲି ଠାରୁ ଫେରାର ହୋଇଥିଲା ବେଳେ ଆଜି ତାର ଶବ ନିକଟସ୍ଥ ସୁବର୍ଣ୍ଣରେଖା ନଦୀରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ସକାଳେ ନଦୀରେ ଏକ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ଫେରାର ଥିବା ପ୍ରଶାନ୍ତଙ୍କ ମୃତ ଦେହ ବୋଲି ସନ୍ଦେହ ଉପୁଜିଥିଲା। ଏ ନେଇ କମର୍ଦ୍ଦା ଥାନାକୁ ଖବର ଦେବା ପରେ ପୁଲିସ ଉପସ୍ଥିତିରେ ଓଡ୍ରାଫ ଟିମ ପହଂଚି ମୃତଦେହଟିକୁ ଉଦ୍ଧାର କରିଥିଲା। ପରେ ଏହା ଫେରାର ଥିବା ପ୍ରଶାନ୍ତର ମୃତ ଦେହ ବୋଲି ଜଣା ପଡ଼ିଥିଲା। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ଦହମୁଣ୍ଡା ଗ୍ରାମରେ ପାରିବାରିକ କଳହରୁ ପ୍ରଶାନ୍ତ ଜେନା ନିଜ ସ୍ତ୍ରୀ ଓ ପୁଅକୁ ଟାଙ୍ଗିଆରେ ହାଣି ଲହୁ ଲୁହାଣ କରି ଫେରାର ହୋଇ ଯାଇଥିଲେ। ଆକ୍ରମଣରେ ଗୁରୁତର ଥିବା ପ୍ରଶାନ୍ତ ଙ୍କ ପତ୍ନୀ ଓ ପୁଅ ମାନଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନେ ଚିକିତ୍ସାଧିନ ଥିଲା ବେଳେ ପ୍ରଶାନ୍ତ ଜେନା ଗତକାଲିଠୁ ନିଖୋଜ ଥିଲେ। ଏହି ଘଟଣାକୁ ନେଇ କର୍ମଦା ପୁଲିସ ତଦନ୍ତ କରୁଥିଲା ବେଳେ ଆଜି ସକାଳେ ସୁବର୍ଣ୍ଣରେଖା ନଦୀରୁ ତାଙ୍କର ମୃତଦେହ ଉଦ୍ଧାର ହେବା ପରେ ଏହି ଘଟଣାର ତଦନ୍ତ ଭିନ୍ନମୋଡ଼ ନେଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ପୁଣି ଡାଇଭର୍ସନ ନେଲା ଜୀବନ, ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

ସୋର, ୧୭।୬ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ଡାଇଭର୍ସନ ନିକଟରେ ବ୍ରିଜ ଗୋପାଲ କନଷ୍ଟ୍ରକ୍ସନ କମ୍ପାନୀର ଖାମଖିଆଲି ନୀତି ପାଇଁ ଆଜି ଆଉ ଏକ ଜୀବନ ଯାଇଛି। ବିନା ସୂଚନାରେ ଏକପାଖିଆ ରାସ୍ତା କାରଣରୁ ଏକ ଅଜଣା ଟ୍ରକ ଧକ୍କାରେ



ଜଣେ ବାଇକ ଅରୋହୀଙ୍କର ମୃତ୍ୟୁ ହୋଇଛି। ଆଜି ଅପରାହ୍ଣରେ ସୋର ପୌରପାଳିକା ଅନ୍ତର୍ଗତ କମାଣପୁର ଗ୍ରାମର ହରିଶ ଚନ୍ଦ୍ର ମହାନ୍ତି (୨୧) ତାଙ୍କ ବାଇକ ଯୋଗେ ଛପୋଲିଆ ନିକଟରେ ଥିବା ନିଜ ଇଟା ଫାକ୍ଟ୍ରିକୁ ଯାଉଥିଲେ। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ବ୍ରିଜ ଗୋପାଲ କମ୍ପାନୀ ଆଜି ସେଠାରେ କୌଣସି ସୂଚନା ନ ଦେଇ ଏକ ଡ଼ାଇଭର୍ସନ ନିର୍ମାଣ କରିଛନ୍ତି। ତେବେ ଏକ ପାଖିଆ ରାସ୍ତା ପାଇଁ ସେ ଡ଼ାଇଭର୍ସନ ଦେଇ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ହରିଶଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ଏବଂ ସ୍ଥାନୀୟ ଲୋକେ ରାଜପଥ ଉପରେ ଶବକୁ ରଖି କ୍ଷତିପୂରଣ ଏବଂ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରି ଧାରଣାରେ ବସିଥିଲେ। ଜିଲ୍ଲାପାଳ ଘଟଣାସ୍ଥଳକୁ ଆସିବାକୁ ଧାରଣା କାରୀ ମାନେ ଅଡ଼ି ବସିଥିଲେ। ଫଳରେ ଉଭୟ ପାଶ୍ୱର୍ରେ ହଜାର ହଜାର ଗାଡି ରାସ୍ତାରେ ଅଟକିବା ସହିତ ଜାମ ହୋଇଯାଇଥିଲା। ଖବରପାଇ ସୋର ବିଧାୟକ ମାଧବ ଧଡ଼ା, ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ପରେ ଧାରଣାରୁ ଆନ୍ଦୋଳନ କାରୀ ମାନେ ଉଠିଥିଲେ। ବ୍ରିଜ ଗୋପାଲ କନଷ୍ଟ୍ରକସନ କମ୍ପାନୀର ମନମୁଖି କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଥିବାରୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଖାଲ



ବାଲେଶ୍ୱର,୧୭।୬(ସମିସ): ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଛି। ଆଜି ମୋଟ ୨୮୭ମିମି ବର୍ଷା ରେକର୍ଡ କରାଯାଇଛି। ଖଇରା ବ୍ଲକରେ ସର୍ବାଧିକ ୮୨ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଥିବା ବେଳେ ଖଇରାରେ ଦ୍ୱିତୀୟ ସର୍ବାଧିକ ୬୭ମିମି ବର୍ଷାର ପରିମାଣ ରେକର୍ଡ ଏବଂ ସୋରରେ ତୃତୀୟ ସର୍ବାଧିକ ୫୭ମିମି ବର୍ଷାର ରେକର୍ଡ କରାଯାଇଛି। ବାଲେଶ୍ୱରରେ ୭ମିମି ବର୍ଷା ରେକର୍ଡ ହୋଇଛି। ଏହି ବର୍ଷାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଗେଟ ଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ମୁଖ୍ୟ ଗେଟ ଠାରେ ଖାଲ ହୋଇଥିବା ବେଳେ ବାରମ୍ବାର ସେଥିରେ ଡଷ୍ଟ ପକାଇ କାର୍ଯ୍ୟ ହେଉଥିବା ବେଳେ ଘଂଟାଏ ବର୍ଷାରେ ତାହା ପୁଣିଥରେ ଖାଲ ହୋଇ ବର୍ଷାପାଣି ଜମି ରହୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଯେପରି ଦୃଷ୍ଟି ଦେଉନି।

---

## କେନ୍ଦ୍ରମନ୍ତ୍ରୀଙ୍କୁ ସିମୁଳିଆରେ ସମ୍ବର୍ଦ୍ଧନା

ସିମୁଳିଆ, ୧୭।୬ (ସମିସ): ବାଲେଶ୍ୱର ଜିଲ୍ଲା ସଦରର ପୂର୍ବତନ ବିଧାୟକ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବା ପାଇଁ ଯାଉଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିମୁଳିଆ ବିଧାୟକଙ୍କ ବାସଭବନ ସମ୍ମୁଖରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସିମୁଳିଆ ଚେୟାରମ୍ୟାନ ବାବାଜୀ ମଲ୍ଲିକ, ଅଣୁମାଧବ ପଣ୍ଡା. ନୀଳମାଧବ ପଣ୍ଡା, ୪୦ ନମ୍ବର ଜୋନର ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ୪୦ନମ୍ବର ମଣ୍ଡଳ ସଭାପତି ଅବିନାଶ ବେହେରା, ୪୨ ନମ୍ବର ଜୋନର ମଣ୍ଡଳ ସଭାପତି ସୁଶାନ୍ତ କୁମାର ନାୟକ, ସମିତିସଭ୍ୟ ଉତ୍ତମ କୁମାର ମହାନ୍ତି, ସରପଞ୍ଚ ଗୌତମ ପାଣିଗ୍ରାହୀ, ଗଣେଶ ପ୍ରସାଦ ସାହୁ, ସୁଶାନ୍ତ କୁମାର ସେଠୀ, କୃଷି ବିଭାଗର ଆଭା କମିଟିର ସଭାପତି ରମାକାନ୍ତ ପରିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଗାଁରେ ଯୁବକଙ୍କ ନିଆରା ପ୍ରୟାସ



ଔପଦା,୧୭।୬(ସମିସ) : ଗଣ ପର୍ବ ରଜରେ ଦାଣ୍ଡ ନାଳ ହେଲା ସଫା ଓ ଉଜ୍ୱଳ ଆଲୋକରେ ଝଲସିଲା ଗାଁ। ଔପଦା ବ୍ଲକ ତଳକିଆ ପଞ୍ଚାୟତ ପ୍ରତାପପୁର ଗାଁ ର ମା' କାଳନ୍ଦ୍ରୀ ସାଂସ୍କୃତିକ ପରିଷଦ ଟ୍ରଷ୍ଟର ଯୁବକ ମାନେ ଏକଜୁଟ ହୋଇ ରଜ ପର୍ବ ରେ ଗାଁ ପରିବେଶ ପରିସ୍କାର ପରିଚ୍ଛନ୍ନ କରିଥିଲେ। ଗାଁର ଦୁଇ ପାଶ୍ୱର୍ରେ ପାଣି ଜମି ଅପରିଷ୍କାର ହୋଇ ଥିବା ନାଳକୁ ଯୁବକ ମାନେ ପରିସ୍କାର କରିଥିଲେ। ଯୁବକ ମାନେ ଅର୍ଥ ସଂଗ୍ରହ କରି ଗାଁର ବିଦ୍ୟୁତ ଖୁଣ୍ଟିରେ ଆଲୋକ ସଂଯୋଗ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଟ୍ରଷ୍ଟର ସଭାପତି ଶତ୍ରୁଘ୍ନ ପ୍ରଧାନ, ସମ୍ପାଦକ ଅରବିନ୍ଦ ପ୍ରଧାନ, ଉପଦେଷ୍ଟା ଭରତ ଚନ୍ଦ୍ର ପ୍ରଧାନ, ବେଣୁଧର ପ୍ରଧାନ,ରମାକାନ୍ତ ପ୍ରଧାନ, ସୁଶାନ୍ତ ପ୍ରଧାନ, ଲକ୍ଷ୍ମଣ ବାରିକ, ମନୋରଞ୍ଜନ ବାରିକ, ଚକ୍ରଧର ପ୍ରଧାନ, ଭବେଶ ପ୍ରଧାନ, ଧର୍ମପଦ ସେଠୀ, ଶ୍ରୀନିବାସ ପ୍ରଧାନ,ଦିବାକର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଛବିବାଳା ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବ



କାଳିପଦା, ୧୭।୬ (ସମିସ): ବାଲିଆପାଳ ସୁବର୍ଣ୍ଣ ସମ୍ପର୍କ ପରିବାର ତରଫରୁ ମଙ୍ଗଳବାର ଛବିବାଳା ମେଧା ବୃତ୍ତି ସମ୍ମାନ ୨୦୨୫ ବାଲିଆପାଳ ବ୍ଲକରେ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି । ବାଲିଆପାଳସ୍ଥିତ ଶୁଭମ ଗେଷ୍ଟ ହାଉସରେ ସୁବର୍ଣ୍ଣ ସମ୍ପର୍କର ସଦସ୍ୟ ସଞ୍ଜୟ ପାତ୍ରଙ୍କ ସଭାପତିତ୍ୱରେ ଏଥିପାଇଁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କମିଟିର ସଂଯୋଜକ ଇଂ. ବିଜୟ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁବର୍ଣ୍ଣ ସମ୍ପର୍କର ପ୍ରତିଷ୍ଠାତା ଡ. ମୃତ୍ୟୁଞ୍ଜୟ ପଣ୍ଡା କମିଟି ଗଠନର ଉଦେଶ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ମୁଖ୍ୟଅତିଥି ରୂପେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଇଂ ହୃଷିକେଶ ସାହୁ, ଇଂ ଅଚ୍ୟୁତ ଦାସ, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ତଥା ଛବିବାଳା ମେଧା ବୃତ୍ତି ପ୍ରଦାନ କରୁଥିବା ହୃଦ୍‌ରୋଗ ବିଶେଷଜ୍ଞ ଡା. ବ୍ରଜରାଜ ଦାସ ମଂଚାସୀନ ହୋଇଥିଲେ। ବ୍ଲକରେ ଟପ୍ପର ହୋଇଥିବା ଶ୍ରେଷ୍ଠ ଚାରିଜଣ କେ ସି ହାଇସ୍କୁଲ ଶ୍ରୀରାମପୁରର ସ୍ୱାତୀପ୍ରଭା ପାତ୍ର, ଦେଭୋଗ ହାଇସ୍କୁଲର ସତ୍ୟଜିତ ଦାସ, ପଞ୍ଚୁ ପାଲି ହାଇସ୍କୁଲର ଜୟଶ୍ରୀ ବାରିକ ଓ ଲଙ୍ଗଳେଶ୍ୱର ସଚିନ୍ଦ୍ର କୁମାର ହାଇସ୍କୁଲର ଦେବ ପ୍ରିୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ବାଲିଆପାଳ ବ୍ଲକର ଅନ୍ୟାନ୍ୟ ହାଇସ୍କୁଲର ଏ -୧ ଛାତ୍ର ଛାତ୍ରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରେମୁଣାର ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଦାବିପତ୍ର



ବାଲେଶ୍ୱର, ୧୭।୬ (ସମିସ): ବାଲେଶ୍ୱର ରେମୁଣା ପର୍ଯ୍ୟଟନ ବିକାଶ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମଙ୍ଗଳବାର ଦିନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ପ୍ରଦାନ କରାଯାଇଛି। ରେମୁଣାରେ ଥିବା ବିଭିନ୍ନ ଐତିହାସିକ, ପୌରାଣିକ ଓ ଆଧ୍ୟାତ୍ମିକ ପୀଠସ୍ଥଳ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଘେରା ସ୍ଥାନର ବିକାଶ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚର ସଭାପତି ସାମ୍ବାଦିକ ଲକ୍ଷ୍ମୀଧର ଗାଁ'ଣ ଓ ସମ୍ପାଦକ ଅଦୈତ୍ୟ କୁମାର ଦାସଙ୍କ ନେତୃତ୍ୱରେ ସାମ୍ବାଦିକ ସୁରେଶ ଦାସ, ଶିଳ୍ପୀ କେଶୁ ଦାସ, ହରେକୃଷ୍ଣ ଗିରି, ପ୍ରଦୀପ ଜେନା, ବିନୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଦେବେନ୍ଦ୍ର ମଣ୍ଡଳ, ଉମେଶ ଚନ୍ଦ୍ର ମଣ୍ଡଳ, ଅଚ୍ୟୁତ ଦାସ, ପ୍ରମୁଖ ମନ୍ତ୍ରୀଙ୍କ ସହିତ ଆଲୋଚନା ବେଳେ ଉପସ୍ଥିତ ଥିଲେ। ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଆଲୋଚନା ହେଇଥିଲା। ବିସ୍ତୃତ ପ୍ରକଳ୍ପ ଖସଡ଼ା (ଡିପିଆର) ପ୍ରସ୍ତୁତ ପାଇଁ ଜିଲାପାଳଙ୍କୁ କୁହାଯିବ ବୋଲି ଉପମୁଖ୍ୟ ମନ୍ତ୍ରୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟଯେ ରେମୁଣାର ଦୁର୍ଗାଦେବୀ, ଭୀମେଶ୍ୱର, କନକଦୁର୍ଗା, କ୍ଷୀରଚୋରା ସଂଲଗ୍ନ ପଂଚତୀର୍ଥ, ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗର ସଙ୍ଗମ ସ୍ଥଳ,ପ୍ରସିଦ୍ଧ ଟୀକାକାର ପଣ୍ଡିତ ଶ୍ରୀଧରସ୍ୱାମୀ ପୀଠ ଏବଂ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମ ପୀଠକୁ ନେଇ ଏକ କରିଡର କରିବାର ପ୍ରସ୍ତାବ ଉପରେ ମଞ୍ଚ ପକ୍ଷରୁ ଏକାଧିକ ଥର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଆଜି ମଧ ମଞ୍ଚ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି।

---

## ବିଚିତ୍ରପୁରରେ ମନସା ଓ ସରସ୍ୱତୀ ମାତାଙ୍କ ପୂଜାର୍ଚ୍ଚନା



ଚନ୍ଦନେଶ୍ୱର, ୧୭।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବିଚିତ୍ରପୁର ଗ୍ରାମର ଶୀତଳା ମାତାଙ୍କ ପ୍ରାଙ୍ଗଣ ପୂଜା ମଣ୍ଡପରେ ମନସା ଓ ଶୀତଳା ମାତାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ହରିନାମ ସଂକୀର୍ତ୍ତନ ଓ ଅନ୍ନ ମହାମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଚିତ୍ରପୁର ସିଦ୍ଧେଶ୍ୱରୀ କ୍ଲବର ପୂଜା କମିଟି ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟ ତଥା ସହଯୋଗରେ ଦୀର୍ଘ ୩୫ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି। ଶନିବାର ମନସା ଓ ସରସ୍ୱତୀ ମାତାଙ୍କ ପୂଜାର୍ଚ୍ଚନା ହୋଇଥିଲା। ସୋମବାର ଅଷ୍ଟମ ପ୍ରହର ହରିନାମ ସଂକୀର୍ତ୍ତନ ଶୁଭାରମ୍ଭ ହୋଇ ସନ୍ଧ୍ୟାରେ ସନ୍ଧ୍ୟାଆଳତି ଓ ମେଳି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅନ୍ନ ମହା ମହୋତ୍ସବରେ ପ୍ରାୟ ତିନି ହଜାରରୁ ଅଧିକ ଲୋକ ପ୍ରସାଦ ସେବନ କରିଥିଲେ। ଏଥିରେ ଅଧୀର କୁମାର ଦାସ, ଭଗବାନ ସେଠୀ, ନନିଗୋପାଳ ଦାସ, ଦେବବ୍ରତ ଦାସ, ବିଜୟ ପ୍ରଧାନ ଅରବିନ୍ଦ ଦାସ, ନିମାଇଁ ଦାସ, ଆଶିଷ ପ୍ରଧାନ, କାଜଲ ପ୍ରଧାନ, ସୁରେନ୍ଦ୍ର ଦାସ, ଜୀବନକୃଷ୍ଣ ଦାସ, ମନୋରଞ୍ଜନ ଦାସ, ଅମିତ କୁମାର ଦାସ, ହରିପଦ ବାରିକ, ପ୍ରଦୀପ ବାରିକ ଓ କ୍ଲବ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିଥିଲେ।

**କାମଳ ରୋଗ ଆତଙ୍କ**

## ରକ୍ତ ନମୁନା ସଂଗ୍ରହ କଲା ସ୍ୱାସ୍ଥ୍ୟ ବିଭାଗ

କାଳିପଦା, ୧୭।୬ (ସମିସ)



ଦୂଷିତ ପାଣି ଯୋଗୁ ସାଉଡି ଗ୍ରାମରେ କାମଳ ରୋଗର ଆତଙ୍କ ଦେଖା ଦେଇଛି। ଖବର ପ୍ରସାରଣ ପରେ ଗ୍ରାଉଣ୍ଡ ଜିରୋରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ରକ୍ତ ନମୁନା ସଂଗ୍ରହ କରାଯାଇଛି। ତେବେ ସାଉଡି ପଞ୍ଚାୟତର ୪ ନମ୍ବର ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନଏମ୍ ସୀମା ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆଶା କର୍ମୀ ଜୟନ୍ତୀ ବେହେରା, ଅଙ୍ଗନବାଡ଼ି କର୍ମୀ ବେବିରାଣୀ ମଲ୍ଲିକ ପ୍ରମୁଖ ଗ୍ରାମକୁ ଆସି କାମଳ ରୋଗ ଲକ୍ଷଣ ଥିବା ପିଲା ମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ଦୂଷିତ ପାଣି ତଥା ପରିବେଶରୁ ସୁରକ୍ଷା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ସାଉଡି ପଞ୍ଚାୟତର ୱାର୍ଡ ନମ୍ବର ୪ ରେ ବସୁଧାପାଣି ପାଇଁ ହୋଇଥିବା ସ୍ଲୁଇସ୍ ଗେଟ୍ ଉପରେ ଢାଙ୍କୁଣି ପଡିନଥିବାରୁ ବର୍ଷାପାଣି କୁଣ୍ଡରେ ଦୀର୍ଘଦିନ ଜମିରହିବା, ଜମି ରହିଥିବା ପାଣିରେ ମଲା ବେଙ୍ଗ ଓ ଜୀବଜନ୍ତୁ ପଡିବା ଫଳରେ ପାନୀୟଜଳ ପାଇପ୍ ରେ ଦୂଷିତ ପାଣି ମିଶିବା ଫଳରେ ଛୋଟଛୋଟ ପିଲାଙ୍କୁ କାମଳ ରୋଗ ହେଉଥିବାର ଗ୍ରାମବାସୀଙ୍କ ଅଭିଯୋଗ କରିଥିଲେ। ତେବେ ବିପଦପୂର୍ଣ୍ଣ ତଥା ରୋଗକୁ ଡାକି ଆଣୁଥିବା ଢାଙ୍କୁଣି ବିହୀନ ସ୍ଲୁଇସ୍ କୁଣ୍ଡ ଉପରେ ଏକ କଂକ୍ରିଟ ଢାଙ୍କୁଣି ପାଇଁ ଗ୍ରାମବାସୀ ବିଭାଗୀୟ ସହକାରୀ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀଙ୍କ ଠାରେ ବାରମ୍ବାର ଅଭିଯୋଗ ପରେ ମଧ ସେ ଏହାକୁ ହାଲୁକା ଭାବରେ ନେଇଥିଲେ। ତେବେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କୁଣ୍ଡରୁ ଦୂଷିତ ପାଣି ନିଷ୍କାସନ କରାଯାଇଥିବା ବେଳେ ପ୍ରଭାବିତ ଗ୍ରାମରେ କାମଳ ରୋଗରେ ଆକ୍ରାନ୍ତ ପିଲାଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ଥିବା ବେଳେ ଡେରିରେ ହେଲେ ମଧ ପାନୀୟ ଜଳ ଯୋଗାଣ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ଦେଖାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ତେବେ କାର୍ଯ୍ୟରେ ଅବହେଳା ତଥା ଖାମଖିଆଲି ମନୋଭାବ ଦେଖାଇଥିବାରୁ ବିଭାଗୀୟ ସହକାରୀ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସଂପୃକ୍ତ ଯନ୍ତ୍ରୀ ବାଲିଆପାଳ ବ୍ଲକରେ ଦୀର୍ଘବର୍ଷ ଧରି ଚାକିରୀ କରୁଥିବାରୁ ତାଙ୍କୁ ତୁରନ୍ତ ବଦଳି ପାଇଁ ସାଧାରଣରେ ଦାବି ହେଉଛି।

## ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ଫାଷ୍ଟଫୁଡ୍



ବାଲେଶ୍ୱର,୧୭।୬ (ସମିସ): ସହରରେ ଭର୍ତ୍ତି ଭେଜାଲ ଖାଦ୍ୟ। ଚଢ଼ଉ ପରେ ବି ବନ୍ଦ ହେଉନି ବାସି ତଥା ଅପମିଶ୍ରିତ ଖାଦ୍ୟ ବିକ୍ରି। ଏଥିସହିତ ସହରରେ ଏବେ ହାଉଜାଉ ରାସ୍ତାକଡ ଛଣାଛଣି ଓ ଫାଷ୍ଟଫୁଡ୍ ଦୋକାନ। ପ୍ରତିଦିନ ଖାଇବା ପାଇଁ ଜମୁଛି ଲୋକଙ୍କ ଭିଡ। ବର୍ତ୍ତମାନ ସମୟରେ ବାହାର ଖାଦ୍ୟ ଖାଇବା ବିପଦ ଆଣିବାରେ। ବିଶେଷକରି ଅଧିକ ବିପଦ ଆଣିପାରେ ଗୁପଚୁପ ପାଣି। ହେଲେ ବାଲେଶ୍ୱର ସହର ଏଡିଏମ ଛକରେ ସନ୍ଧ୍ୟା ହେଲେ ସ୍ପେଶାଲ ଗୁପଚୁପ ଖାଇବା ପାଇଁ ନାହିଁ ନଥିବା ଭିଡ ଜମୁଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଇଜା ବ୍ୟାପିବାରେ ଲାଗିଛି। ଅସ୍ୱାସ୍ଥ୍ୟକର ବା ଦୂଷିତ ଖାଦ୍ୟ ଏବଂ ଜଳ ଏହାର ଅନ୍ୟତମ କାରଣ। ହେଲେ ସହରରେ ଦୂଷିତ ତଥା ଅପମିଶ୍ରିତ ଖାଦ୍ୟ ବିକ୍ରି ବନ୍ଦ ହେଉନଥିବା ଅଭିଯୋଗ ହେଉଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ଓ ଜରିମାନା ପରେ ବି ଏହା ବନ୍ଦ ହେଉନାହିଁ। ସହରରେ ବର୍ତ୍ତମାନ ଛତୁ ଫୁଟିଲା ପରି ଶତାଧିକ ଖାଦ୍ୟ ଖୋଲିଲାଣି। ଏଥିମଧ୍ୟରୁ ଅନେକ ବିନା ଲାଇସେନ୍ସରେ ମଧ୍ୟ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ ସମୟରେ ମଧ୍ୟ ଏହି କଥା ସାମ୍ନାକୁ ଆସିଛି। ସେଥିମଧ୍ୟରୁ ଏଡିଏମ୍ ଛକଠୁ ଆରମ୍ଭ କରି କଲେଜ ଛକ, ଗାନ୍ଧୀ ସ୍ମୃତି ଭବନ ସାମ୍ନା, ବିବେକାନନ୍ଦ ମାର୍ଗ, ହସ୍ପିଟାଲ୍ ରୋଡ୍, ଓଟି ରୋଡ୍, ଫକୀରମୋହନ ଗୋଲେଇ, ଫାଣ୍ଡି ଛକ, ମୋତିଗଞ୍ଜ ରାସ୍ତା, ଗଡଗଡିଆ, ସିନେମା ଛକ, ବସ୍ଷ୍ଟାଣ୍ଡ, ରେଳ ଷ୍ଟେସନ, ଡିଆଇସି ଛକ ଆଦି ସ୍ଥାନରେ ଉଠା ଦୋକାନୀ ତଥା ଫାଷ୍ଟ ଦୋକାନ ରହିଛି। ଗୁପଚୁପ ଠୁ ଆରମ୍ଭ କରି ଦହିବରା, ପିଜା, ମୋମୋ ଆଦି ବିକ୍ରି ହେଉଛି। ଯାହାକୁ ଖାଇବା ପାଇଁ ପ୍ରତିଦିନ ଲୋକ ଭିଡ଼ ଜମାଉଛନ୍ତି। ଏଡିଏମ୍ ଛକ ଗୁପଚୁପ ପାଇଁ ଚର୍ଚ୍ଚିତ। ଦିନ ହେଉ ଅବା ସନ୍ଧ୍ୟା ସେଠାରେ ଗୁପଚୁପ ସହ ଅନ୍ୟ ଖାଦ୍ୟ ପାଇଁ ଭିଡ଼ ଅସମ୍ଭାଳ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦୋକାନ ଗୁଡ଼ିକ ନାଳ ତଥା ଡ୍ରେନ୍ କଡକୁ ଲାଗି ରହିଛି। ଫଳରେ ଗୋଟିଏ ପ୍ରକାର ଦୂଷିତ ପରିବେଶ ଭିତରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳୁଛି। ଏହାବ୍ୟତୀତ ସହରର ଛୋଟଠୁ ଆରମ୍ଭ କରି ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ଅପମିଶ୍ରଣ ତଥା ବାସି ଖାଦ୍ୟ ପରସା ଯାଉଛି। ଯାହା ଚଢ଼ଉ ପରେ ପ୍ରକୃତ ଚିତ୍ର ସାମ୍ନାକୁ ଆସିଛି।

# ଜିଲ୍ଲାରେ ପିଇବା ପାଣି ବିଶୋଧନ ଅଭିଯାନ

ବାଲେଶ୍ୱର,୧୭।୬ (ସମିସ)





କଥାରେ ଅଛି 'ପାଣି ପିଇବ ଛାଣି, ପଇସା ନେବ ଗଣି'। ବର୍ତ୍ତମାନ ସମୟରେ ଏହି ଉକ୍ତିର ଯଥାର୍ଥତା ଅଧିକ ରହିଛି। କାରଣ ଏବେ ଜିଲ୍ଲା ପରେ ଜିଲ୍ଲା ହଇଜା ଓ ଡାଇରିଆ ବ୍ୟାପୁଥିବା ବେଳେ ବାହାରେ ଏଣୁତେଣୁ ପାଣି ପିଇବା ବିପଦ ହୋଇପାରେ। କାରଣ ବାହାରର ପାଣି ଅପରିଷ୍କାର ଏବଂ ବିଶ୍ୱାସଯୋଗ୍ୟ ନୁହେଁ। ହଇଜା ଓ ଡାଇରିଆ ବ୍ୟାପିବା ଆଶଙ୍କାରେ ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହୋଇଯାଇଛି ପାଣି ବିଶୋଧନ ପ୍ରକ୍ରିୟା। ଜିଲ୍ଲା ଜନସ୍ୱାସ୍ଥ୍ୟ ଡିଭିଜନ ପକ୍ଷରୁ ନଳକୂପ ଓ ଗଭୀର ନଳକୂପ ବିଶୋଧନ କରାଯାଉଛି। ପ୍ରଥମେ ସରକାରୀ ନଳକୂପକୁ ଗୁରୁତ୍ୱ ଦିଆଯାଇ ବିଶୋଧନ କରାଯାଉଛି। ଏହାପରେ ଘରୋଇ ନଳକୂପ ବିଶୋଧନ କରାଯିବ।

ପ୍ରକାଶ ଥାଉ କି, ବର୍ତ୍ତମାନ ସମୟରେ ଲୋକେ ସରକାରୀ ଅପେକ୍ଷା ନିଜର ତଥା ଘରୋଇ ନଳକୂପ ପାଣି ବ୍ୟବହାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଘରୋଇ ନଳକୂପକୁ ମଧ୍ୟ ସମାନ ଗୁରୁତ୍ୱ ଭାବେ ବିଶୋଧନ କରିବା ଆବଶ୍ୟକ ବୋଲି କିଛି ସଚେତନ ନାଗରିକ ମତପ୍ରକାଶ କରିଛନ୍ତି। ଏହାବ୍ୟତୀତ ସ୍କୁଲ, ଅଙ୍ଗନବାଡ଼ି ଆଦି ମଧ୍ୟ ବିଶୋଧନ ହେବାର ନିର୍ଦ୍ଦେଶ ରହିଛି। ଗୋଟିଏ ସପ୍ତାହ ଭିତରେ ଏହି ବିଶୋଧନ କାମ ଶେଷ ହେବାର ଲକ୍ଷ୍ୟ ରଖିଛି ବିଭାଗ। ବର୍ଷାଦିନ ଆରମ୍ଭରୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବ୍ୟାପିଲାଣି ଡାଇରିଆ। ଯାଜପୁରରେ କରାଳ ରୂପ ଦେଖାଇଥିବା ଡାଇରିଆ ଏବେ ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, କଟକ, କେନ୍ଦ୍ରାପଡା ଆଦି ଜିଲ୍ଲାକୁ ବ୍ୟାପିଲାଣି। ବାହାର ଦୂଷିତ ପାଣି ଓ ବାହାରର ଖାଦ୍ୟ ପାଇଁ ଏହା ବ୍ୟାପୁଥିବା ଆଶଙ୍କା କରାଯାଉଛି। ମାତ୍ର କେଉଁ ଉତ୍ସରୁ ଡାଇରିଆ ବ୍ୟାପିଲା ସେନେଇ ସରକାର ମଧ୍ୟ କିଛି ସ୍ପଷ୍ଟ କରିନାହାନ୍ତି। କେବଳ ଜିଲ୍ଲାଗୁଡ଼ିକର ପାଣି ବିଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଜଳ ବିଶୋଧନ ଅଭିଯାନ। ଜିଲ୍ଲାର ପୌରାଞ୍ଚଳ ତଥା ପଞ୍ଚାୟତ ଅଞ୍ଚଳରେ ସମସ୍ତ ନଳକୂପ, ଗଭୀର ନଳକୂପ ଜୀବାଣୁମୁକ୍ତ କରିବା ପାଇଁ ଉଭୟ ପିଏଚଡି ଓ ଆରଡବ୍ଲୁଏସଏସକୁ ନିର୍ଦ୍ଦେଶ ଦିଆଯାଇଛି। ଆରଡବ୍ଲୁଏସଏସ (ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ) ପକ୍ଷରୁ ଜିଲ୍ଲାରେ ଜଳ ବିଶୋଧନ କାମ ଚାଲିଛି। ବିଭାଗ ପକ୍ଷରୁ ୨୨ ହଜାର ୬୯ଟି ନଳକୂପ ମଧ୍ୟରୁ ୪ ହଜାରରୁ ଅଧିକ ନଳକୂପ ବିଶୋଧନ ସରିଛି। ଏଥିସହିତ ଗଭୀର ନଳକୂପ ଉତ୍ସ ୧୩ ହଜାର ୩୩ ମଧ୍ୟରୁ ୨୫୫ ଟି, ୧୧୮୦ ଟି ଓଭର ହେଡ୍ ଟାଙ୍କି ମଧ୍ୟରୁ ୧୧୧ଟି ଏବଂ ପ୍ରାଇଭେଟ୍ ନଳକୂପ ୬୬ ଟି ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳରେ ବିଶୋଧନ କରାଯାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ସମସ୍ତ ଜଳ ଉତ୍ସ ବିଶୋଧନ ହେବାର ଲକ୍ଷ୍ୟ ରଖାଯାଇଛି। ଉକ୍ତ ବିଭାଗ ସରକାରୀ ମୁଖ୍ୟଯନ୍ତ୍ରୀ ସମୀର କୁମାର ଦେ ଜିଲ୍ଲାର ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ଏଥିସହିତ ଜିଲ୍ଲା ନିର୍ବାହୀ ଯନ୍ତ୍ରୀ ରେବତୀ କୁଅଁର, ଏସଡିଓ ସଦର ମିରାଲିନ ପାତ୍ର ଓ ଏସଡିଓ ସୋର ସଂଯୁକ୍ତା ପାଣିଗ୍ରାହୀ ଗ୍ରାମାଞ୍ଚଳର ସମସ୍ତ କାମ ତଦାରଖ କରୁଛନ୍ତି। ସମସ୍ତ ମହିଳା ଏକାଠି ହୋଇ ଗ୍ରାମାଞ୍ଚଳରେ ପାନୀୟ ଜଳ ବିଶୋଧନ କାମରେ ସହଯୋଗ କରୁଛନ୍ତି। ଜିଲ୍ଲାରେ ୫ଟି ଟାଉନ୍ ରେ ୧୨୪୨ଟି ସରକାରୀ ନଳକୂପ ଏବଂ ୨୫୦ଟି ଗଭୀର ନଳକୂପ ରହିଛି। ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୯୪ ଟି ନଳକୂପ ବିଶୋଧନ ହୋଇଛି। ଏଥିରେ ବାଲେଶ୍ୱର ସହରରେ ୨୫ ଟି, ରେମୁଣାରେ ୧୧ ଟି, ଜଳେଶ୍ୱରରେ ୮ଟି, ସୋରରେ ୩୫ ଟି ଏବଂ ନୀଳଗିରିରେ ୧୫ ଟି ନଳକୂପ ବିଶୋଧନ ସରିଛି। ଏଥିସହିତ ଗଭୀର ନଳକୂପ ୬୨ ଟି ଜୀବାଣୁମୁକ୍ତ ବା ବିଶୋଧନ କରାଯାଇଛି। ହଇଜା ଓ ଡାଇରିଆ ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ପ୍ରଥମେ ସରକାରୀ ନଳକୂପ ବିଶୋଧନ ପରେ ଘରୋଇ ନଳକୂପ କରିବାକୁ ନିର୍ଦ୍ଦେଶ ରହିଛି। ୧୩ ତାରିଖରୁ ବିଭାଗ ଜଳ ବିଶୋଧନ କାମ ଆରମ୍ଭ କରିସାରିଛି। ପ୍ରତିଦିନ କର୍ମଚାରୀ ଏହି କାମ କରୁଛନ୍ତି। ବ୍ଲିଚିଂ ପକାଇ ବିଶୋଧନ କରୁଛନ୍ତି। ଆସନ୍ତା ସାତ ଦିନ ଭିତରେ ସମସ୍ତ ଜଳ ଉତ୍ସ ତଥା ନଳକୂପ, ଗଭୀର ନଳକୂପ ବିଶୋଧନ କାମ ସାରିବାର ଟାର୍ଗେଟ ରଖିଛୁ। ତେବେ ଲୋକମାନେ ନିଜେ ମଧ୍ୟ ସତର୍କ ହେବା ଦରକାର। ସହରର ଏଣେତେଣେ ବା ଦୋକାନ, ବଜାରରୁ ମନ ଇଚ୍ଛା ପାଣି ପିଇ ଦେଉଛନ୍ତି। କାରଣ ରାସ୍ତା କଡ ଦୋକାନ ଗୁଡ଼ିକ କେଉଁ ପାଣି ବ୍ୟବହାର କରୁଛନ୍ତି ତାହା ଜଣାନାହିଁ। ତେଣୁ ବାହାରେ ପାଣି ପିଇବା ଉଚିତ ନୁହେଁ। ଏ ଦିଗରେ ବର୍ତମାନ ସଚେତନ ରହିବା ଆବଶ୍ୟକ ବୋଲି ଜିଲ୍ଲା ଜନସ୍ୱାସ୍ଥ୍ୟ ଡିଭିଜନର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ନବୀନ ଚନ୍ଦ୍ର ସିଂ କହିଛନ୍ତି।

## ଓକିଲ ସଂଘର ସାଧାରଣ ବୈଠକ

ସୋର, ୧୭।୬ (ସମିସ): ସୋର ଓକିଲ ସଙ୍ଘ କାର୍ଯ୍ୟାଳୟରେ ଓକିଲ ସଂଘର ଏକ ସାଧାରଣ ବୈଠକ ସଙ୍ଘ ସଭାପତି ନିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତ ୬ ତାରିଖରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ଜଣେ ଆଇଏଏସ ଅଧିକାରିଣୀଙ୍କ ଅଭଦ୍ରୋଚିତ ବ୍ୟବହାର ଏବଂ ସହଦେବଖୁଣ୍ଟା ଥାନା ପରିସରରେ ତାଙ୍କୁ ଦିଆଯାଇଥିବା ନିର୍ଯାତନା ବାବଦରେ ବିସ୍ତୃତ ଆଲୋଚନା କରି ଏକ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଂଘର ସମସ୍ତ ସଦସ୍ୟ ସଦସ୍ୟା ମାନେ ଭବିଷ୍ୟତରେ ଜିଲ୍ଲା ଆଇନଜୀବୀ ସଙ୍ଘର ନିଷ୍ପତ୍ତିକୁ ସମର୍ଥନ କରିବାର ମତ ପୋଷଣ କରିଥିଲେ।

## ଗୁପ୍‌ଚୁପ୍ ଓ ଦହିବରା ପାଣି ନମୁନା ସଂଗ୍ରହ

ବାଲେଶ୍ୱର,୧୭।୬ (ସମିସ): ସହରରୁ ଆଜି ଗୁପଚୁପ ଓ ଦହିବରା ପାଣିର ନମୁନା ସଂଗ୍ରହ କରାଯାଇଛି। ବିଶେଷକରି ସହରର ଏଡିଏମ୍ ଛକ ଗୁପଚୁପ ବ୍ୟବସାୟର ମୁଖ୍ୟସ୍ଥଳ ହୋଇଥିବାରୁ ସ୍ୱାସ୍ଥ୍ୟ ତଥା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଜି ନମୁନା ସଂଗ୍ରହ ହୋଇଛି। ଏଥିସହିତ କଲେଜ ଛକ ନିକଟରେ ମଧ୍ୟ ଯାଞ୍ଚ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ଜିଲ୍ଲାକୁ ଜିଲ୍ଲା ହଇଜା, ଡାଇରିଆ ବ୍ୟାପିବାରେ ଲାଗିଛି। ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ସ୍ଥିତି ସାଙ୍ଘାତିକ ହେବାରେ ଲାଗିଛି। ପଡୋଶୀ ଜିଲ୍ଲାକୁ ମଧ୍ୟ ଏହା ମାରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆଜି ବାଲେଶ୍ୱର ସହରରେ ଗୁପଚୁପ ଓ ଦହିବରା ପାଣି ନମୁନା ସଂଗ୍ରହ କରାଯାଇ ଲାବ୍‌କୁ ପରୀକ୍ଷା ପାଇଁ ପଠାଯାଇଛି। ଏଥିସହିତ କଲେଜ ଛକ ଅଞ୍ଚଳରେ ମଧ୍ୟ ଖାଦ୍ୟ ଯାଞ୍ଚ କରାଯାଇଛି। ଏହାବ୍ୟତୀତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ଖାଦ୍ୟ ଓ ପାଣି ଯାଞ୍ଚ କରାଯାଇଛି। ସେଠାରେ ପ୍ରତିଦିନ ବହୁତ ଲୋକ ଖାଉଥିବାରୁ ସେଠାରୁ ମଧ୍ୟ ନମୁନା ସଂଗ୍ରହ ହୋଇଥିବା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଯାଞ୍ଚ ସମୟରେ ଏପିଡର୍ମୋଲୋଜିଷ୍ଟ, ମାଇକ୍ରୋବାୟୋଲୋଜିଷ୍ଟ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସାମିଲ ରହିଥିଲେ।




## ନିଟ୍ ୟୁଜି ପରୀକ୍ଷାରେ ସୁଲଗ୍ନା କଲେଜ ଛାତ୍ରଛାତ୍ରୀଙ୍କ ସଫଳତା




ବାଲେଶ୍ୱର,୧୭।୬ (ସମିସ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଦ୍ୱାରା ପରିଚାଳିତ ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି ପରୀକ୍ଷା-୨୦୨୫ର ଫଳ ପ୍ରକାଶ ପାଇଛି। ଏହି ମେଡିକାଲ ପ୍ରବେଶିକା ପରୀକ୍ଷା ପାଇଁ ସର୍ବଭାରତୀୟ ସ୍ତରରେ ୨୪ ଲକ୍ଷ ପିଲା ପରୀକ୍ଷା ଦେଇଥିବା ବେଳେ ବାଲେଶ୍ୱରର ମଠସାହି, ସରିତାନଗରସ୍ଥିତ ସୁଲଗ୍ନା କଲେଜର ଛାତ୍ରଛାତ୍ରୀଙ୍କ ସଫଳତା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମିହିର ପାଣିଗ୍ରାହୀ ୫୭୬, ଜ୍ୟୋତିର୍ମୟୀ ମିଶ୍ର ୫୨୫, ରଚିତା ପ୍ରିୟଦର୍ଶିନୀ ପଣ୍ଡା ୫୨୪, ସ୍ୱାଗତ ବେରା ୫୨୪ , ସିତିଜ୍ ସାହୁ ୫୦୨, ସୋନାଲି ଶତପଥୀ ୪୭୨, ସ୍ନେହଦୀପ ଘୋଷ ୪୬୪ ଓ ଅବିନାଶ ବେହେରା ୪୪୨ ମାର୍କ ରଖି ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ କୃତକାର୍ଯ୍ୟ ହୋଇଛନ୍ତି ବୋଲି ଜଣାପଡିଛି। ଏହି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। କଠିନ ପରିଶ୍ରମ, ଅଧ୍ୟବସାୟ ତଥା ସୁଲଗ୍ନା କଲେଜର ଉନ୍ନତମାନର ଶିକ୍ଷା ଓ ଚାପମୁକ୍ତ ବାତାବରଣ ଯୋଗୁଁ ଛାତ୍ରଛାତ୍ରୀ ବେସିକ୍ ସାଇନ୍ସରେ ମଜଭୁତ ମୂଳଦୁଆ ସହ କଲେଜ ଦ୍ୱାରା ପ୍ରଦତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର ପରୀକ୍ଷଣ ବଳରେ ଏହି ସଫଳତା ପାଇଥିବା କଥା ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କର ଏହି ସଫଳତାରେ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ତଥା ଅଭିଭାବକ ମହଲରେ ଆନନ୍ଦ ଖେଳିଯାଇଛି।

## ବାମପନ୍ଥୀଙ୍କ ପକ୍ଷରୁ ପାଲେଷ୍ଟାଇନ ସଂହତି ଦିବସ

ବାଲେଶ୍ୱର, ୧୭।୬ (ସମିସ): ଇସ୍ରାଏଲର ସାମ୍ରାଜ୍ୟବାଦୀ ନୀତିକୁ ବିରୋଧ କରି ଓ 'ପାଲେଷ୍ଟାଇନ ସଂହତି ଦିବସ'ରେ ବାଲେଶ୍ୱରରେ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ଶତାଧିକ ବ୍ୟକ୍ତି ସ୍ଥାନୀୟ ଫକୀରମୋହନ ଗୋଲେଇଠାରେ ମାନବ ଶୃଙ୍ଖଳ ପ୍ରଦର୍ଶନ କରି 'ଯୁଦ୍ଧ ନୁହେଁ ଶାନ୍ତି'ର ନାରା ଦେଇଥିଲେ। ସାମ୍ରାଜ୍ୟବାଦୀ ଆମେରିକାର ସମର୍ଥନରେ ଇସ୍ରାଏଲ ଗତ ଦେଢବର୍ଷ ଧରି ଆକ୍ରମଣରେ ପାଲେଷ୍ଟାଇନବାସୀ ଖାଦ୍ୟ, ପାନୀୟ ଓ ଚିକିତ୍ସା ଅଭାବରୁ ପ୍ରତିଦିନ ମୃତ୍ୟୁବରଣ କରୁଛନ୍ତି। ପାଲେଷ୍ଟାଇନ ନିଜ ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରୁଛି। ବିଶ୍ୱର ଶାନ୍ତିକାମୀ ଦେଶମାନଙ୍କର ଓ ଜାତିସଂଘର ନିବେଦନ ସତ୍ତ୍ୱେ ଇସ୍ରାଏଲ ଯୁଦ୍ଧ ବନ୍ଦ କରୁନାହିଁ। ଗତ ସପ୍ତାହରେ ଇସ୍ରାଏଲ ଆକ୍ରମଣରେ ଇରାନର ବହୁ ନରନାରୀ ମୃତ୍ୟୁବରଣ କରିଛନ୍ତି ଓ ଇରାନର ତୈଳ ଖଣିଗୁଡ଼ିକ ବୋମାମାଡ଼ରେ ଏବେବି ଜଳୁଛି । ଅପରପକ୍ଷେ ଭାରତ ସରକାର ନିଜର ବୈଦେଶିକ ନୀତିରେ ସ୍ପଷ୍ଟଭାବେ ନିଜସ୍ୱ ଅବସ୍ଥାନ ଘୋଷଣା ନ କରିବା ଫଳରେ ଆମେରିକାର ଗୋଡ଼ାଣିଆ ହୋଇ ପରୋକ୍ଷରେ ଇସ୍ରାଏଲକୁ ସମର୍ଥନ ଦେଉଛି ବୋଲି ବାମପନ୍ଥୀନେତାମାନେ ଅଭିଯୋଗ କରିଥିଲେ। ସିପିଆଇ(ଏମ)ର ଜିଲ୍ଲା ସମ୍ପାଦକ ଶିଶିର ହୁଇ ଓ ଅକ୍ଷୟ ମିଶ୍ର, ସିପିଆଇର ଜିଲ୍ଲା ସହ ସମ୍ପାଦକ ଭାଗବତ ପ୍ରତିହାରୀ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ। ସୀତାଂଶୁ ସେନାପତି, ମାୟାଧର ନାୟକ, ବିଜୟ ପାତ୍ର, ଯତୀନ ପାତ୍ର, ପ୍ରେମରଞ୍ଜନ ପାତ୍ର, ଆଶୁତୋଷ ପରିଡ଼ା, ଶ୍ୟାମସୁନ୍ଦର ଜେନା, ଦୀପ୍ତିମାନ ଆଚାର୍ଯ୍ୟ, ଶରତ ଚନ୍ଦ୍ର ଦଳାଇ, ନିର୍ମଳ ନାୟକ, ରାଜକିଶୋର ଲେଙ୍କା, ରବୀନ୍ଦ୍ର ବେରା, ଭରତ ଚନ୍ଦ୍ର ସେଠୀ, ଭଗବାନ ମାଝୀ, ସନ୍ତୋଷ ସାହୁ, ପରେଶ ସାହୁ, ଗୋବିନ୍ଦ ବାରିକ, ସିକନ୍ଦର ଖାଁ, ଅକ୍ଷୟ ରଣା ଓ ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।




# ପୂର୍ବତନ ବିଧାୟକ ମଦନମୋହନ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲେଶ୍ୱର,୧୭।୬(ସମିସ)



ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ପଞ୍ଚମ ପୂଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସହରର ଓଟି ରୋଡସ୍ଥିତ ଶୋଭାରାମପୁର ଛକ ଠାରେ ସ୍ୱର୍ଗତଃ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦତ୍ତଙ୍କ ପ୍ରତିମୂର୍ତ୍ତି ଅନାବରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳି, ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଙ୍ଗୁଭାଇଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାନ ସହ ସ୍ମୃତିଚାରଣ କରିଥିଲେ । ପୂର୍ବାଞ୍ଚଳ ଜୋନ ପୁଲିସ ଡିଆଇଜି ଡ. ସତ୍ୟଜିତ ନାୟକ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ, ସଂଗ୍ରାମ ଦାସ, ଶିବୁ ପୋଦାର, ଲକ୍ଷ୍ମୀନାରାୟଣ ମହାନ୍ତି,ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଥିଲେ। ମଙ୍ଗୁ ଭାଇ ସ୍ମୃତି କମିଟିର ଅଧ୍ୟକ୍ଷା ଅଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପୃଥୀରାଜ ପଣ୍ଡା ପରିଚାଳନା କରିଥିଲେ। ପରେ ସ୍ଥାନୀୟ ପୁରୁଣା ଷ୍ଟାଡିୟମ ପରିସରରେ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୬୧୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହା ପରେ ପୁରୁଣା ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାଧାରଣ ଜନମାନସରେ ସ୍ୱର୍ଗତଃ ମଙ୍ଗୁଭାଇଙ୍କ ଜୀବନୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୧୦ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ଅର୍ଥାଭାବରୁ ଅଧିକ ପାଠ ପଢିବା ନେଇ ସମସ୍ୟାର ସମ୍ମୁଖୀନ ହେଉଥିବା କେନ୍ଦ୍ରୀୟ ବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ୨୦ହଜାର ଟଙ୍କା ଓ ଗତବର୍ଷ ଦୁର୍ଘଟଣାର ଶିକାର ହୋଇ ଶଯ୍ୟାଶାୟୀ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଙ୍କ ଚିକିତ୍ସା ପାଇଁ ୨୦ହଜାର ଟଙ୍କାର ସହାୟତା ରାଶି କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। ୮ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଓ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଥିଲା। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ କମିଟିର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବାଲେଶ୍ୱର ଷ୍ଟେସନରେ ହାୱଡ଼ା-ବେଙ୍ଗାଲୁରୁ ସୁପରଫାଷ୍ଟ ଦୁରନ୍ତ ଟ୍ରେନ୍ ରହଣି ଦାବି

ବାଲେଶ୍ୱର,୧୭।୬ (ସମିସ): ଦ୍ରୁତଗାମୀ ଟ୍ରେନ ମଧ୍ୟରେ୧୨୨୪୫ଅପ/୧୨୨୪୬ ଡାଉନ୍ ହାଓଡ଼ା (ଏସଏମଭି ବି) ବେଙ୍ଗାଲୁରୁ ସୁପରଫାଷ୍ଟ ଦୁରନ୍ତ ଏକ୍ସପ୍ରେସ ଅନ୍ୟତମ। ଦକ୍ଷିଣ ପୂର୍ବ ରେଳପଥରେ ସପ୍ତାହକୁ ୫ ଦିନ ଏହି ଟ୍ରେନ ଚଳାଚଳ କରିଥାଏ। ହାୱଡ଼ାରୁ ମଙ୍ଗଳବାର, ବୁଧବାର, ଶୁକ୍ରବାର, ଶନିବାର ଓ ରବିବାର ଦିନ ଏହି ଟ୍ରେନ ଯାତ୍ରା ଆରମ୍ଭ କରି ୧୯୩୧ କିଲୋମିଟର ପଥକୁ ୨୯ ଘଣ୍ଟା ୧୦ ମିନିଟ ରେ ଅତିକ୍ରମ କରିଥାଏ। ଏହି ଟ୍ରେନ ପଶ୍ଚିମ ବଙ୍ଗର ହାୱଡ଼ାରୁ ବାହାରି କେବଳ ଓଡ଼ିଶାର ଭୁବନେଶ୍ୱର ଓ ଆନ୍ଧ୍ରର ବିଜୟ ନଗ୍ରମ, ବିଜୟୱାଡା ଏବଂ ରେଣିଗୁଣ୍ଟା ଅତିକ୍ରମ କରି କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁର ଏସଏମଭିବି ଷ୍ଟେସନରେ ପହଞ୍ଚିଥାଏ। ତେବେ ବାଲେଶ୍ୱର ଷ୍ଟେସନରେ ଏହି ଟ୍ରେନର ରହଣୀ ପାଇଁ ଓଡିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଠାରେ ଦାବି କରାଯିବା ସହିତ ସ୍ଥାନୀୟ ସାଂସଦ, ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାଲେଶ୍ୱର ଜିଲ୍ଲାର ପ୍ରତିରକ୍ଷା ବିଭାଗର କାର୍ଯ୍ୟାଳୟ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ବେଙ୍ଗାଲୁରୁରେ ଚାକିରୀ କରୁଥିବା ଶହ ଶହ ଆଇଟି ପ୍ରଫେସନାଲ, ବେଙ୍ଗାଲୁରୁର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବା ପାଇଁ ବାଲେଶ୍ୱର ରେଳ ଷ୍ଟେସନରେ ଏହି ସୁପରଫାଷ୍ଟ ଦୁରନ୍ତ ଟ୍ରେନ ଦୁଇ ମିନିଟ ରହଣୀ ବ୍ୟବସ୍ଥା କଲେ ବହୁ ଲୋକ ସିଧା ସଳଖ ଉପକୃତ ହୋଇପାରିବେ। ଏହି ଦାବିକୁ ଗୁରୁତ୍ୱ ଦେଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ୟୁନିୟନ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବି ପତ୍ର ପ୍ରଦାନ ପରେ ଏ ଦିଗରେ ପଦକ୍ଷେପ ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବି ପତ୍ର ପ୍ରଦାନ ବେଳେ ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ପଦ୍ମଲୋଚନ ପଣ୍ଡା, ମାନସ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

# ମୁଦ୍ରାସ୍ଫୀତି ଓ ଯୁଦ୍ଧସ୍ଥିତି

ଖାଉଟି ମୁଦ୍ରାସ୍ଫୀତି ହାର ଗତ ୭୫ ମାସ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ରହିଥିବା ଯେଭଳି ଆଶା ଓ ଆଶ୍ୱାସନାର ବିଷୟ ସେହିଭଳି ମଧ୍ୟପ୍ରାଚ୍ୟର ଉତ୍ତେଜନା ଏବେ ଯେଉଁସ୍ତରରେ ପହଞ୍ଚିଛି ସେଥିରେ ଆଗକୁ ଘୋର ଅନିଶ୍ଚିତତାର ସମ୍ମୁଖୀନ ହେବା ଆଶଙ୍କା ଘୋର ଚିନ୍ତା ଓ ଉଦ୍‌ବେଗର ଆଉ ଏକ ବିଷୟ। ଏପ୍ରିଲ୍ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୨ ପ୍ରତିଶତ ଥିବା ବେଳେ ତାହା ମେ' ମାସରେ ୨.୮ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ଗତ ୪ ମାସ ଧରି ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରୁ କମ୍ ରହିଛି। ସରକାରୀ ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଗତ ୪୩ ମାସ ମଧ୍ୟରେ ଖାଦ୍ୟଶସ୍ୟର ମୂଲ୍ୟ ସବୁଠାରୁ ନିମ୍ନସ୍ତରରେ ରହିଛି। ତେବେ ଅନ୍ୟସବୁ ପ୍ରମୁଖ ସାମଗ୍ରୀର ମୁଦ୍ରାସ୍ଫୀତି ଗତ ୧୯ ମାସ ମଧ୍ୟରେ ସବୁଠାରୁ ଉଚ୍ଚରେ ଅଛି। ତେଣୁ ସାମଗ୍ରିକ ଭାବେ ବିଚାର କଲେ ମୁଦ୍ରାସ୍ଫୀତି ହାର ଏବେ ୩ ପ୍ରତିଶତ ହୋଇଛି ବୋଲି ଧରି ନେବାକୁ ହେବ। ରବି ଫସଲ ଅମଳ ଆଶାନୁରୂପ ହୋଇଥିବା ବେଳେ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ସମ୍ଭାବନା ଦୃଷ୍ଟିରୁ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ସ୍ତରରେ ରହିବା ନେଇ ବିଶେଷଜ୍ଞମାନେ ଆଶାବାଦୀ ହୋଇପଡ଼ିଛନ୍ତି। ଆମକୁ ଏଠାରେ କହିବାକୁ ପଡୁଛି ଯେ ଏହା ଶେଷ କଥା ନୁହେଁ। ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯେଉଁ ଯୁଦ୍ଧ ଘନଘଟା ମୁଣ୍ଡ ଟେକିଛି ତାହା ନିକଟ ଭବିଷ୍ୟତରେ ଥମିବାର ସମ୍ଭାବନା ଊଣା। ତେଣୁ ବିଶ୍ୱ ବଜାରରେ ସମ୍ଭାବ୍ୟ ତୈଳ ସଙ୍କଟ ଅର୍ଥନୀତିକୁ ନିଶ୍ଚୟ ପ୍ରଭାବିତ କରିବ। ଅନ୍ୟପକ୍ଷରେ ଆମେରିକା ବାଣିଜ୍ୟ ନୀତି ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏବେ ସମ୍ଭାବନାର ଯେଉଁ ଅଙ୍କକଷା ଯାଉଛି ତାହା କେତେଦିନ ସ୍ଥିର ରହିବ ସେ ନେଇ ଘୋର ସନ୍ଦେହ ମୁଣ୍ଡ ଟେକିଛି।

ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଉତ୍ତେଜନା ଏବେ ଯୁଦ୍ଧ ଘନଘଟା ଆଡ଼କୁ ମୁହାଁଇଛି। ପରିସ୍ଥିତି ଯାହା ସେଥିରେ ହଠାତ୍ ଶାନ୍ତି ଫେରିବାର ସମ୍ଭାବନା ଊଣା। ରବିବାର ଓମାନରେ ଇରାନ୍‌ର ପମାଣୁ କାର୍ଯ୍ୟକ୍ରମ ନେଇ ଏକ ବୁଝାମଣାରେ ଉପନୀତ ହେବା ସକାଶେ ଆପୋସ ଆଲୋଚନା ସ୍ଥିରୀକୃତ ହୋଇଥିବା ବେଳେ ତାହାର ଦୁଇଦିନ ପୂର୍ବରୁ ଇସ୍ରାଏଲ୍‌ର ଦୁଇଶହ ଯୁଦ୍ଧ ବିମାନ ଯେଭଳି ଅତର୍କିତ ଭାବେ ଇରାନ୍ ଉପରେ ଆକ୍ରମଣ କଲା, ତାହା ଆସ୍ଥା ଓ ବିଶ୍ୱାସକୁ ତୁଟାଇ ଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ତୁରନ୍ତ ପ୍ରତିକ୍ରିୟା ଥିଲା 'ଏକ୍ସଲେଣ୍ଟ(ଚମତ୍କାର)। ମୁଁ ଆକ୍ରମଣ ସମ୍ପର୍କରେ ଆଗୁଆ ତଥ୍ୟ ପାଇଥିଲି।' ତେଣୁ ଆମେରିକାର ଇଙ୍ଗିତରେ ଆପୋସ ଆଲୋଚନା ପୂର୍ବରୁ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିଦେବା ସକାଶେ ଯୋଜନା ପ୍ରସ୍ତୁତ ହୋଇଥିଲା। ଏ କଥା ସତ ଯେ ଇରାନ୍‌ର ସାମରିକ ମୁଖ୍ୟଙ୍କ ସମେତ କିଛି ବରିଷ୍ଠ ଅଧିକାରୀ ଓ ଆଣବିକ ବିଶେଷଜ୍ଞ ବା ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି ଇରାନ୍‌ରେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏହି ଘଟଣା ପରେ ନିରବ ହୋଇଯାଇଛି। ସମଗ୍ର ଦେଶବାସୀ ଖେମିନିଙ୍କ ନେତୃତ୍ୱରେ ଲଢ଼ିବା ସକାଶେ ଐକ୍ୟବଦ୍ଧ ହୋଇଛନ୍ତି। ନିଜର ସବୁକିଛି ବିନିମୟରେ ଲଢ଼ିବାକୁ ଶପଥ ନେଇଥିବା ଇରାନବାସୀ ଏପ୍ରକାର ପ୍ରତାରଣା ଉଚିତ ଜବାବ ଦେବା ସକାଶେ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଛି। ଉଭୟ ପକ୍ଷଙ୍କ ପାଲଟା ଆକ୍ରମଣ ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି। ତେଣୁ ଯୁଦ୍ଧ ଥମିବାର ସମ୍ଭାବନା ନାହିଁ। ଏହାଫଳରେ ମଧ୍ୟପ୍ରାଚ୍ୟରେ ତୈଳ ଉତ୍ପାଦନ ହ୍ରାସ ପାଇବା ସ୍ୱାଭାବିକ। ତାହାର ପ୍ରତିକୂଳ ପ୍ରଭାବ ଭାରତ ସମେତ ସମଗ୍ର ବିଶ୍ୱରେ ଅନୁଭୂତ ହେବ। ସେ ଦୃଷ୍ଟିରୁ ଆମେ ମୁଦ୍ରାସ୍ଫୀତିର ଯେଉଁ ଅଙ୍କ କଷୁଛେ ତାହା କେତେଦିନ ବଳବତ୍ତର ରହିବ ସେ ନେଇ ସନ୍ଦେହ ଉଙ୍କିମାରିବା ସ୍ୱାଭାବିକ।

ଏହି ଯୁଦ୍ଧ ଘନଘଟା ମଧ୍ୟରେ ଗତ ଶୁକ୍ରବାର ସେନ୍‌ସେକ୍ସ ୧୩୦୦ ପଏଣ୍ଟ ହ୍ରାସ ପାଇ ଚାଲିଛି। ଇରାନ୍ ପାଲଟା ଆକ୍ରମଣରେ ଇସ୍ରାଏଲରେ ଥିବା ହାଇଫା ତୈଳ ରିଫାଇନାରୀ କ୍ଷତିଗ୍ରସ୍ତ ହୋଇଛି। ତେଣୁ ସେୟାର ବଜାରରେ ତାହାର ପ୍ରତିକୂଳ ପ୍ରଭାବ ଆଗକୁ ଅନୁଭୂତ ହେବ। ସମଗ୍ର ବିଶ୍ୱର ୯ ପ୍ରତିଶତ ତୈଳ ଇରାନ୍‌ରେ ମହଜୁଦ୍ ଅଛି। ତେଣୁ ଏହି ପ୍ରତିକୂଳ ପରିସ୍ଥିତିରେ ତୈଳ ଉତ୍ପାଦନ କରୁଥିବା ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକ ଛନ୍ଦି ହୋଇପଡ଼ିବା ସ୍ୱାଭାବିକ। ଏଥିମଧ୍ୟରେ ବ୍ୟାରେଲ୍ ପିଛା ତୈଳ ଦର ୧୩ ପ୍ରତିଶତ ବୃଦ୍ଧି ପାଇ ୭୮.୫୦ ଡଲାରରେ ପହଞ୍ଚିଛି। ଜାନୁଆରୀ ମାସରୁ ଏହି ବର୍ଦ୍ଧିତ ଦର ସର୍ବାଧିକ। ଯଦି ଏହି ଉତ୍ତେଜନା ଆସନ୍ତା ୩ ରୁ ୬ ମାସ ବଳବତ୍ତର ରହେ, ତେବେ ବ୍ୟାରେଲ୍ ପିଛା ତୈଳ ଦର ୧୨୦ ଡଲାରରେ ପହଞ୍ଚିବ ବୋଲି ଜେପି ମୋର୍ଗାନ୍ ବିଶେଷଜ୍ଞଙ୍କ ପକ୍ଷରୁ ଦର୍ଶାଯାଇଛି। ଏ କଥା ସତ ଯେ କେବଳ ତୈଳ ଦର ବୃଦ୍ଧି ନୁହେଁ ଯଦି ତୈଳ ଯୋଗାଣ ବାଧାପ୍ରାପ୍ତ ହୁଏ ତେବେ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ ଏବଂ ଚାହିଦା ଅନୁଯାୟୀ ଯୋଗାଣ ସମ୍ଭବପର ହେବ ନାହିଁ। ଏହା ମୁଦ୍ରାସ୍ଫୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଭାରତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରେ। ବର୍ଦ୍ଧିତ ତୈଳ ଦର ବାବଦରେ ଆଗାମୀ ଦିନରେ ସରକାରଙ୍କୁ ଅଧିକରୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ। ଏହା କେବଳ ଭାରତୀୟ ମୁଦ୍ରାର ବିନିମୟ କ୍ଷମତାକୁ ହ୍ରାସ କରିବନି, ଚଳନ୍ତି ଜମାଖାତାରେ ନିଅଣ୍ଟିଆ ଅବସ୍ଥା ମଧ୍ୟ ଦେଖାଦେବ। ଅନ୍ୟପକ୍ଷରେ ଭାରତରେ ସୁନାର ଚାହିଦା ସର୍ବାଧିକ। ଗତ ଶୁକ୍ରବାର ୧୦ ଗ୍ରାମ ସୁନାର ଦାମ ୧ ଲକ୍ଷ ଟଙ୍କା ଟପିଛି। ଏ ସବୁ ଉଲ୍ଲେଖ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୀତିକୁ ନେଇ ଯେଉଁ ଉଚ୍ଛାଟ ଓ ଉତ୍ସାହ ପରିଲକ୍ଷିତ ହେଉଛି ତାହା କେତେ ଅନିଶ୍ଚିତତା ଦେଇ ଆଗକୁ ଗତି କରିବାକୁ ଯାଉଛି ସେ ନେଇ ସଚେତନତା ସୃଷ୍ଟି କରିବା।

ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତିର ସ୍ଥିତିକୁ ଭିତ୍ତି କରି କ୍ରମାଗତ ତିନିଥର ସୁଧ ହାର ହ୍ରାସ କରିଛନ୍ତି। ଜାତୀୟକରଣ ଓ ଘରୋଇ ବ୍ୟାଙ୍କର କାରବାରରେ ଏହା ପ୍ରତିଫଳିତ ହୋଇଛି। ସୁଧ ହାର ହ୍ରାସ, ଋଣ ଗ୍ରହଣ ଓ ପରିବେଶର ସୁଯୋଗ ବଜାର ବ୍ୟବସ୍ଥା ଉପରେ ଅନୁକୂଳ ପ୍ରଭାବ ପକାଇଛି। କହିବାକୁ ଗଲେ ମୁଦ୍ରା ପ୍ରଚଳନ ବୃଦ୍ଧି ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ତାହା ଖାଉଟିଙ୍କ କ୍ରୟଶକ୍ତି ବଢ଼ାଇବାରେ ସହାୟକ ହେବ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ହଠାତ୍ ଯେଉଁ କଟକଣା ପ୍ରୟୋଗ କରାଯିବ, ତାହାକୁ ସମ୍ମୁଖୀନ ହେବା ପାଇଁ ସବୁ ପକ୍ଷ ଏବେଠାରୁ ପ୍ରସ୍ତୁତ ହେବା ଆବଶ୍ୟକ।

# ଓଡ଼ିଆଙ୍କ ସଂସ୍କୃତିପାଠ

**ହରପ୍ରସାଦ ଦାସ**

ସାଧାରଣ ଶିକ୍ଷିତ ଲୋକେ କି ଲେଖାପଢ଼ା କରନ୍ତି, ଆମେ ଜାଣୁନାହିଁ। ହଁ, ପ୍ରାୟ ସବୁ ଅଳ୍ପବହୁତ ପାଠ ପଢ଼ିଥିବା ଲୋକ ଖବରକାଗଜ ଉପରେ ଆଖି ବୁଲେଇ ନିଅନ୍ତି, ବେଳେ ବେଳେ କିଛି ଖବର ବା ଲେଖା ପଢ଼ନ୍ତି ବି। କିନ୍ତୁ ସେମାନେ ବହିପଢ଼ନ୍ତି କି? ସେମାନେ କିଛି ଲେଖନ୍ତି କି? ତାଙ୍କ ପକେଟରେ କଲମ ଥାଏକି? ନା ସେମାନେ ମୋବାଇଲରେ ଲେଖନ୍ତି, ପଢ଼ନ୍ତି, ଟିପାଟିପି କରନ୍ତି? ଆମେ ଦୃଷ୍ଟି ଦେଇନେ ଅଥଚ ଏ ଭିତରେ ଦିସ୍ତା କାଗଜ ଗଲାଣି, ହାତରେ ଖାତା ସିଲେଇ ହେଉ ନାହିଁ, ସ୍ୟାହିର ବ୍ୟବହାର ହେଉନାହିଁ, ଝରକଲମ ବ୍ୟବହାରରୁ ଗଲାଣି। ଶିକ୍ଷିତ ମଧ୍ୟବିତ୍ତ ଘରେ ଯଦି ପିଲା ନଥା'ନ୍ତି, ତେବେ କଲମଟିଏ ବି ନଥାଏ। ବହି ଆଲମାରୀଟିଏ ଥିଲା, ଏବେ ଆଉ ତା'ର ପ୍ରୟୋଗ ନାହିଁ। ଅବଶ୍ୟ କିଛିଲୋକ ଲେଖାପଢ଼ା କରନ୍ତି, କାଗଜ କଲମ ବ୍ୟବହାର କରନ୍ତି। ସେମାନେ କମ୍ପ୍ୟୁଟରରେ ଏଯାଏଁ ଅଭ୍ୟସ୍ତ ହେଇନାହାନ୍ତି। ଇଏ କାଳାନ୍ତର ବା ଟ୍ରାଞ୍ଜିସନର ସମୟ। ପୁରୁଣା ଅସ୍ପଷ୍ଟ ହେଇଆସୁଥିବ, ନୂଆ ପୂର୍ଣ୍ଣ ଆକାର ପାଇନଥିବ ଏଭଳି ଏକ ସମୟ ଏ।

ପାଲିମ୍ପସେଷ୍ଟ ଗୋଟେ ସାଂସ୍କୃତିକ ତତ୍ତ୍ୱ। ଇଏ ସେଇ କାଳାନ୍ତରର ତତ୍ତ୍ୱ। ଏ ସେହି ପୁନରାବୃତ ବୃତ୍ତକଥା, ଅର୍ଥାତ ଗୋଟେ ସ୍ଲେଟରେ ପୁରୁଣା ଅକ୍ଷର ପୂରା ଲିଭିନଥିବ, ନୂଆ ଅକ୍ଷର ଲେଖାହେବ, ସିଏ ଲିଭିନଥିବ ତା'ଉପରେ ଆଉ ପରସ୍ତେ ଲେଖା। ନିରେଖି ଦେଖିଲେ କେତେ କଥା ଦିଶିବ, କେତେ ଅନୁମାନ କରିହେବ। ଇଏ ହେଲା ସଂସ୍କୃତିର ସ୍ମୃତି। ପରସ୍ତ ପରସ୍ତ ରଚନା, କିଛି ଏବର, କିଛି ଅଳ୍ପଦିନର, କିଛି ଲିଭିଲା ଲିଭିଲା, କିଛି ପୂରା ଲିଭିଲାଣି। ସବୁ ସେଇ ଗୋଟିଏ ସ୍ମୃତିପଟରେ।

ଯେଉଁ ଲୋକ ସମ୍ପ୍ରଦାୟର ସାଂସ୍କୃତିକ ସ୍ମୃତିପଟ ଯେତେ ପ୍ରାଚୀନ, ତା'ର ସଂସ୍କୃତି ସେତେ ବହ୍ୱାରମ୍ଭୀ, ତା'ର ଜାତୀୟ ସ୍ମୃତି ସେତେ ବ୍ୟାପକ। ଓଡ଼ିଆଙ୍କ ସାଂସ୍କୃତିକ ସଂରଚନା ଅତି ଗଭୀର ଓ ଅତି ବ୍ୟାପକ। ଯାର ଯୋଡ଼ିଏ ପ୍ରମାଣସିଦ୍ଧି: ଧର୍ମ ଓ ସାହିତ୍ୟ। ଓଡ଼ିଆଙ୍କ ସଂସ୍କୃତିର ଗୋଟିଏ ମୁଖ୍ୟ ଉପାଦାନ ଧର୍ମ। ବୈଦିକ ଅପୌରୁଷେୟ ସହିତ ଜଗନ୍ନାଥ ତତ୍ତ୍ୱ, ସତ୍ୟ-ତ୍ରେତା-ଦ୍ୱାପର ସହିତ କଳିଯୁଗର ଚଳନ୍ତି ଈଶ୍ୱର ଜଗନ୍ନାଥଙ୍କ ପୁନର୍ନବା ଦାରୁକଳେବର ତଥା ଅଖଣ୍ଡ କାଳର କିମ୍ବଦନ୍ତୀୟ କଳ୍ପନା ଏସବୁ ଏବେ ମଧ୍ୟ ସାଂସ୍କୃତିକ ସ୍ମୃତିରେ ବିଦ୍ୟମାନ। ଅର୍ଥାତ ସ୍ମୃତିପଟରେ ଏକସଙ୍ଗରେ ହଜାର ହଜାର ବର୍ଷର ପାଠ ଏବେବି ପଢ଼ିହୁଅନ୍ତି, ଅକ୍ଷର ଉପରେ ଅକ୍ଷର ମାଡ଼ିଯାଇ କିଛି ଲିଭିନି। ଅକ୍ଷର ମାଡ଼ି ହିଁ ଯାଇନି। ଇଏ ଭାରତର ଏକମାତ୍ର ଜୀବନ୍ତ ସଂସ୍କୃତି, ଯାହା ଇସ୍ଲାମ ଓ ଖ୍ରୀଷ୍ଟିଆନ ଧର୍ମଧାରା ଦ୍ୱାରା ଲେଶମାତ୍ର ପ୍ରଭାବିତ ହୋଇନାହିଁ। ସେଇଠି ଭାରତର ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟିଆନ ଓ ଇସ୍ଲାମ ପ୍ରଭାବ ସୁସ୍ପଷ୍ଟ। ଏପରିକି ବୌଦ୍ଧ ଧର୍ମ ତା'ର ପରୀକ୍ଷାଭୂମି ଓ ଆଶ୍ରୟସ୍ଥଳୀ ଓଡ଼ିଶାର ମୁଖ୍ୟସ୍ରୋତର ସଂସ୍କୃତି ଉପରେ ପ୍ରଭାବ ପକାଇ ପାରିନାହିଁ। କଳିଙ୍ଗ ଜୀନ ଏକ ଜୈନ ଟୋଟେମ୍ ନା ଏକ ଜୈନୀ-ସନାତନୀ ଫ୍ୟୁଜନ ଜଣାନାହିଁ। କିନ୍ତୁ ଏକଥା ସତ ଯେ ଜଗନ୍ନାଥଙ୍କ ବିଚିତ୍ର ଓ ବ୍ୟାପକ ପରିକଳ୍ପନା କୌଣସି ପ୍ରତିସ୍ପର୍ଦ୍ଧି ବା ଆକ୍ରାମକ ତତ୍ତ୍ୱକୁ ଆତ୍ମସାତ ନକରି ଛାଡ଼ିନାହିଁ। ଜଗନ୍ନାଥ ସ୍ୱୟଂ ଏକ ସାଂସ୍କୃତିକ ପାତ୍ର, ଯହିଁରେ ଯାହାପଡ଼ିଚି ତାହା ରନ୍ଧା ହୋଇ ବାହାରିଚି, ମହାପ୍ରସାଦରେ ପରିବର୍ତ୍ତିତ ହୋଇଚି। ସମସ୍ତ ବିଭେଦ ଓ ବିଭେଦର ସମ୍ଭାବନାକୁ ଗୋଟିଏ ରନ୍ଧନପାତ୍ରରେ ମିଶେଇ, ଘାଣ୍ଟି, ତତେଇ, ତରଳେଇ ତାକୁ ତୁଳସୀ ପାଖୁଡ଼ାଏରେ ପାଣି ଛଡ଼େଇ ପ୍ରସାଦ ବାଣ୍ଟିଲା ବାଲା ଲୋକ ବା ଜାତି ସଂସାରରେ ନାହାନ୍ତି। ଓଡ଼ିଆଙ୍କୁ ବୁଝିବ କିଏ? ପୁଣି ଠାକୁରଙ୍କ ନୀତିକାନ୍ତି କୋଉଠି ବି ବ୍ରାହ୍ମଣ୍ୟ କର୍ମକାଣ୍ଡ ନାହିଁ। ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଶଙ୍କର ଶ୍ଳୋକ, ମନ୍ତ୍ର, ଉପାସନାର ବୈଦିକ ଚଳଣି ଆରମ୍ଭ କଲେସିନା, ଏ ମହାଦେବତା ଏବେ ବି ସନାତନୀ ପୌତ୍ତଳିକତାର ଊର୍ଦ୍ଧ୍ୱରେ ଏକ ଅମୂର୍ତ୍ତ କଳ୍ପନା ହୋଇ ରହିଚନ୍ତି। କର୍ମକାଣ୍ଡ ତା' ବାଟରେ, ଠାକୁର ତା' ବାଟରେ। କହିବାର ତାତ୍ପର୍ଯ୍ୟ ଏତିକି ଯେ ଏ ଜାତିର ଧର୍ମୀୟ ବିବେକର ନିର୍ମାଣ କର୍ମକାଣ୍ଡସୃଷ୍ଟ ବ୍ରାହ୍ମଣ ମଧ୍ୟସ୍ଥତାରେ ପରିଚାଳିତ ନୁହେଁ, ଏ ଏକ ଆସ୍ଥା ନିର୍ମାଣର ସ୍ୱବିକଶିତ ହସ୍ତକଳା। ଯା'ର କଳା ରହେ, ଶିଳ୍ପର ସ୍ମୃତି ରହେ। ସବୁଠୁ ବଡ଼କଥା ଯା' ଉପରେ କୌଣସି ପକ୍କା ରଙ୍ଗ ଚଢ଼ିଲା ନାହିଁ। ସାଂସ୍କୃତିକ ସ୍ମୃତିପଟରେ ପୁରୁଣା ଅକ୍ଷରଗୁଡ଼ିକ ସ୍ପଷ୍ଟ ପଢ଼ିହେବାରେ ଅସୁବିଧା ନାହିଁ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରଶ୍ନ: ସାଧାରଣ ଲୋକଟିଏ ଯେ କୌଣସି ସଂସ୍କୃତିର ହେଉ, ତା'ର ପହିଲି ପାଠ କ'ଣ? ଅନ୍ୟ ଭାବରେ ପଚାରିଲେ କୋଉ ପାଠ ସହିତ ମଣିଷର ପ୍ରାକୃତିକ ସମ୍ପର୍କ ଆଜନ୍ମ? ଏ ପ୍ରଶ୍ନର ଉତ୍ତର ଅତି ଜଟିଳ କରି ଦେଇଚନ୍ତି ଆମ ସମୟର ବିଶ୍ୱର ଶ୍ରେଷ୍ଠ ଭାଷାବିତ ନୋଆମ ଚୋମସ୍କି। ସରଳ କରି କହିଲେ ସଂସ୍କୃତି, ଯାହା ପ୍ରାତ୍ୟହିକ ଜୀବନର ଅଂଶ, ସେ ପାଠ ମୁଣ୍ଡ ଭିତରେ ଥାଏ, ତୁଣ୍ଡକୁ ଆସେ ଓ ଆପେ ମିଳେଇଯାଏ। ସେ ଦୃଷ୍ଟିରୁ ସଂସ୍କୃତିସମ୍ପନ୍ନ ଜାତିରେ କେହିବି ଅପାଠୁଆ ନୁହନ୍ତି, ନିରକ୍ଷର ହୋଇପାରନ୍ତି। କେତେକ ଦିଗରୁ ତ ଏ ନିରକ୍ଷର ପାଠୁଆ ଲୋକେ ସ୍ମୃତିର ସାମର୍ଥ୍ୟରେ ସଂସ୍କୃତି ଚଳାନ୍ତି, ପ୍ରଶ୍ନ କରନ୍ତି ନାହିଁ କି ସନ୍ଦେହ କରନ୍ତି ନାହିଁ। ଓଡ଼ିଆଙ୍କ ଜଗନ୍ନାଥ ସଂସ୍କୃତି ଚଳେ ନିରକ୍ଷର ପାଠୁଆଙ୍କ ସ୍ମୃତି, ଆସ୍ଥା, କୌତୂହଳ, ବିସ୍ମୟ ଓ ଆନୁଗତ୍ୟ ଦ୍ୱାରା। ସେମାନେ ଖବରକାଗଜ ପଢ଼ନ୍ତି ନାହିଁ। ସେମାନଙ୍କ ଖବର କୁହାଶୁଣାର ଖବର। ସେମାନେ ଏତେ ବଡ଼ କାମ ଏତେ ସହଜରେ କରନ୍ତି ଯେ ତାଙ୍କୁ ତଥାକଥିତ ଲେଖାପଢ଼ା କାମରେ ଲଗେଇବା କଥା ଟିକେ ଚିନ୍ତା କରି କହିବାକୁ ହେବ। ଆମର ଗାଁ ଓ ସହରରେ ଅସଂଖ୍ୟ ସଂସ୍କୃତି ପରିଚାଳକ ସ୍ତ୍ରୀ ଓ ପୁରୁଷ ଯଦି ବୟସ୍କ ଶିକ୍ଷଣ ଯୋଜନାରେ ସାମିଲ ହେଲେ ତ ଭଲ। ଯିଏ ନହେଲେ ତାଙ୍କର ଜୀବନମୂଲ୍ୟ ଅନ୍ୟତ୍ର ନିହିତ। ପ୍ରକୃତ ଚିନ୍ତା ସେଇମାନଙ୍କ ପାଇଁ, ଯେଉଁମାନେ ସଂସ୍କୃତିପାଠରେ ନିରକ୍ଷର; କିନ୍ତୁ ଖବରକାଗଜୀ ବଖାଣରେ ଧୁରନ୍ଧର। ଅନ୍ୟଭାବରେ କହିଲେ ଏଇମାନେ ହିଁ ଅପସଂସ୍କୃତିର ବାର୍ତ୍ତାବହ ଓ ବାର୍ତ୍ତାକାର।

ଏମାନେ ଲେଖିଜାଣନ୍ତି, କିନ୍ତୁ ଲେଖନ୍ତି ନାହିଁ, ପଢ଼ିଜାଣନ୍ତି କିନ୍ତୁ ପଢ଼ନ୍ତି ନାହିଁ। ମଧ୍ୟବର୍ଗର ଏହି ଗୋଷ୍ଠୀକୁ ପଢ଼ାଲେଖାରେ ବ୍ୟସ୍ତ ରଖିବା କେମିତି? ଏମାନେ ନିୟମ ମାନିବା ଲୋକ ନୁହନ୍ତି। ଯା'ଙ୍କ ଭିତରେ ଗୁଳାରୁ ଖସି ପଳେଇବାର, ନିୟମ ଭାଙ୍ଗିବାର ଅସଂଖ୍ୟ କ୍ଷୁଦ୍ର ବିଦ୍ରୋହ ଉଠନ୍ତି ଓ ମିଳେଇଯା'ନ୍ତି। ବିଭିନ୍ନ ସାଲିସ, ବୁଝାମଣା ଓ ଭାଗ୍ୟବାଦୀ ମନବୋଧରେ ଗଢ଼ା ଏମାନଙ୍କର ମଧ୍ୟବର୍ଗୀ ଜୀବନ। ବସ୍ତୁତଃ ସବୁ ପରିବର୍ତ୍ତନ, ନୂଆଚିନ୍ତା ଏଇଠି ହୁଏ, କିନ୍ତୁ ଭାଷା ପାଏନାହିଁ। ଆସନ୍ତି ଏଭଳି କେହି କେହି ଯିଏ ଲେଖାପଢ଼ା ସହିତ କହନ୍ତି ବି, ପାଟିତୁଣ୍ଡ କରନ୍ତି, କଦବା କେମିତି ସମାଜ ଓ ଦେଶ, ରାଜନୀତି ଓ ବିକାଶ, ଇତ୍ୟାଦିକୁ ନେଇ ସ୍ୱପ୍ନ ବି ଦେଖିଦିଅନ୍ତି। ସୁଯୋଗ ମିଳିଲେ ଏମାନେ ସଂସ୍କାର ପକ୍ଷରେ ତର୍କ ବି କରିପାରନ୍ତି। ଏମାନେ ହେଉଚନ୍ତି ଆମ ସମାଜର ଉଦଜାନୀ ତତ୍ତ୍ୱ, ଯାଙ୍କୁ ଲୟବଦ୍ଧ କରିବା ଅସମ୍ଭବ। ଏଇଟା ଓଡ଼ିଆ ମଧ୍ୟବର୍ଗର ଚରିତ୍ର। ଏମାନଙ୍କୁ ଲେଖାପଢ଼ାରେ ଆଗ୍ରହୀ କରାଇବାର ମାର୍ଗ କ'ଣ ହେଇପାରେ? ଏମାନେ ଲେଖାପଢ଼ାରେ ଆଗ୍ରହୀ ହେବାର ମାର୍ଗ ଲୟବଦ୍ଧ ଔପଚାରିକ ବୌଦ୍ଧିକତା ନୁହେଁ। ଯାଙ୍କ ଭିତରେ ଯେଉଁ ଓଡ଼ିଆ ଅନ୍ତଃପ୍ରକୃତି ସକ୍ରିୟ ଓ ଜୀବନ୍ତ ହୋଇ ରହିଚି ସେଇଟା ଏକ ବିଚିତ୍ର ପଦାର୍ଥ। ତା'କୁ ଔଜଲ୍ୟ ହରାଇବା ସତ୍ତ୍ୱେ ସମର୍ଥ ହୋଇ ରହିଥିବା ଧର୍ମୀୟ ସଂସ୍କୃତି ବୋଲି ଠାବ କରାଯାଇପାରେ। ଆହୁରି ସରଳ କଲେ ଯା'କୁ ସଘନ ସ୍ଥାନୀୟତା ଓ ଅନ୍ତରଙ୍ଗ ଜଗନ୍ନାଥବୋଧର ଏକ ମିଶ୍ରରୂପ କହଯାଇପାରେ। ଇଏ ଜଣେ ସାଧାରଣ ମଧ୍ୟବର୍ଗୀ ଓଡ଼ିଆର ଅବଦମିତ, କିନ୍ତୁ ଆଶୁପ୍ରକାଶକ୍ଷମ ଚିତ୍ତବୃତ୍ତି। ସମାଜର ମୁଖ୍ୟସ୍ରୋତରୁ ବହିଷ୍କୃତ କିଛି ବିଭ୍ରାନ୍ତ ଲୋକଙ୍କୁ ଛାଡ଼ିଦେଲେ ମୋ ଜାଣିବାରେ ଏଭଳି ମଧ୍ୟବର୍ଗୀ ଓଡ଼ିଆ ନାହାନ୍ତି, ଯିଏ ଈଶ୍ୱରବିଶ୍ୱାସୀ ନୁହନ୍ତି, ଜଗନ୍ନାଥବିଶ୍ୱାସୀ ନୁହନ୍ତି ବା ଭିଟାମାଟିର ଅନ୍ତରଙ୍ଗତା ବୁଝନ୍ତି ନାହିଁ। ଯେଉଁ ମାନସିକତା ଯାଙ୍କୁ ମାଟିକାମୁଡ଼ି ପଡ଼ିରହିବାର ପ୍ରେରଣା ଦିଏ ଓ ସର୍ବମଙ୍ଗଳ ଜଗନ୍ନାଥ କହି ନଡ଼ିଆଟିଏ ବାଡ଼େଇବାର ସରଳ ବିଶ୍ୱାସ ଦିଏ, ସେଇଟି ତାଙ୍କର ସଂସ୍କୃତିପାଠ, ଯାହାକୁ ସେମାନେ ଏବେବି ଭୁଲିନାହାନ୍ତି। ଜାତୀୟ ସ୍ମୃତିପଟର ପୁନରାବୃତ ବୃତ୍ତକଥାର ରହସ୍ୟମୟ ବର୍ଣ୍ଣମାଳା ଏବେବି ପଢ଼ିହେଉଚି। କୁହାଯାଇପାରେ ଯେ ଲୋକଦେଖାଣିଆ ଲେଖାପଢ଼ା କରୁ ନ ଥିବା ଆମର ଶିକ୍ଷିତ କିନ୍ତୁ ବୌଦ୍ଧିକ ଉଦାସୀନତାଗ୍ରସ୍ତ ମଧ୍ୟବର୍ଗ ସଂସ୍କୃତିପାଠରେ ସ୍ୱାଭାବିକ ଭାବରେ ଲିପ୍ତ। ଏ କାର୍ଯ୍ୟ ନିରବରେ ସମ୍ପାଦିତ ହୁଏ। ଯାକୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ବିକାଶର ସାଂସ୍କୃତିକ ପକ୍ଷର ତର୍ଜମା ଓ ଅଳ୍ପକିଛି ଅନ-ଲାଇନ-କରେକ୍ସନ ଦରକାର।

ହଠାତ ବିକାଶର ଅର୍ଥନୈତିକ ମଡେଲକୁ ବଦଳେଇବା ଦରକାର ନାହିଁ। ସଂସ୍କୃତି ସବ୍-ପ୍ଲାନ ଯୋଡ଼ନ୍ତୁ ସବୁ ପ୍ଲାନର ଅନ୍ତଃପାଠ ଭାବରେ, ଯେମିତି ଟ୍ରାଇବାଲ ସବପ୍ଲାନ। ସମାଜର ସଂସ୍କୃତିକରଣ(କଲଚରାଇଜେସନ ଅଫ ସୋସାଇଟି) ସାଂସ୍କୃତିକ ସମାଜରେ ଗୁରୁତ୍ୱପୂର୍ଣ୍ଣ। ଯା' ଫଳରେ ସଂସ୍କୃତିକୁ ଭିତରେ ଧରି ଉପରେ ଉପରେ ସଂସ୍କୃତିଠାରୁ ଦୂରେଇ ଯାଉଥିବା ଭଳି ମନେହେଉଥିବା ମଧ୍ୟବର୍ଗ ସଂସ୍କୃତି ମାଧ୍ୟମରେ ପୁଣିଥରେ ନିଜର ସମାଜକୁ ଓ ପରିବେଶକୁ ଚାହିଁବ। ଆଗ୍ରହୀ ହେବ ଜାଣିବା ପାଇଁ ଖରାଖିଆ ମହାଦେବଙ୍କ ନାଁ ଏମିତି କେମିତି ହେଲା। ଆନନ୍ତପୁର ଗାଁର ବଟମହାତ୍ମ୍ୟ କ'ଣ? କୀଚକେଶ୍ୱରୀ କିଏ? ଭଣ୍ଡଗଣେଶ ହାଃ ହାଃ କେମିତି ହେଲେ? ଅସଂଖ୍ୟ କିମ୍ବଦନ୍ତୀ, ଅସଂଖ୍ୟ ଜାତୀୟ ସ୍ମୃତି ପୁଣି ଚର୍ଚ୍ଚାକୁ ଆସିଯିବେ, ଧର୍ମ ସହିତ ମଣିଷର ରୋମାନ୍ସ ଯୋଉଟା ଉପଚାରରେ ପୋତି ହୋଇ ପଡ଼ିଚି, ସିଏ ଫିଟିଯିବ।

ସଂସ୍କୃତିପାଠ ସ୍ୱାଭାବିକ ଭାବରେ ମଧ୍ୟବର୍ଗର ଜୀବନକୁ ଫେରିବ। ଏଥିସହିତ ସଂସ୍କୃତି ସମ୍ପର୍କିତ ଗୋଟେ ବିଶାଳ ସାହିତ୍ୟିକ ପରମ୍ପରା ବି ଚିନ୍ତା ଓ ଚେତନାକୁ ଆକୃଷ୍ଟ କରିବ। ଯା' ଫଳରେ ବହିପଢ଼ା ବଢ଼ି ନ ପାରେ; କିନ୍ତୁ ସାଂସ୍କୃତିକ ସମ୍ପୃକ୍ତି ବଢ଼ିବ। ସଂସ୍କୃତି ସଚେତନ ସ୍ଥାନୀୟତା ଓଡ଼ିଆଙ୍କର ସାଂସ୍କୃତିକ ସ୍ୱଜ୍ଞାନ, ପରମ୍ପରାବୋଧ ଓ ଆତ୍ମପ୍ରତ୍ୟୟ ବଢ଼ାଇବ। ଲେଖିବାରେ ଆଗ୍ରହୀ ଲୋକେ ପ୍ରତି ପ୍ରାଚୀନ ଜନପଦ, ନଦୀ, ପର୍ବତ, ହ୍ରଦ, ଜଳାଶୟ, ମନ୍ଦିର, ମହାବୃକ୍ଷ, ଘାଟ, ତୁଠ, ରାସ୍ତା ଓ ଅପନ୍ତରାର ବିଚିତ୍ରକର୍ମା ଓ ଅସମ୍ଭବ ନାମଧାରୀ ଲୋକକଳ୍ପନାର ଦେବୀ ପ୍ରତିମାର କାହାଣୀ ଲେଖିବେ। ଓଡ଼ିଶା ତା'ର ସାଂସ୍କୃତିକ ଐତିହ୍ୟର ଲିଭିଆସୁଥିବା ସ୍ମୃତିପଟକୁ ଗୋଟିଏ କଥାକୁହା ଓ କଥାପ୍ରିୟ ମଧ୍ୟବର୍ଗର ଜୀବନ୍ତ ସ୍ମୃତିପାଠରେ ପାଇଯିବ।

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

# ହଜିଯାଉଛି ନିଦ ଆଉ ହସ

**ମାନସ କୁମାର କର**

ଭଲ ହସ ଏବଂ ଦୀର୍ଘ ନିଦ୍ରା ଅଧିକାଂଶ ରୋଗର ସର୍ବୋତ୍ତମ ଉପଚାର। କିନ୍ତୁ ଗତ କିଛିଦଶନ୍ଧି ମଧ୍ୟରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ନିଦ୍ରା ସମସ୍ୟା ବୃଦ୍ଧି ପାଇଛି। ଡିଜିଟାଲ ଯୁଗର ଆଗମନ ପରେ ଇଣ୍ଟରନେଟ୍ ସାମାଜିକ ଗଣମାଧ୍ୟମକୁ ସମସ୍ତଙ୍କ ପାଇଁ ସହଜ କରିଦେଇଛି। ଅପରପକ୍ଷରେ ଲୋକଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ରୋଗାକ୍ରାନ୍ତ କରିଚାଲିଛି। ଏହା ଏକପ୍ରକାର ଡିଜିଟାଲ ନିଶା, ଯାହା ଶିଶୁ ଓ କିଶୋରମାନଙ୍କୁ ଗ୍ରାସ କରିଚାଲିଛି।

ଶୈଶବ ହେଉଛି ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ, ଯେଉଁଠାରେ ଦୁନିଆର ଦୁଃଖ, କଷ୍ଟ, ଚାପ ଓ ସଂଘର୍ଷ ବିଷୟରେ ସେ ଅଜ୍ଞ। ସେହି ଅବସ୍ଥାରେ ସେ ପ୍ରତ୍ୟେକ ଦିନ କେବଳ ଉପଭୋଗ କରେ। କିନ୍ତୁ ଏହା କ'ଣ ଆଜିର ଯୁଗର ପିଲାମାନଙ୍କ ପାଇଁ ପ୍ରଯୁଜ୍ୟ? ହୁଏତ ନୁହେଁ। ଶୈଶବ ଦୁଷ୍ଟାମି, ଖେଳ, ମଜା, ଜିଦ୍ ଓ ରାଗିବା ଏବଂ ଭାଇଭଉଣୀ ଓ ବନ୍ଧୁମାନଙ୍କ ସହିତ ପ୍ରଲୋଭନ ଓ ଝଗଡ଼ାରେ ପରିପୂର୍ଣ୍ଣ। ଏହା ମାନବ ଜୀବନର ସବୁଠାରୁ ସୁନ୍ଦର ପର୍ଯ୍ୟାୟ, ଯେଉଁଥିରେ ନା କୌଣସି ଦାୟିତ୍ୱର ଭାବନା ଅଛି, ନା କୌଣସି ଚିନ୍ତା, ଜୀବନଶୈଳୀ। କେବଳ 'ଖାଅ, ପିଅ ଓ ଉପଭୋଗ କର।' କିନ୍ତୁ ଆଜିର ପିଢ଼ିର ପିଲାମାନେ ସେମାନଙ୍କର ଶୈଶବରେ ବଞ୍ଚିଲେ ନାହିଁ। ସେମାନଙ୍କର ନିର୍ଦ୍ଦୋଷ ବହୁତ ଶୀଘ୍ର ପରିପକ୍ୱତାରେ ପରିଣତ ହୋଇଗଲା। ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଗଣମାଧ୍ୟମ ବୟସ ଓ ସମୟ ପୂର୍ବରୁ ସେମାନଙ୍କ ଶୈଶବକୁ ଛଡ଼ାଇ ନେଇଗଲା।

ନିକଟରେ ନିତି ଆୟୋଗ ୧୨ ରୁ ୧୮ ବର୍ଷ ବୟସର କିଶୋରମାନଙ୍କ ଶୋଇବା ଅଭ୍ୟାସ ଏବଂ ଏହାର ପ୍ରଭାବ ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଆମ ଦେଶର ଏକ-ଚତୁର୍ଥାଂଶ ସ୍କୁଲ ପିଲା ପର୍ଯ୍ୟାପ୍ତ ନିଦ୍ରା ପାଇପାରୁ ନାହାନ୍ତି। ଏହା କେବଳ ସେମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉନାହିଁ, ସେମାନଙ୍କ ଚିନ୍ତାଧାରା ଏବଂ ବୁଝିବା କ୍ଷମତାକୁ ମଧ୍ୟ ପ୍ରଭାବିତ କରୁଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୂଚନା ବିପ୍ଳବ ଏବଂ ଗ୍ରାହକ ବଜାର ପିଲାମାନଙ୍କ ଅପରିପକ୍ୱ ମସ୍ତିଷ୍କ ଉପରେ ସୂଚନାର ଆକ୍ରମଣ ଆରମ୍ଭ କରିଛି। ସଫଳତାର ସମ୍ଭାବନା ପିଲାମାନଙ୍କୁ ଗ୍ରାହକରେ ପରିଣତ କରିଛି ଏବଂ ସେମାନଙ୍କର ସ୍ୱାଭାବିକତାକୁ ମଧ୍ୟ ଶେଷ କରିଦେଇଛି।

ପୂର୍ବରୁ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ରକ୍ତଚାପ, ମଧୁମେହ, ଶ୍ୱାସରୋଗ, ହୃଦଘାତ ଇତ୍ୟାଦି ରୋଗଗୁଡ଼ିକ ଏବେ କିଶୋର ଓ ଯୁବାବସ୍ଥାରେ କିମ୍ବା ତା'ପୂର୍ବରୁ ମଧ୍ୟ ଦେଖାଯାଉଛି। ଡାକ୍ତରୀ ଗବେଷଣା ଅନୁଯାୟୀ, ୮୦ ରୁ ୯୦ ପ୍ରତିଶତ ରୋଗ ଅନିଦ୍ରା, ଚାପ, ଅସନ୍ତୁଳିତ ଖାଦ୍ୟ ହେତୁ ହୋଇଥାଏ। ତେଣୁ ପ୍ରତ୍ୟେକ ପିଲା ପ୍ରତିଦିନ ଅତିକମ୍‌ରେ ୭ ରୁ ୮ ଘଣ୍ଟା ଶୋଇବା ଉଚିତ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମାନସିକ ଓ ଶାରୀରିକ ସନ୍ତୁଳନ ବଜାୟ ରହିବ। ପର୍ଯ୍ୟାପ୍ତ ନିଦ୍ରା ଓ ସନ୍ତୁଳିତ ଖାଦ୍ୟ ଦ୍ୱାରା ଅନେକ ରୋଗରୁ ଉପଶମ ମିଳିପାରିବ।

ନ୍ୟୁରୋସାଇଣ୍ଟିଷ୍ଟ ବି.ଏସ୍. ଗ୍ରୀନଫିଲ୍ଡଙ୍କ ମତରେ, ପ୍ରତ୍ୟକ୍ଷ ଅଭିଜ୍ଞତା, ପର୍ଯ୍ୟାପ୍ତ ନିଦ୍ରା, ବୟସ୍କ ପିଢ଼ି ସହିତ ପାରସ୍ପରିକ କ୍ରିୟା, ଖେଳିବାର ସୁଯୋଗ ଓ ସୃଜନଶୀଳତା ହେଉଛି ମସ୍ତିଷ୍କ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାର କାରଣ, ଯାହାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ନଷ୍ଟ କରିଚାଲିଛି। ଆଜିକାଲି ପ୍ରଯୁକ୍ତିବିଦ୍ୟା ଯୋଗୁଁ ବାହ୍ୟ କାର୍ଯ୍ୟକଳାପ ଘର ଭିତରେ କାର୍ଯ୍ୟକଳାପରେ ପରିବର୍ତ୍ତନ ହୋଇଛି, ଯାହା ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହିତ ସେମାନଙ୍କ ମଧ୍ୟରେ ଆକ୍ରମଣାତ୍ମକ, ନିରାଶା ଓ ହତାଶାର ଭାବନା ମଧ୍ୟ ବୃଦ୍ଧି କରୁଛି। ସେମାନଙ୍କ ମଧ୍ୟରେ ସାମାଜିକତା ଗୁଣ ହ୍ରାସ ପାଇ ବ୍ୟକ୍ତିବାଦର ପ୍ରବୃତ୍ତି ବୃଦ୍ଧି ପାଉଛି। ସେମାନେ ଆହ୍ୱାନର ସମ୍ମୁଖୀନ ହେବା ପରିବର୍ତ୍ତେ ପଳାତକ ହୋଇଯାଉଛନ୍ତି। ଜୀବନ ବଞ୍ଚିବା ପରିବର୍ତ୍ତେ ଏହାକୁ ସମାପ୍ତ କରିବା ସହଜ ମନେ କରୁଛନ୍ତି।

ଆବଶ୍ୟକ ପରିମାଣରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇପାରେ, କିନ୍ତୁ ତା' ଉପରେ ଯଦି ନିର୍ଭରଶୀଳତା ବୃଦ୍ଧି ପାଏ ତେବେ ମଣିଷକୁ ଯନ୍ତ୍ର ହେବାରୁ ରୋକିବା ସମ୍ଭବ ହେବ ନାହିଁ। ଦେଖାଯାଇଛି ଯେ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ହେବା ପରେ ପିଲାମାନେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ସନ୍ଦେହ କରିବା ଆରମ୍ଭ କରିଛନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ହ୍ରାସ ପାଉଛି। ଭର୍ଚୁଆଲ୍ ଦୁନିଆକୁ ବାସ୍ତବ ବୋଲି ଭାବିବା ଆରମ୍ଭ କରିଥିବାରୁ ସେମାନେ ଗୁଗୁଲରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି। ମନୋରଞ୍ଜନ, ସମୟ ବିତାଇବା, ଆରାମ କରିବା ପାଇଁ ସାମାଜିକ ଗଣମାଧ୍ୟମ କିମ୍ବା ନେଟୱାର୍କିଂର ସାହାଯ୍ୟ ନେଉଛନ୍ତି। ଥରେ ଲଗ୍‌ଇନ୍ କରିବା ପରେ ଦିନ ଓ ରାତି କେତେବେଳେ ବିତିଗଲା ତାହା ଜଣାପଡ଼େ ନାହିଁ। ଗୋଷ୍ଠୀ କିମ୍ବା ବନ୍ଧୁମାନଙ୍କ ସହିତ ବୁଲିବା, ପରିବାର ସହିତ ସମୟ ବିତାଇବା, କମିକ୍ସ ପଢ଼ିବା, ଖୋଲା ପଡ଼ିଆରେ ଖେଳିବା ଏବେ ଅତୀତର କଥା ହୋଇଗଲାଣି। ହ୍ୱାଟ୍‌ସଆପ୍ ଏବେ ସ୍କୁଲ ଡାଏରୀକୁ ବଦଳାଇ ଦେଇଛି। ଏପରି ପରିସ୍ଥିତିରେ ପିଲାମାନେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଆହ୍ୱାନର ସମ୍ମୁଖୀନ ହେବା ସ୍ୱାଭାବିକ।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ଅନବସର ଜ୍ୱର -ଏକ ଅଭିଶାପ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ଲକ୍ଷ୍ମୀ ଓ ଅଲକ୍ଷ୍ମୀ ଦୁଇ ଭଉଣୀ। ଲକ୍ଷ୍ମୀ ସାନ, ଅଲକ୍ଷ୍ମୀ ବଡ଼। ଦୈହିକ ଓ ମାନସିକ ସ୍ତରରେ ଦୁହେଁ ଦୁହିଁଙ୍କର ବିପରୀତ। ଲକ୍ଷ୍ମୀ ପରମା ସୁନ୍ଦରୀ। ଅଲକ୍ଷ୍ମୀ ଅତ୍ୟନ୍ତ ଅସୁନ୍ଦରୀ, ଶୀରାଳ ମୁଖମଣ୍ଡଳ, ବଡ଼ ବଡ଼ ଦାନ୍ତ, ଡିମା ଡିମା ଆଖି, ଅସ୍ତ ବ୍ୟସ୍ତ ବାଳ। କାନ ଦୁଇଟା ଅନୁପାତରେ କାହିଁ କେତେ ଗୁଣ ବଡ଼। ଯେ କେହି ଦେଖିଲେ ଭୟଭୀତ ହେବାଟା ଥୟ। ଲକ୍ଷ୍ମୀ ଥିଲେ ସଂସାରର ସକଳ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ଅଧିକାରିଣୀ ଦେବୀ। କିନ୍ତୁ ଅଲକ୍ଷ୍ମୀ ଥିଲେ କଳିହୁଡ଼ି। ମାତା ଲକ୍ଷ୍ମୀଙ୍କର ରୂପ ମାଧୁର୍ଯ୍ୟ ଓ ଗୁଣ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ଦେବତାମାନଙ୍କ ଭିତରେ ସାର୍ବଭୌମ ବିଷ୍ଣୁ ତାଙ୍କୁ ଆନନ୍ଦରେ ପତ୍ନୀ ରୂପେ ଗ୍ରହଣ କଲେ। କିନ୍ତୁ ଅଲକ୍ଷ୍ମୀଙ୍କର ଉପରୋକ୍ତ ଅବିଗୁଣ ଯୋଗୁଁ ତାଙ୍କୁ କେହି ବାହା ହେବାକୁ ରାଜି ହେଉ ନ ଥିଲେ। ସେ ମଧ୍ୟ ଜଣେ ଦେବତାଙ୍କୁ ବିବାହ କରି ସ୍ୱର୍ଗର କଠୋର ସାମାଜିକ ନୀତିନିୟମରେ ଛନ୍ଦି ହେବାକୁ ଚାହୁଁ ନ ଥିଲେ। ମର୍ତ୍ତ୍ୟମଣ୍ଡଳର ଜଣେ ରାଜାଙ୍କୁ ବିବାହ କରି ବିଳାସବ୍ୟସନରେ ଜୀବନକୁ ଉପଭୋଗ କରିବାକୁ ସେ ଚାହୁଁଥିଲେ।

ଘରେ ବଡ଼ଭଉଣୀ ଅଭିଆଡ଼ି ହୋଇ ବସି ଥିବା ବେଳେ ସାନ ଭଉଣୀର ବାହା ହେବା କଥାଟା ଲକ୍ଷ୍ମୀଙ୍କୁ ଭଲ ଲାଗୁ ନ ଥିଲା। ସେ ଚିନ୍ତିତା ଥିଲେ ଯେ ଲୋକେ ପଛରେ କୁହା କୁହି ହେବେ-ସୁନ୍ଦର ବରଟେ ପାଇଲା ବୋଲି ସ୍ୱାର୍ଥପର ଲକ୍ଷ୍ମୀ ବଡ଼ ଭଉଣୀକୁ ଛାଡ଼ି ବାହା ହୋଇଗଲା। ତେଣୁ ଅଲକ୍ଷ୍ମୀଙ୍କ ପାଇଁ ଗୋଟେ ବିବାହ ପ୍ରସ୍ତାବ ଖୋଜିବାକୁଁ ସେ ବିଷ୍ଣୁଙ୍କୁ ଅନୁରୋଧ କରୁଥିଲେ। ମହାବିଷ୍ଣୁ ଯେ ସେ ବିଷୟରେ ଚିନ୍ତା କରୁ ନ ଥିଲେ, ସେ କଥା ନୁହେଁ। ଭଉଣୀ ଜୋଇଁ ଦେଢ଼ଶାଶୂଙ୍କପାଇଁ ବର ଖୋଜିବା କଥାଟା ତାଙ୍କୁ ଅସଙ୍ଗତ ଲାଗୁ ଥିଲେ ବି ସେ ମନେ ମନେ ଜଣେ ପାତ୍ରର ସନ୍ଧାନରେ ଥିଲେ। ଏତିକିବେଳେ ଅତୀତର ଏକ କଥା ତାଙ୍କର ମନେ ପଡ଼ିଗଲା। ଥରେ ସେ ଅଲକ୍ଷ୍ମୀଙ୍କୁ ଆଣିବାକୁ ଯାଇଥିଲେ। ଫେରିବାବେଳେ ଅଲକ୍ଷ୍ମୀ ବାଟରେ ଏକ ଅଶ୍ୱତ୍ଥ ଗଛ ମୂଳରେ ବିଶ୍ରାମ ନେଇଥିଲେ। ଅଶ୍ୱତ୍ଥ ଏକ ପବିତ୍ର ଗଛ। ତେଣୁ ଅଶ୍ୱତ୍ଥ ବୃକ୍ଷସମାଜ ଚିନ୍ତା କଲେ ଯେ ଅଲକ୍ଷ୍ମୀ ଯେଉଁ ଗଛ ତଳେ ବସିଥିଲେ ସେ ଗଛ ଅପବିତ୍ର ହୋଇଗଲା। ବୃକ୍ଷସମାଜ ସେ ଗଛକୁ ବାସନ୍ଦ କରି ଜଙ୍ଗଲକୁ ତଡ଼ି ଦେଲେ। ସେ ଗଛ ଜଙ୍ଗଲରେ ଜରି ଗଛ ନାମ ଧରି ରହିଲା। କଳିହୁଡ଼ି ଅଲକ୍ଷ୍ମୀଙ୍କ ପ୍ରଭାବରେ ସେ ଗଛର ପତ୍ରମାନେ ସବୁବେଳେ ଫଡ୍ ଫଡ୍ ଶବ୍ଦ କରିବାକୁ ଲାଗିଲେ। ଲୋକମାନେ ସେ ଗଛକୁ ନକ୍ଷୀଛଡ଼ା ବୋଲି କହନ୍ତି ଏବଂ କୌଣସି କାର୍ଯ୍ୟରେ ଲଗାନ୍ତି ନାହିଁ। ଏପରି ଜଣେ କନ୍ୟା ପାଇଁ ବର ଖୋଜିବା କିଛି ସହଜ କଥା ନ ଥିଲା। ତେଣୁ ମହାବିଷ୍ଣୁ ଭାବିଲେ ଯେ ଅଲକ୍ଷ୍ମୀଙ୍କୁ ଜଣେ ଋଷିଙ୍କ ସହ ବିବାହ କରିଦେଲେ ଠିକ ହେବ। ସେ ଋଷି ଉଦ୍ଦାଳକଙ୍କ ଆଶ୍ରମକୁ ଯାଇ ଅଲକ୍ଷ୍ମୀଙ୍କୁ ବିବାହ କରିବାକୁ ଅନୁରୋଧ କଲେ। ମହାବିଷ୍ଣୁଙ୍କୁ ସଦ୍ଗୁରୂପେ ପା ଥିବାରୁ ଋଷିଙ୍କ ମନ ଆନନ୍ଦ ହୋଇ ଗଲା। ତେଣୁ ସେ ପ୍ରସ୍ତାବରେ ରାଜି ହୋଇ ଗଲେ ଏବଂ ଅଲକ୍ଷ୍ମୀଙ୍କର ବାହାଘର ଋଷିଙ୍କ ସାଙ୍ଗରେ ହୋଇଗଲା।

ବିବାହ ପରେ ପରେ ଅଲକ୍ଷ୍ମୀ କିନ୍ତୁ ଭାବିବାକୁ ଲାଗିଲେ ଯେ ମାୟାଧର ବିଷ୍ଣୁ ମାୟା କରି ଜଣେ ଋଷି ସହ ତାଙ୍କର ବିବାହ କରି ତାଙ୍କ ପ୍ରତି ବିଶ୍ୱାସଘାତକତା କଲେ। ଭିକ୍ଷାଥାଳ ଧରିଥିବା ଜଣେ ଋଷି ସହ ତାଙ୍କର ବିବାହ କରେଇ ତାଙ୍କୁ ଭିକାରୁଣୀ କରିଦେଲେ। ତାଙ୍କର କ୍ରୋଧ ଦିନୁଦିନ ବଢ଼ିବାକୁ ଲାଗିଲା। ଦିନେ ସେ କ୍ରୋଧରେ ବିଷ୍ଣୁଙ୍କୁ ଅଭିଶାପ ଦେଲେ, 'ହେ ସ୍ୱାର୍ଥପର ମାୟାଧର, ନିଜ ଲୋକମାନଙ୍କର ଭଲମନ୍ଦ ବୁଝିବାରେ ମଧ୍ୟ ତୁମେ ମାୟାର ସାହାରା ନେଲ। ତେଣୁ ତୁମକୁ ଅଭିଶାପ ଦେଉଛି ଯେ ତୁମେ ମହାଜ୍ୱରରେ ପୀଡ଼ିତ ହୁଅ।' ବିଷ୍ଣୁ ଏ କଥା ଶୁଣି ମନ୍ଦମନ୍ଦ ହସିଲେ ଓ କହିଲେ, 'ଦେବୀ! ଆପଣ ମୋର ଦେଢ଼ଶାଶୂ। ଆପଣଙ୍କ ଅଭିଶାପ ବୃଥା ଯିବ ନାହିଁ। କିନ୍ତୁ ମୋର ଏ ଶରୀର ଅଜର ହୋଇ ଥିବାରୁ ଜ୍ୱର କୌଣସି ପ୍ରଭାବ ପକାଇ ପାରିବ ନାହିଁ। କଳିଯୁଗରେ ମୁଁ ନିତ୍ୟ ନୀଳାଚଳରେ ଦାରୁବ୍ରହ୍ମ ଜଗନ୍ନାଥ ରୂପେ ଆରାଧିତ ହୋଇ ମାନବୀୟ ଲୀଳା ରଚନା କରିବି। ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ମୋର ପ୍ରତ୍ୟକ୍ଷ ସ୍ନାନନୀତି ଅନୁଷ୍ଠିତ ହେବ। ସେ ଦିନ ଅବେଳରେ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କରି ପନ୍ଦର ଦିନ ପର୍ଯ୍ୟନ୍ତ ଜ୍ୱରରେ ପୀଡ଼ିତ ହେବି। ସେତେବେଳେ ମୁଁ ଅନବସର ଗୃହରେ ପଥ୍ୟପାଚନ ଭୋଜନ କରି ବିଶ୍ରାମ ନେବି। ସଙ୍ଗରୋଧରେ ରହୁଥିବାରୁ ସାଧାରଣ ଭକ୍ତ ମୋର ଦର୍ଶନର ସୁଯୋଗ ପାଇବେ ନାହିଁ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନ ଉପରେ...

ହରାଇଛି ।।ତେହରାନ । ଯଦି ଇରାନ ଆଲୋଚନା କରିବାକୁ ଚାହୁଁଛି, ତାହାହେଲେ ଏହା ଆମ ସହ ସଂପର୍କ କରୁ । ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗି ସେ ଉଦ୍ୟମ କରୁଥିବା ଖବରକୁ ଖଣ୍ଡନ କରି ଟ୍ରମ୍ପ କହିଛନ୍ତି, ଯୁଦ୍ଧବିରତି ନୁହେଁ, ଶତ୍ରୁତାର ଅନ୍ତ କରିବାକୁ ସେ ଉଦ୍ୟମ କରୁଛନ୍ତି । ତେବେ ଶତ୍ରୁତାର କିପରି ଅନ୍ତ ଘଟିବ ସେସଂପର୍କରେ ସେ କିଛି କହି ନାହାନ୍ତି । କିନ୍ତୁ ତାଙ୍କର ଭାଷା ଏବଂ କଥାବାର୍ତ୍ତା ଶୈଳିରୁ ଜଣାପଡୁଛି ଯେ ଇରାନ ଉପରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣ କରିପାରନ୍ତି । ଖାମେନୀ ପ୍ରଶାସନକୁ ହଟାଇ ଆମେରିକାକୁ ସୁହାଇଲା ଭଳି ପ୍ରଶାସକଙ୍କୁ କ୍ଷମତାରେ ବସାଇବାକୁ ଭିତିରି ଯୋଜନା ଚାଲିଛି ।

କାନାଡାରେ ଚାଲିଥିବା ଜି-୭ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ଟ୍ରମ୍ପ ତାଙ୍କର କାର୍ଯ୍ୟକ୍ରମକୁ ଅଧାରୁ ଛାଡ଼ି ୱାସିଂଟନ ଫେରିଆସିଛନ୍ତି । କୁହାଯାଉଥିଲା ଯେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପାଇଁ ସେ ପଦକ୍ଷେପ ନେବେ । ସେ ସୂଚନା ମଧ୍ୟ ଦେଇଥିଲେ ଯେ ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ପରମାଣୁ କଥାବାର୍ତ୍ତା ଲାଗି ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ତେହରାନ ପଠାଇବେ । କିନ୍ତୁ ଏବେ ଏଭଳି କିଛି ସୂଚନା ମିଳୁନାହିଁ । ଜି-୭ ସମ୍ମିଳନୀରେ ଇରାନ-ଇସ୍ରାଏଲ ଯୁଦ୍ଧ ଉପରେ ଆଲୋଚନା ହୋଇଛି ଏବଂ ଯୁଦ୍ଧବିରତି ସପକ୍ଷରେ ସଭ୍ୟରାଷ୍ଟ୍ର ମତ ପ୍ରକାଶ କରିଛନ୍ତି । କିନ୍ତୁ ସେମାନେ ଇସ୍ରାଏଲକୁ ସମର୍ଥନ ଘୋଷଣା କରିବା ସହିତ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଇରାନ ଅସ୍ଥିରତା ସୃଷ୍ଟି କରୁଛି ।

ଯୁଦ୍ଧକ୍ଷେତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ ଉପରେ ପୁଣି ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ । ଆଜି ସନ୍ଧ୍ୟା ବେଳେ ଇସ୍ରାଏଲ ରାଜଧାନୀ ତେଲ ଆଭିଭ ସ ।।ମେତ ଅନ୍ୟ କେତେକ ସହର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ବିସ୍ଫୋରଣ ହୋଇଛି । ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିବା କୁହାଯାଉଛି । ଇରାନ ଆକ୍ରମଣରେ ଇସ୍ରାଏଲର ଅନେକ ସହର ଭୀଷଣ କ୍ଷତିଗ୍ରସ୍ତ ହୋଇଛି । ଇସ୍ରାଏଲର ସେନା ମୁଖ୍ୟାଳୟ ସମେତ ଅନେକ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଛି । ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲରେ ୨୪ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ଇରାନରେ ମଧ୍ୟ ୨୨୪ ଜଣ ପ୍ରାଣ ହରାଇଥିବା କୁହାଯାଉଛି ।

ଇରାନ ଉପରେ ଇସ୍ରାଏଲ ମଧ୍ୟ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛି । ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ଆଜିର ଆକ୍ରମଣରେ ଇରାନର ଯୁଦ୍ଧକାଳୀନ ସେନା ମୁଖ୍ୟ ଜେନେରାଲ ଅଲ୍ଲୀ ସଦମାନୀ ନିହତ ହୋଇଛନ୍ତି । ସେ ଇରାନର ସର୍ବୋଚ୍ଚ ନେତା ଖାମେନୀଙ୍କ ଘନିଷ୍ଠ ବୋଲି କୁହାଯାଉଛି । ଏହାସହିତ ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ଅନେକ ବରିଷ୍ଠ କମାଣ୍ଡର ଏବଂ ଚିଫ୍ ଅଫ୍ ଷ୍ଟାଫ ପ୍ରାଣ ହରାଇଲେଣି । ଜୀବନ ବଞ୍ଚାଇବା ଲାଗି ଖାମେନୀ ବଙ୍କରରେ ଲୁଚିଥିବା କୁହାଯାଉଛି । ଇସାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି ।।ଯେ ଖାମେନୀ ବଞ୍ଚିଥିବା ପର୍ଯ୍ୟନ୍ତ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହେବନାହିଁ । ସଦ୍ଦାମ ହୁସେନ ଭଳି ଖାମେନୀ ଦଶା ଭୋଗିବେ ବୋଲି ସେ ଧମକ ଦେଇଛନ୍ତି ।

## ବାର୍ ଛାତ ଉପରୁ...

ଯୋଡିଛି । ଏହା ହୋଟେଲର ପ୍ରିମିୟମ୍ ଫିଚର ମଧ୍ୟରୁ ଗୋଟିଏ । 'ସ୍କାଏ ମିସାଇଲ ଭ୍ୟୁ' ଫିଚରରେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ଦୃଶ୍ୟ ଦେଖିବା ପାଇଁ ୨.୨୫ ଲକ୍ଷ ଲେବନିଜ୍ ପାଉଣ୍ଡ ଚାର୍ଜ କରୁଛନ୍ତି । କହାଯାଉଛି ଯେ ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ପଡ଼ିବାର ଦୃଶ୍ୟ ହୋଟେଲର ସ୍ୱତନ୍ତ୍ର ସିଟ୍‌ରୁ ଦେଖାଯାଇପାରିବ । ହୋଟେଲରେ ଏହି ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ଚାହୁଁଥିବା ଗ୍ରାହକଙ୍କୁ ସେହି ସିଟ୍ ବୁକ୍ କରିବାକୁ ପଡିବ । ହୋଟେଲ ଏହାକୁ କେବଳ ଏକ ପ୍ରିମିୟମ୍ ଫିଚର ବୋଲି କହିନାହିଁ, ବରଂ ଏହି ନାମ (ସ୍କାଏ ମିସଲ୍ସ ଭ୍ୟୁ) ମଧ୍ୟ ଟ୍ରେଡମାର୍କ କରିଛି । ଏହି ଭିଡିଓରେ, ଆକାଶରେ କ୍ଷେପଣାସ୍ତ୍ର ମାଡ଼ ଦେଖାଯାଉଛି, କିନ୍ତୁ ବାରରେ ଲୋକମାନେ ନିଶ୍ଚିନ୍ତ ଭାବରେ ନାଚୁଛନ୍ତି । ଆଉ ଜଣେ ବ୍ୟକ୍ତି ବାର୍ ଛାତ ବାରରେ ତୁରୀ ବଜାଉଥିବା ଦେଖାଯାଉଛି । ଲୋକମାନେ ଛିଡା ହୋଇ କ୍ଷେପଣାସ୍ତ୍ର ମାଡ଼ ଦେଖୁଛନ୍ତି ଏବଂ ସେମାନଙ୍କ ଫୋନରେ ଭିଡିଓ ଉତ୍ତୋଳନ କରୁଛନ୍ତି ।

## ଡିଜିଙ୍କୁ ଜାତୀୟ ମହିଳା...

ନିକଟରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହିତ ପୁରୁଷ ବନ୍ଧୁଙ୍କୁ ମାରପିଟ୍ କରିଥିଲେ । ଏହାପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଉକ୍ତ ଯୁବତୀଙ୍କୁ ସେହି ସ୍ଥାନରୁ କିଛିଦୂରକୁ ନେଇ ଏକ ଅନ୍ଧାରିଆ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମ କରିବାରେ ସେମାନଙ୍କୁ ସହଯୋଗ କରିବା ସହିତ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ନଜରବନ୍ଦୀ କରି ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କ ଠାରୁ ନଗଦ ୧ହଜାର ଟଙ୍କା ଓ ଅନ୍‌ଲାଇନ୍‌ରେ ୩୦୦ଟଙ୍କା ନେଇ ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଘଟଣାକୁ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ୧୧ଟା ସମୟରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଗୋପାଳପୁର ଓଭରବ୍ରିଜ ନିକଟରୁ ୨ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ରବିବାର ରାତିରେ ଘଟଣାରେ ସମ୍ପୃକ୍ତ ଆନ୍ୟ ୫ଜଣଙ୍କୁ କାବୁ କରିଥିଲା ପୋଲିସ । ମଙ୍ଗଳବାର ସକାଳେ ପୁଣି ଆଉ ୩ଜଣଙ୍କୁ ପୁଲିସ ବ୍ରହ୍ମପୁରରୁ ଗିରଫ କରିଛି ।

ଏହି ଘଟଣରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରମୋଦ ନାୟକ ନାମରେ ହତ୍ୟା ପରି ସଙ୍ଗୀନ ଅପରାଧ ଥିବା ବ୍ରହ୍ମପୁର ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାର ୨୪ଘଣ୍ଟା ମଧ୍ୟରେ ସମସ୍ତ ୧୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ୧୦ଜଣଙ୍କ ମଧ୍ୟରେ ୬ଜଣ ସାବାଳକ ଥିବାବେଳେ ଅନ୍ୟ ୪ଜଣ ନାବାଳକ । ୬ ସାବାଳକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବେଲଗାଁ ଥାନା ଅନ୍ତର୍ଗତ ପାଟପୁର ଗ୍ରାମର କୁନାଲ ପ୍ରଧାନ(୨୪), ହିଞ୍ଜିଳି ବୁରୁପଡାର ବାବୁରାମ ଦଳାଇ(୧୯), ଲକ୍ଷ୍ମଣ ପ୍ରଧାନ(୨୪),ସିକିରର ଓମ୍ ପ୍ରଧାନ(୧୯), ଦୀପକ ତରାଇ(୧୯) ଓ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ(୨୩) ସାମିଲ । ଚିହ୍ନଟ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ପୀଡ଼ିତାଙ୍କୁ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟ ୭ଜଣ ଗଣଦୁଷ୍କର୍ମରେ ସହଯୋଗ କରିଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

## ନବୀନଙ୍କ କ୍ଷୋଭ...

କହିଛନ୍ତି ଯେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଖବର ଅତ୍ୟନ୍ତ ସ୍ପର୍ଶକାତର ଓ ଏହା ସଭିଙ୍କୁ ଏହା ବିଚଳିତ କରିଛି । ପର୍ଯ୍ୟଟନ ସ୍ଥଳୀରେ ମହିଳାମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତିଦିନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନାକୁ ରୋକିବା ଦିଗରେ ସରକାର ସଜାଗ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ । ତଥ୍ୟ ଅନୁଯାୟୀ ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଟି ଦୁଷ୍କର୍ମ ଘଟଣା ଘଟୁଛି । ଯାହା ରାଜ୍ୟରେ ମା, ଭଉଣୀଙ୍କ ସୁରକ୍ଷା ପ୍ରତି ସାଂଘାତିକ ସ୍ଥିତି ସୃଷ୍ଟି କଲାଣି । ବିଶେଷ ନିକଟ ଅତୀତରେ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଦୁଷ୍କର୍ମ ଜନିତ କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ପୁଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଏହା ପ୍ରତ୍ୟକ୍ଷ ଭାବରେ ଅପରାଧୀଙ୍କ ମନୋବଳ ବୃଦ୍ଧି କରୁଥିବା ବେଳେ ମହିଳା ବିରୋଧୀ ହିଂସା ଏବଂ ଦୁଷ୍କର୍ମ ଘଟଣା ବୃଦ୍ଧିରେ ସହାୟକ ହେଉଛି । ଗତ ୬ ମାସ ହେବ ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ସରକାରଙ୍କୁ ସଜାଗ ହେବାକୁ ଦାବି କରୁଥିଲେ ହେଁ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରୁନାହାନ୍ତି । ଏପରିକି ଉଭୟ ବିରୋଧୀ ଗତ ବିଧାନସଭା ଅଧିବେଶନରେ ଏହାକୁ ନେଇ ପ୍ରବଳ ତମ୍ବିତୋଫାନ କରିଥିଲେ । କଂଗ୍ରେସ ସମସ୍ତ ସଦସ୍ୟଙ୍କୁ ମଧ୍ୟ ଏଥିପାଇଁ ଗୃହରୁ ନିଲମ୍ବିତ ହେବାକୁ ପଡ଼ିଥିଲା ।

ଏତେସବୁ ଘଟଣା ପରେ ମଧ୍ୟ ସରକାର ଏନେଇ ସଚେତନ ନହେବା କାରଣରୁ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ବାହାରକୁ ଗଲାଣି । ବିଶେଷକରି ଗୋପାଳପୁର ପରି ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଏପରି ଘଟଣା ଘଟିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବୁଦ୍ଧିଜୀବି । ଏହା ରାଜ୍ୟର ମହିଳାଙ୍କ ସମ୍ମାନ ପ୍ରତି ଆଞ୍ଚ ଆଣିବା ସହ ଓଡ଼ିଶାର ଛବିକୁ ଖରାପ କଲାଣି । ସରକାର ସଜାଗ ନହେଲେ ଏପରି ଲଜ୍ଜାଜନକ ଏବଂ ସ୍ପର୍ଶକାତର ଘଟଣା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବ ପକାଇବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

## ଡେଇଁଡେଇଁ ମାଡୁଛି...

ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୮୫ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୧୫ ଜଣଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । କେନ୍ଦ୍ରୀୟ ଟିମ୍ ମଧ୍ୟ ତିନି ଦିନ ଧରି ଯାଜପୁରରେ ସ୍ଥିତି ଅନୁଧ୍ୟାନ କରୁଥିଲେ ହେଁ ଏଯାବତ୍ ଝାଡ଼ାବାନ୍ତିର ମୂଳ ଉତ୍ସ ଖୋଜି ପାଉନାହାନ୍ତି ।

ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଚିନ୍ତାଜନକସ୍ଥିତି ଉପୁଜିଛି । ଗତକାଲି ୧୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଆକ୍ରାନ୍ତଙ୍କ ସଂଖ୍ୟା ୧୫୦ ପାର୍ କରିଥିବା ଜଣାପଡ଼ିଛି । ଏବେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପାଖାପାଖି ଅନେକ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ବିଭିନ୍ନ ଘରୋଇ ହସ୍ପିଟାଲ୍‌ରେ କିଛି ବ୍ୟକ୍ତି ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଡାକ୍ତର ରୂପଭାନୁ ମିଶ୍ର କହିଛନ୍ତି, ରାଜ୍ୟରେ ହଇଜା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଏହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ହସ୍ପିଟାଲ୍‌ରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରୁ କିଛି ଡାଇରିଆ ରୋଗୀ ଚିକିତ୍ସିତ ହେଉଛନ୍ତି । କିନ୍ତୁ ବାହାରୁ ରୋଗୀ କେହି ଆସି ଚିକିତ୍ସିତ ହେଉନାହାନ୍ତି । ଡାଇରିଆ ୱାର୍ଡକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରି ରଖାଯାଇଛି । ସମସ୍ତ ବ୍ୟବସ୍ଥା କରାଯାଇଛି । ବାହାରୁ ଯଦି ରୋଗୀ ଆସନ୍ତି ତେବେ ଚିକିତ୍ସା କରିହେବ । ଏବେ ଭୁବନେଶ୍ୱରରେ ସେଭଳି ଅଣାୟତ୍ତ ପରିସ୍ଥିତି ହୋଇନାହିଁ । ତଥାପି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ଡାଇରିଆ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ୍ ରହିଛି ବୋଲି ସେ କହିଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗତକାଲି ଢେଙ୍କାନାଳରେ 'ଷ୍ଟପ୍ ଡାଇରିଆ' ଅଭିଯାନ ଆରମ୍ଭ କଲେ । ଏହା ୪୫ ଦିନ ଧରି ଚାଲିବ ବୋଲି କୁହାଯାଉଛି । ମାତ୍ର ବର୍ତ୍ତମାନର ଭୟଙ୍କରସ୍ଥିତିରୁ ଲୋକମାନଙ୍କୁ କେମିତି ଉଦ୍ଧାର କରାଯିବ, ଅର୍ଥାତ୍ ସଂକ୍ରମଣ କେମିତି ରୋକାଯିବ, ତା' ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଷ୍ଟପ୍ ଡାଇରିଆ ଅଭିଯାନରେ ଜନସଚେତନତା ଏକ ନିୟମିତ ପ୍ରକ୍ରିୟା । ପୂର୍ବରୁ ବି ଏହା କରାଯାଉଥିଲା । ହେଲେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନଥିବାରୁ ଆଜି ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବେସରକାରୀ ଭାବେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଏଥିରେ ପ୍ରାଣହାନୀ ଘଟିଲାଣି । ଆଉ କେତେ ମୁଣ୍ଡ ଗଡ଼ିବା ପରେ ରାଜ୍ୟ ସରକାର ଚେତିବେ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏହି ଘଟଣା ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ୩୦ଜିଲ୍ଲାକୁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆଜି ଦିନ ୧୦ଟା ସୁଦ୍ଧା ୫ ଜିଲ୍ଲାରୁ ୩ ଶହ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ଯେଉଁ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି, ତାଙ୍କୁ ୨୪ ଘଣ୍ଟିଆ ନୀରିକ୍ଷଣରେ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଡାଇରିଆ ନେଇ ଆଶା, ଅଙ୍ଗନବାଡି ସଚେତନ କରିବା ସହିତ ଗାଁ ଗାଁରେ ମାଇକରେ ପ୍ରଚାର ଚାଲିଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପ୍ରତିଦିନ ରାଜ୍ୟସ୍ତରୀୟ ସମୀକ୍ଷା ହେବ । ଆ ।।ସନ୍ତାକାଲି କେନ୍ଦ୍ରୀୟ ଟିମ୍ ସହିତ ରାଜ୍ୟ ସରକାର ଆଲୋଚନା କରିବେ । ଏହାସହ ମୌସୁମୀ ବର୍ଷା ହେଉଛି, ତେଣୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

## କେନ୍ଦ୍ରାପଡ଼ାରେ ୨୭ ଆକ୍ରାନ୍ତ...

ଚିକିତ୍ସିତ ହେଉଥିବା ସୂଚନା ମିଳିଛି । ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମର ସଜନୀ ମଲିକ (୬୧)ଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବାବେଳେ ସଜନୀଙ୍କ ପୁଅ ସମେତ ଗ୍ରାମର ଅନ୍ୟ ୭ ଜଣ ବ୍ୟକ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାର ଅନେକ ସ୍ଥାନରେ ରହିଥିବା ନଳକୂପ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବାରୁ ଏହା ପରିସରକୁ ବିଭାଗ ପକ୍ଷରୁ ସଫେଇ କରାଯିବା କଥା । ତାହା ହେଉନାହିଁ । ଲୋକେ ବ୍ଲିଚିଂ ମାଗିଲେ ମିଳୁ ନ ଥିବା ଅଭିଯୋଗ ହୋଇଛି । ଏଥିସହିତ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ନିଦ ଭାଙ୍ଗିନି । ଜଳଖିଆ ଦୋକାନ, ହୋଟେଲ, ଖାଦ୍ୟସାମଗ୍ରୀ ଦୋକାନ ଓ ପାନୀୟ ଜଳ ଫ୍ୟାକ୍ଟ୍ରି ଉପରେ ଚଢ଼ଉ କରାଯାଉ ନ ଥିବାରୁ ଏହା ଜିଲ୍ଲାର କୋଣ ଅନୁକୋଣରେ ବ୍ୟାପିବାରେ ଲାଗିଛି । ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ କେନ୍ଦ୍ରାପଡ଼ା ମେଡିକାଲରେ ଶଯ୍ୟା ଅଭାବ ଦେଖାଦେଇଛି । ମେଡିକାଲ ବାରଣ୍ଡାରେ ଅନେକ ରୋଗୀ ଅତି ଦୟନୀୟ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ମେଡ଼ିକାଲରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବା ବଦଳରେ ଅନ୍ୟତ୍ର ରେଫର କରାଯାଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି । ଯେଉଁମାନେ ଆଡ଼ମିଶନ ନେଇ ଅଛନ୍ତି, ସେମାନଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଉଛି । ଏ ନେଇ ବରିଷ୍ଠ ଡାକ୍ତର ପ୍ରମୋଦ ପ୍ରହରାଜ କହିଛନ୍ତି, ବର୍ତ୍ତମାନ ୨୭ରୁ ଅଧିକ ରୋଗୀ ଆସିଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ଅଛି । ପାଗ ପରିବର୍ତ୍ତନ ଓ ପାଚନ କ୍ରିୟାରେ ଅସୁବିଧା ଯୋଗୁଁ ଏସବୁ ସମସ୍ୟା ହେଉଛି । ମେଡିକାଲ ପକ୍ଷରୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ଯେଉଁମାନଙ୍କୁ ଭୂତାଣୁ ଆକ୍ରାନ୍ତ କରିଛି, ସେମାନଙ୍କୁ ଆଣ୍ଟିବାୟୋଟିକ ମଧ୍ୟ ଦିଆଯାଉଛି । ସମସ୍ତ ଅସୁସ୍ଥଙ୍କୁ ମେଡିକାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ଡା. ପ୍ରହରାଜ ସୂଚନା ଦେଇଛନ୍ତି ।

## ରାଜଧାନୀରେ ମଦମୃତ୍ୟୁ...

ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ପହଞ୍ଚି ଲୋକଙ୍କରୁ ବୁଝାସୁଝା କରିଥିଲା । ଦୋକାନ ବନ୍ଦ ନହେଲେ ଏଭଳି ପରିସ୍ଥିତି ଜାରି ରହିବ ବୋଲି ଲୋକେ ଅଡ଼ି ବସିଥିଲେ । ଶେଷରେ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଆସି ଉକ୍ତ ଦୋକାନରୁ ଏକାଧିକ ମଦର ନମୁନା ନେବା ସହ ପରୀକ୍ଷା ପାଇଁ ପଠାଯାଇଛି । ୩ଦିନ ମଧ୍ୟରେ ମଦର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।

ସୂଚନା ଅନୁସାରେ ସନ୍ତୋଷ କୁମାର,ବିଶ୍ୱଜିତ, ଅନ୍ୟ ୩ଜଣ ଷ୍ଟେସନ ବଜାର ନିକଟରେ ଥିବା ମଦ ଦୋକାନରୁ ବିୟର ପେଟି ନେଇଥିଲେ । ପରେ ସେମାନେ ବାଙ୍କୁଆଳ ନଦୀ ପଠାରେ ଭେଜି କରି ଖାଇବା ସହ ବିୟର ପିଇଥିଲେ । ଭୋଜି ଖାଇ ଘରକୁ ଫେରିବା ପରେ ରାତିରେ ସମସ୍ତେ ଯନ୍ତ୍ରଣା ଅନୁଭବ କରିଥିଲେ । ସନ୍ତୋଷ ଗୁରୁତର ହେବାରୁ ତାଙ୍କୁ ଆଗେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଗଲା । ହେଲେ ୪ଦିନ ତଳେ ସନ୍ତୋଷର ମୃତ୍ୟୁ ଘଟିଥିବା ବେଳେ ଆଜି ଆଇସିୟୁରେ ଥିବା ବିଶ୍ୱଜିତଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଜଣଙ୍କ ସହ ଭୋଜି କରିଥିବା ଅନ୍ୟ ୩ଜଣ ଏବେବି ଆଇସିୟୁରେ ମରଣ ସହ ସଂଘର୍ଷ କରୁଛନ୍ତି । ପରିବାର ଲୋକ ଡାକ୍ତରଙ୍କୁ ଏହି ଦୁଇ ଯୁବକଙ୍କ ମୃତ୍ୟୁର କାରଣ ପଚାରିବାରୁ ବିଷାକ୍ତ ଖାଦ୍ୟ ନୁହେଁ ବିଷାକ୍ତ ବିୟର ପିଇଥିବାରୁ ମୃତ୍ୟୁ ଘଟିଥିବା କହିଥିଲେ । ଡାକ୍ତରଙ୍କ ଠାରୁ ଏକଥା ଶୁଣିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀ ତାତିଥିଲେ । ସେମାନେ ମଦ ଦୋକାନ ଆଗରେ ଆସି ହୋ ହାଲ୍ଲା କରିଥିଲେ । ରାଜ୍ୟରେ ବିଷାକ୍ତ ମଦ ପିଇ ମୃତ୍ୟୁ ସଂଖ୍ୟ ବଢୁଥିବା ବେଳେ ଚୋରାମଦ ଏବଂ ବିଷାକ୍ତ ମଦ ଉପରେ ଚଢଉ ଜୋରଦାର କରାଯାଉ ନାହିଁ । ପୁଲିସ ଏବଂ ଅବକାରୀ ବିଭାଗ ସବୁ ଜାଣିଥିଲେ ମଧ୍ୟ ହାତଗୁଞ୍ଜା ନେଇ ଏହାକୁ ପରୋକ୍ଷରେ ପ୍ରସୟ ଦେଉଥିବା ଅଭିଯୋଗ ହେଉଛି । ଯେଉଁଥି ପାଇଁ ରାଜ୍ୟରେ ମଦ ମୃତ୍ୟୁ ବଢିବାରେ ଲାଗିଛି ।

# ମାଡ଼ିଗଲା ଟ୍ରକ୍; ୭୦ ଛେଳି ମୃତ

ଖଲ୍ଲିକୋଟ,୧୭।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟରାଜପଥର ବଡ଼ ଘାଟି ରାସ୍ତାରେ ମଙ୍ଗଳବାର ଦିନ ପ୍ରାୟ୨ଟାରେ ଘଟିଛି ସଡ଼କ ଦୁର୍ଘଟଣା । ଗୋଟିଏ ଛେଳିପଲ ରାସ୍ତାରେ ଯାଉଥିବାବେଳେ ଏକ ଟ୍ରକ୍ ମାଡ଼ିଯିବାରୁ ପ୍ରାୟ ୭୦ଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି. ରାମେୟା ପାତ୍ର ଓ ବି. ମୋଚିରାମ ପାତ୍ର ସକାଳୁ ଛେଳି ଓ ମେଣ୍ଢା ପଲ ଧରି ବଡ଼ ଘାଟି ଉପରକୁ ଚରାଇବାକୁ ନେଇଥିଲେ । ସେଠାରୁ ଦିନ ୨ଟାରେ ଛେଳି ଓ ମେଣ୍ଢା ପଲ ଧରି ଗାଁକୁ ଫେରୁଥିବାବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ପଲ ଉପରେ ମାଡ଼ି ଚାଲିଯାଇଥିଲା । ପଲରେ ୨୦୦ ଛେଳି ଓ ମେଣ୍ଢା ରହିଥିବାବେଳେ ଟ୍ରକ୍ ଚାପାରେ ପ୍ରାୟ ୭୦ ଛେଳି ଓ ମେଣ୍ଢାଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାସ୍ଥଳର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ ଜଣେ ସୁସ୍ଥ ମନୁଷ୍ୟ ଦେଖିବା ସମ୍ଭବ ନୁହେଁ । ଛେଳି ଓ ମେଣ୍ଢାଙ୍କ ଗୋଡ଼, ମୁଣ୍ଡ, ରକ୍ତ, ମାଂସ ରାସ୍ତା ସାରା ବିଛାଡ଼ି ହୋଇ ପଡ଼ିଥିଲା । ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଯାତ୍ରୀମାନେ ଏଭଳି ଦୃଶ୍ୟ ଦେଖି ଶିହରି ଉଠୁଥିଲେ । ଖବର ପାଇ ଖଲ୍ଲିକୋଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଟ୍ରକ୍‌କୁ ଧରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି ।

# ଅଭୟ ସାହୁ କିଷାନ କଂଗ୍ରେସ ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର,୧୭।୬(ସମିସ): ଅଭୟ ସାହୁ ରାଜ୍ୟ କିଷାନ କଂଗ୍ରେସର ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି । ଶ୍ରୀ ସାହୁଙ୍କ ନିଯୁକ୍ତିକୁ ଏଆଇସିସିର ମୋହର ବାଜିଛି । ପୂର୍ବରୁ ଅମିୟ ପଟ୍ଟନାୟକ କିଷାନ କଂଗ୍ରେସ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ଏହି କମିଟି ଭଙ୍ଗ ହେବା ପରେ ନୂତନ ଅଧ୍ୟକ୍ଷ ଭାବେ ଅଭୟ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# କୁଲଡ଼ିହା ଅଭୟାରଣ୍ୟରୁ ହାତୀର ଗଳିତ ମୃତଦେହ ଉଦ୍ଧାର

ନୀଳଗିରି,୧୭।୬ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହାତୀର ଗଳିତ ମୃତଦେହ ବନବିଭାଗ ଠାବ କରିଛି । ୪/୫ଦିନ ପୂର୍ବରୁ ଏକ ହାତୀର ମୃତଶରୀର କୁଲଡ଼ିହା ଅଭୟାରଣ୍ୟ ପାଦ ଦେଶର ପୁଟିବନ୍ଧ ଉପରଭାଗରେ ପଡ଼ିଥିବା ସ୍ଥାନୀୟ କେତେକ ଲୋକେ ଛେଳି ଚରେଇବାକୁ ଯାଇ ଦେଖିବାକୁ ପାଇଥିଲେ । ପରେ ନୀଳଗିରି କୁଲଡିହା ବନବିଭାଗ ଅଧିକାରୀ ଘଟଣା ସ୍ଥଳକୁ ଯାଇଥିଲେ । ଘଟଣା ବାବଦରେ କୁଲଡିହା ରେଞ୍ଜର ସୁବ୍ରତ ବେହେରା ବାଲେଶ୍ୱର ଭାରପ୍ରାପ୍ତ ଡିଏଫ୍‌ଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲା ପରେ ସମସ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କଲାପରେ ମୃତ ହାତୀର ଶବ ବ୍ୟବଚ୍ଛେଦ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି ।

**ZILLA SWASTHYA SAMITI, MALKANGIRI**
**RETENDER CALL NOTICE** E-173
No: 7067/2025 Date: 17/06/2025
Sealed retenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions are remain same as before (as 6398/2025) may be downloaded from district website **www.malkangiri.odisha.gov.in.** The bids in sealed envelope should reach the office of the undersigned by **24.06.2025** within Office hours by **5.30 P.M** along with all relevant documents. The tender will be opened on **25.06.2025 at 11.00 A.M** in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.
Sd/-
C.D.M & P.H.O-cum-District Mission Director
OIPR-10086/11/0016/2526 District Health Mission, Malkangiri

यूनियन बैंक ऑफ इंडिया Union Bank of India
 କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା
**ସୁନା ନିଲାମ ବିଜ୍ଞପ୍ତି**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୨୬.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।
ରାଉରକେଲା ମେନ୍ ରୋଡ୍ (୩୦୨୧୦), ପ୍ରଥମ ମହଲା, ରୋଜି ଶପିଙ୍ଗ୍ ସେଣ୍ଟର, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୧, ମୋ.: ୯୪୩୦୩୩୦୩୨୧

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| ୧. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ /୩୦୨୧୦୬୫୪୦୦୦୦୨୨୬ | ଟ.୨,୧୪,୧୮୬.୦୬ | ୪୩.୪୦ |
| ୨. | ସାବିତ୍ରୀ ଦେବୀ, ମାର୍ଫତ: କ୍ୱାଲା ଇଞ୍ଜିନିୟରିଂ ୱାର୍କ, ଉଦିତନଗର, ରାଉରକେଲା-୧୨, ଉଦିତନଗର, ରାଉରକେଲା-୭୬୯୦୦୧ / ୩୦୨୧୦୬୫୪୦୦୦୦୨୪୦ | ଟ.୭,୬୬,୮୨୪/- | ୧୪୧.୬୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ ।
୩) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୪) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୫) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୬) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।
୭) ସଫଳ ବିଡର ସମ୍ପୂର୍ଣ୍ଣ ବିଡ ପରିମାଣ ଏକାଥରେ ପ୍ରଦାନ କରିବେ ଏବଂ ଅଳଙ୍କାରଗୁଡିକୁ ତାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱରେ ଗ୍ରହଣ କରିବେ ଏବଂ କୌଣସି କାରଣରୁ ଉକ୍ତ ବିଡରଙ୍କୁ ଆମ ବ୍ୟାଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ ।
୮) ଯଦି ସଫଳ ବିଡର ବିଡ ପରିମାଣ ପ୍ରଦାନ କରିବେ ନାହିଁ ଏବଂ/କିମ୍ବା ଏପରି କିଛି କରିବେ ଯାହା ନୂତନ ନିଲାମ ବିକ୍ରୟକୁ ସ୍ଥଗିତ ରଖିବାର ଆବଶ୍ୟକତା ସୃଷ୍ଟି କରିପାରେ, ତେବେ ନିଲାମ ସମାପ୍ତ କରିବାରେ ତାଙ୍କର ତ୍ରୁଟି ଯୋଗୁଁ ହୋଇଥିବା କ୍ଷତି ନିମନ୍ତେ ସେ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ଦାୟୀ ରହିବେ ।
ସ୍ଥାନ: ସମ୍ବଲପୁର, ତାରିଖ:୧୭.୦୬.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**CHANGE OF NAME**
I, KABITA MANJARI MAHAPATRA, W/o Sanjay Kumar Mahapatra do hereby declare that my name changed as Kabita Mahapatra instead of Kabita Manjari Mahapatra. I shall be known as KABITA MAHAPATRA for all future purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**ପୂର୍ବ ତଟ ରେଳପଥ**
(1) ଟେଣ୍ଡର ସଂ.17-KUR-TRD-OT-2025-26
କାର୍ଯ୍ୟର ନାମ : ପଲାସା (PSA) ଷ୍ଟେସନର DN ସାଇଡ୍‌ରେ ଉଚ୍ଚ ସ୍ତରୀୟ ପାସେଞ୍ଜର ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ : ₹ 4,22,82,227.96, EMD : ₹ 3,61,400/-, ଶେଷ ହେବା ଅବଧି : 180 ଦିନ ।
(2) ଟେଣ୍ଡର ସଂ.18-KUR-TRD-OT-2025-26
କାର୍ଯ୍ୟର ନାମ : ମାଳତୀପାଟପୁର-ପୁରୀ ଷ୍ଟେସନ ମଧ୍ୟରେ ପୁରୀ କୋଣାର୍କ ରୋଡ୍‌ରେ ଲେଭେଲ କ୍ରସିଙ୍ଗ ନଂ. KP-42 (NH-316 ର କି.ମି. 60/200) ଠାରେ ରେଲୱେ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ : ₹ 11,25,083.57, EMD : ₹ 22,500/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.19.06.2025ରିଖ (ଉଭୟ ଟେଣ୍ଡର ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.07.2025ରିଖ 1300 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନୋଟିସ୍ ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଛେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-240/Q/25-26

**AFFIDAVIT**
I, Prasanta Mohapatra, F/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1172, dated-17/06/2025, that now onwards I shall be known as PRASANTA KUMAR MOHAPATRA for all future purposes.

**AFFIDAVIT**
By virtue of an affidavit sworn before Executive Magistrate: Papadahandi. on 17-06-2025. I Santosh Kumar Singh, residing At/Po/Ps: Papadahandi Dist: Nabarangpur, declare that I have changed my Son's name from Vinayak Singh to Binayak Kumar Singh. Henceforth he shall be known as **Binayak Kumar Singh** for all purposes.

**AFFIDAVIT**
By virtue of an affidavit Sl. No. 1613, dtd. 10.06.2025 in the Executive Magistrate, Phulbani, Dist.- Kandhamal,I, Pravati Prusty, have changed my name from Prabhati Sahu to Pravati Prusty. Henceforth I shall be known as Pravati Prusty instead of Prabhati Sahu for all purposes.
Sd/- Pravati Prusty

**AFFIDAVIT**
By virtue of an affidavit sworn before Executive Magistrate: Papadahandi. on 17-06-2025. I Surendra Bisoyi, residing At: Niladriguda Po: Nakatiguda, Ps: Papadahandi, Dist: Nabarangpur, declare that I have changed my Daughter's name from Topashpini to Tapaswini Bisoyi. Henceforth she shall be known as **Tapaswini Bisoyi** for all purposes.

**AFFIDAVIT**
By virtue of an affidavit before the Executive Magistrate, Athmallik, I Rabi Bagha, S/o-Purnachandra Bagha, At-Ghodagadi, PO-Kandhapada, PS-Kiakata, SD-Athmallik, Dist-Angul do hereby declare that my correct name is Rabi Bagha which has been mentioned in Voter Card & ROR. But in my Aadhaar Card bearing No- 970958235002 wrongly mentioned as Rabindra Bagha instead of Rabi Bagha. Henceforth both the names are same & one person.

**LOST**
I **Shiba Charan Sahoo,** S/o- Late Shyam Prasad Sahoo, resident of Plot No. L/348, Dumduma Housing Board Colony, Bhubaneswar lost my original registered sale deed bearing ID No. 1121503674, Document No. 11121303595 dated 23.09.2015 for land in Mouza- U. Mundamuhan, Tahasil- Jatani, SR- Jatani, Khata No. 384/1077, Plot No. 530/1106/1172, Area: Ac. 0.037 dec. while traveling from Baramunda to Ruchika Market, Bhubaneswar on 05.06.2025. If anybody finds the same please contact Bharatpur police station or on the above mentioned address.
Shiba Charan Sahoo

**AFFIDAVIT**
I, T. Biswajeet, S/o.: Dev Kamal Ganguly, Residing at Plot No.: 879/32G, Sudha Niwas, CDA, Sector-6, P.S.: Markatnagar, Dist.: Cuttack, PIN-753014, Odisha. My Adhaar No.: 6344 2218 1017. declare by this affidavit No.: 16AA 614915 dtd 28.05.2025 that now onwards I shall be known as BISWAJEET GANGULY for all future purposes.

**AFFIDAVIT**
I, Reena Mohapatra, M/o.: Priyanka Mohapatra, resident of At- Plot No.: IVA -21/6, Unit-2, PO.: Ashok Nagar, P.S.: Kharavel Nagar, Bhubaneswar, Dist.: Khordha, PIN-751009, Odisha, declare by this affidavit No.: 1173, dated-17/06/2025, that now onwards I shall be known as NIRUPAMA MOHAPATRA for all future purposes.

**AFFIDAVIT**
By virtue of an affidavit Sl. No. 5387, dtd. 04.06.2025 before the Executive Magistrate, Phulbani, Dist.- Kandhamal,I, Kanaki Digal, have changed my minor son's name from Bijayaprasad Behera to Bijaya Kumar Behera. Henceforth he will be known as Bijaya Kumar Behera for all purposes.
Sd/- Kanaki Digal

**AFFIDAVIT**
I Kartik Dey, S/o- Ram Chandra Dey, resident of Village- Taladi, Po- Kakhada, Ps-Bhograi, Dist-Balasore, Odisha, declared by affidavit before Executive Magistrate, Bhograi No. 1634/ dtd-13/05/2025 that My son name as Bijay Dey in his Birth Certificate, that wrongly mentioned as Bhola Dey in Adhar. Bijay Dey and Bhola Dey is one & same person.Hence my son shall be known as Bijay Dey for all future purpose.

# ପାନ ଦୋକାନ ପଛରେ ଦେହ ବ୍ୟବସାୟ

## ● ବସ୍ତା ପୁଲିସର ଚଢ଼ଉ, ୩ ଅଟକ

ରାଜଘାଟ, ୧୭।୬ (ସମିସ): ଆଗରେ ପାନ ଦୋକାନ, ପଛରେ ଚାଲିଛି ଦେହ ବ୍ୟବସାୟ। ଜଣେ ରୂପଜୀବୀ ସହ ଦଲାଲ ଅଟକ ଗ୍ରାହକ ଫେରାର। ଏଭଳି ଘଟଣା ଦେଖିବାକୁ ମିଳିଛି ଟୋଲଗେଟ ବଜାର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏକ ପାନ ଦୋକାନରେ।



ଉକ୍ତ ଦୋକାନ ଭିତରେ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇଛି ଅନୈତିକ କାର୍ଯ୍ୟ କରିବା ପାଇଁ। ପୂର୍ବରୁ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ ଗତକାଲି ବିଳମ୍ବିତ ରାତିରେ ବସ୍ତା ପୁଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଏହି ସମୟରର ଦୁଇ ଜଣ ଗ୍ରାହକ ଫେରାର ହୋଇଯାଇଥିବା ବେଳେ ଜଣେ ରୂପଜୀବୀ ଓ ଦଲାଲ ସାଜିଥିବା ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ରାଜୀବ ଲୋଚନ ବେହେରା ଓରଫ ବୁଦ୍ଧିଆକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବାବେଳେ ସ୍ଥାନୀୟ ଅଞ୍ଚଳର ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସମୁଦ୍ର ଅଶାନ୍ତ; ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବା ମନା

ଚନ୍ଦନେଶ୍ୱର, ୧୭।୬ (ସମିସ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ଏହି ପ୍ରତିକୂଳ ପାଗ ପାଇଁ ଆଜି ୧୭ ତାରିଖରୁ ୩ ଦିନ ଧରି ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯାଇ ମାଛ ଧରିବାକୁ ବାରଣ କରାଯାଇଛି। ଏନେଇ ମତ୍ସ୍ୟ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିବା ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ ( ସାମୁଦ୍ରିକ ସମ୍ପ୍ରସାରଣ ) ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ସୂଚନା ଏବଂ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଭୁଟଭୁଟି, ଡ଼ଙ୍ଗା ମାଲିକ, ମତ୍ସ୍ୟଜୀବୀ କମିଟିର କର୍ମକର୍ତ୍ତାଙ୍କୁ ଏହି ସୂଚନା ଦିଆଯାଇଛି। ସୋମବାର ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ତାଳସାରୀ, ଉଦୟପୁର, ରଣସିଂହପୁର ଓ କୀର୍ତ୍ତନିଆରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରତିକୂଳ ପାଗ ପାଇଁ ସମୁଦ୍ରକୁ ନ ଯିବାକୁ ସତର୍କ ସୂଚନା ଦିଆଯାଇଛି। ଦୀର୍ଘ ଦୁଇ ମାସର ସାମୁଦ୍ରିକ କଟକଣା ହଟିବାର ଦୁଇ ଦିନ ପରେ ପୁଣି ସମୁଦ୍ରରୁ ମାଛ ଧରିବା ବାରଣ କରାଯାଇଛି।

# ବରିଷ୍ଠ ଆଇନଜୀବୀଙ୍କ ପ୍ରତି ଦୁର୍ବ୍ୟବହାରକୁ ନୀଳଗିରି ଓକିଲସଂଘର ଦୃଢ଼ ନିନ୍ଦା

ନୀଳଗିରି,୧୭।୬ (ସମିସ): ପ୍ରବେସନରେ ଆସିଥିବା ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ବାଲେଶ୍ୱର ଓକିଲସଂଘର ଜଣେ ବରିଷ୍ଠ ଆଇନଜୀବୀଙ୍କୁ ଦୁର୍ବ୍ୟବହାର ଏବଂ ପ୍ରଶାସନ ସହ ପୁଲିସର ମାତ୍ରାଧିକ ନିର୍ଯ୍ୟାତନା ନେଇ ନୀଳଗିରି ବାର ଆସୋସିଏସନ୍ ତରଫରୁ ଘୋର ନିନ୍ଦା କରାଯାଇଛି। ଗତ ଜୁନ ୬ତାରିଖରେ ବାଲେଶ୍ୱର ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପ୍ରବେସନରେ ଆସିଥିବା ଜଣେ ଆଇଏଏସ ଅଧିକାରୀ ଦୁର୍ବ୍ୟବହାର କରିଥିବା ବେଳେ ପରବର୍ତ୍ତୀ ସମୟରେ ପୋଲିସ ତଥା ପ୍ରଶାସନର ମାତ୍ରାଧିକ ନିର୍ଯ୍ୟାତନା ଦିଆଯାଇଥିଲା। ଏ ନେଇ ଆଜି ନୀଳଗିରି ବାର ଆସୋସିଏସନର ଏକ ଜରୁରୀ ବୈଠକ ସଂଘର ସଭାପତି ଅମରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଇନଜୀବୀଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ଦୃଢ଼ ନିନ୍ଦା କରାଯିବା ସହିତ ଏଭଳି ସମ୍ବେଦନଶିଳ ଘଟଣାର ଏକ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇଥିଲା। ଘଟଣାରେ ସଂପୃକ୍ତ ଆଇଏଏସ ଅଧିକାରୀ ଏବଂ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ପ୍ରେସ ଇସ୍ତାହାରରେ ସଂଘ ଦାବି କରିଛି। ଉକ୍ତ ବୈଠକରେ ସଂଘର ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଆଇନଜୀବି ହରମୋହନ ମହାପାତ୍ର, ଭାଗିରଥି ରାଉତ, ସୋମନାଥ ନାୟକ, ଗଦାଧର ପରିଡା, କରୁଣାକର ସ୍ୱାଇଁ, ସତ୍ୟଜିତ ମିଶ୍ର, ଚିରଞ୍ଜିବୀ ପାଣିଗ୍ରାହୀ, ଅମୀୟ କୁମାର ନାୟକ, ଶୁଭେନ୍ଦୁ ବିଶ୍ୱାଳ, ବିନୟ ପ୍ରଧାନ, ନିତ୍ୟାନନ୍ଦ ବେହେରା, କ୍ଷୀରୋଦ କୁମାର ଦାସ, ରାଜଲକ୍ଷ୍ମୀ ପଟ୍ଟନାୟକ, ସଂଯୁକ୍ତା ଲେଙ୍କା, ନିବେଦିତା ଜେନା, ଶୁଭାଶିଷ ଦାସ ମହାପାତ୍ର ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ରହି ନିନ୍ଦା କରିଛନ୍ତି।

# ଦେଉଳା ବନ୍ଧ ମା’ ମନସା ମାତାଙ୍କ ପୂଜାର୍ଚ୍ଚନା

ଭୋଗରା. ୧୭।୬(ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତରେ ଦେଉଳା ବନ୍ଧ ମନସା ମାତା କ୍ଲବ୍ ପକ୍ଷରୁ ମନସା ମାତାଙ୍କ ପୂଜାର୍ଚ୍ଚନା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଦୀର୍ଘ ୬୫ ବର୍ଷ ଧରି ଏଠାରେ ମନସା ମାତାଙ୍କ ପୂଜାର୍ଚ୍ଚନା ହୋଇଆସୁଛି। ଲୋକକଥା ଅନୁସାରେ ବହୁବର୍ଷ ତଳେ ଦେଉଳା ବନ୍ଧ ଉପରେ ସାପ କାମୁଡାରେ ବହୁ ଲୋକଙ୍କ ପ୍ରାଣହାନି ହୋଇଥିଲା। ସେହିଥି ପାଇଁ ୨୨ ମୌଜାର ଲୋକମାନେ ଦେଉଳା ବନ୍ଧ ଉପରେ ମନସା ମାତାଙ୍କ



ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ସେହିଦିନ ଠାରୁ ଉକ୍ତ ସ୍ଥାନରେ ଆଜି ପର୍ଯ୍ୟନ୍ତ ସାପ କାମୁଡେ ନାହିଁ। ସବୁ ବର୍ଷ ଭଳି ଚଳିତବର୍ଷ ମନସା ମାତାଙ୍କ ପୂଜାର୍ଚ୍ଚନା ସୋମବାର ଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଚାଲିବ। ଆଖ ପାଖ ଗ୍ରାମର ଶହ ଶହ ମହିଳାମାନେ ଫୁଲ ଫଳ ନୈବେଦ୍ୟ ମାଁଙ୍କୁ ସମର୍ପଣ କରିଥିଲେ। ପୁରୋହିତ ଅନିଲ କୁମାର ପଣ୍ଡା ପୂଜାର୍ଚ୍ଚନାର, ଚଣ୍ଡୀ ପାଠ, ଉପଚାର ପୂଜା,ହୋମ,ଜପ, ଓ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିବା ବେଳେ ପୂଜକ ଗୌରୀଶଙ୍କର ପଣ୍ଡା ଓ ବିଷ୍ଣୁ ପଦ ପଣ୍ଡା ପୂଜାର୍ଚ୍ଚନାରେ ସହାୟତା କରିଥିଲେ। ମନସା ମାତା କ୍ଲବର ସଭାପତି ଅବସରପ୍ରାପ୍ତ ଶିକ୍ଷକ ଅତୁଲ ଚନ୍ଦ୍ର ଜେନା, ସମ୍ପାଦକ ଗୋପିନାଥ ସିଂ, କୋଷାଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଜେନା, ସତ୍ୟନାରାୟଣ କରଣ, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ, ସରପଂଚ ଚୈତନ୍ୟ ବେହେରା, ସମିତି ସଭ୍ୟ ଗୈତମ ଗିରି,ସଞ୍ଜୟ ଜେନା,ତାପସ ଦାସମହାପାତ୍ର, ଶାନ୍ତନୁ ପ୍ରଧାନ, ନିର୍ମଳ ଦାସ ସତ୍ୟଜିତ ପାତ୍ର,ପ୍ରଭାକର ପାତ୍ର, ମଣ୍ଟୁ ଜେନା, ମନୋଜ ଜେନା ,ଚନ୍ଦନ ପାତ୍ର ଓ ଆଶିଷ ପରିଡ଼ା ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।

# ଭତ୍ତା ଦେବାକୁ ଡାକି ଭଣ୍ଡେଇଦେଲା ବ୍ଲକ୍ ପ୍ରଶାସନ

ବାହାନଗା,୧୭।୬ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପ୍ରଶାସନ ପକ୍ଷରୁ ଆଜି ସମସ୍ତ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯିବା ନେଇ ବ୍ଲକ ପ୍ରଶାସନ ଚିଠି କରିଥିବା ବେଳେ ଭତ୍ତା ପାଇଁ ବୃଦ୍ଧବୃଦ୍ଧାଙ୍କ ସହ ଦିବ୍ୟାଙ୍ଗ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇବା ଆଶାରେ ଦୌଡି ଆସିଥିବା ବେଳେ ଚିଠି କରି ଭଣ୍ଡାଇଛି ବ୍ଲକ ପ୍ରଶାସନ। ଫଳରେ ଘଣ୍ଟା ଘଣ୍ଟା ଧରି ଉପବାସରେ ପଞ୍ଚାୟତ ବାରଣ୍ଡାରେ ବସି କାନ୍ଦିକାନ୍ଦି ଖାଲି ହାତରେ ବର୍ଷାରେ ଭିଜି ହିତାଧିକାରୀ ଫେରିଥିବା ଭଳି ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି।

ବାହାନଗା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୨୪ଟି ପଞ୍ଚାୟତରେ ଦିବ୍ୟାଙ୍ଗ ଏବଂ ବୃଦ୍ଧବୃଦ୍ଧାଙ୍କୁ ମିଶାଇ ୧୨ ହଜାର ୫୦୦ରୁ ଉର୍ଦ୍ଧ ଭତ୍ତା ହିତାଧିକାରୀ ଅଛନ୍ତି। ପ୍ରତିମାସ ପାଖାପାଖି ୧୫ ତାରିଖରେ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ପ୍ରଦାନ କରାଯାଇଥାଏ। ବୃଦ୍ଧ ବୃଦ୍ଧା ସମେତ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀମାନେ ମାଇଲ ମାଇଲ ଦୂରରୁ ଚାଲି ଚାଲି ନିଜର ଭତ୍ତା ଟଙ୍କା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। ହେଲେ ଚଳିତ ମାସ ଜିଲାର ଅନ୍ୟ ବ୍ଲକ ମାନଙ୍କରେ ରଜ ପୂର୍ବରୁ ଭତ୍ତା ବଣ୍ଟନ ସାରିଥିବା ବେଳେ ବାହାନଗା ବ୍ଲକରେ ଭତ୍ତା ପ୍ରଦାନରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରଜ ପର୍ବ ପୂର୍ବରୁ ବାହାନଗା ବ୍ଲକରେ ଭତ୍ତା ମିଳିନଥିବା ବେଳେ ଏବେ ଆଜି ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଡାକି ଭତ୍ତା ଟଙ୍କା ଆସିବ କହି ଦୀର୍ଘସମୟ ଧରି ହିତାଧିକାରୀଙ୍କୁ ପଞ୍ଚାୟତ ବାରଣ୍ଡାରେ ବସାଇ ପରେ ଫେରାଇ ଦେବା ବ୍ଲକ ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗର ଆର୍ଥିକ ପରିଚାଳନାଗତ ତ୍ରୁଟିକୁ ପଦାରେ ପକାଇଛି। ଗତ ୧୨ ତାରିଖରେ ଚିଠି ନମ୍ବର ୧୫୧୧ ମୂଳେ ବାହାନଗା ବ୍ଲକର ୨୪ ଗୋଟି ପଞ୍ଚାୟତରେ ଭତ୍ତା ବଣ୍ଟନ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ୨୪ ଜଣ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବାଣ୍ଟିବାକୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ନିର୍ଦ୍ଦେଶ ପାଇବା ପରେ ଆଜି ଭତ୍ତା ବଣ୍ଟନ କାର୍ଯ୍ୟରେ ନିଯୋଜିତ କର୍ମଚାରୀ ସଠିକ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ବ୍ୟାଙ୍କ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଟଙ୍କା ପହଞ୍ଚି ନ ଥିଲା। ଆଜି ଦିନ ତମାମ ବର୍ଷା ଲାଗି ରହିଥିଲେ ସୁଦ୍ଧା ଭତ୍ତା ହିତାଧିକାରୀ ନିଜର ଭତ୍ତା ଟଙ୍କା ପାଇଁ ବର୍ଷାରେ ଭିଜି ଭିଜି ମାଇଲ ମାଇଲ ଦୂରରୁ ଆସି ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପଞ୍ଚାୟତ ବାରଣ୍ଡାରେ ବସି ରହିଥିଲେ। ଦୀର୍ଘ ସମୟ ଧରି ଭତ୍ତା ଗଣ୍ଡାକ ପାଇଁ ଉପବାସରେ ବୃଦ୍ଧବୃଦ୍ଧା ହିତାଧିକାରୀ ବସି ରହିଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଟଙ୍କା ଯୋଗାଇ ପାରିନଥିଲା। ଶେଷରେ ହିତାଧିକାରୀ ନିରାଶ ହୋଇ ଫେରିଥିବା ଜଣାପଡିଛି। ଖନ୍ତାପଡ଼ା, କସବାଜୟପୁର, ବାହାନଗା, ଗୋପାଳପୁର, ଆରୁହାବାଡ଼, ଚିଡ଼ୋଳ ଆଦି ପଞ୍ଚାୟତରେ କେଉଁଠି ସାଢେ ୩ ଟା ତ କେଉଁଠି ସାଢେ ୪ ଟା ରେ ଟଙ୍କା ମିଳିଥିଲା। ସରକାରୀ ଚିଠି କରିବା , ଲୋକଙ୍କୁ ଡାକିବା , ହେଲେ ଟଙ୍କା ନଆସିବା, ଲୋକଙ୍କୁ ଅପେକ୍ଷା କରିବାକୁ କହିବା ଏବଂ ପରବର୍ତ୍ତୀ ସମୟରେ ଦୀର୍ଘ ଘଣ୍ଟା ଉପବାସରେ ଭତ୍ତା ହିତାଧିକାରୀ ବସି ରହି ଭତ୍ତା ଟଙ୍କା ନପାଇ ନିରାଶ ହୋଇ ବୃଦ୍ଧ ବୃଦ୍ଧା କାନ୍ଦି କାନ୍ଦି ଫେରୁଥିବାର ବିକଳ ଚିତ୍ର ସାମନାକୁ ଆସିଛି। ପ୍ରଶାସନିକ ଅବହେଳାକୁ ହିତାଧିକାରୀ ଦାୟୀ କରିବା ସହ ଟଙ୍କା ନଥାଇ ଟଙ୍କା ବଣ୍ଟାଯିବା କହି ଡାକି ଫେରାଇବା ଘଟଣାରେ ବ୍ଲକ ସମାଜିକ ସୁରକ୍ଷା ବିଭାଗର ଅଧିକାରୀଙ୍କୁ ଦାୟୀ କରିଛନ୍ତି ନିରାଶ ହୋଇ ଫେରିଥିବା ଭତ୍ତା ହିତାଧିକାରୀ। ତୁରନ୍ତ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ

**ଭୋକ ଉପାସରେ ଘରକୁ ଫେରିଲେ ହିତାଧିକାରୀ**

ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଏ ନେଇ ବାହାନଗା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନଥିଲେ। ସେହିପରି ବାହାନଗା ବିଡିଓ ବିକ୍ରମ କିଶୋର ପରିଡ଼ାଙ୍କୁ ପଚାରିବାରୁ ସେ କୁହନ୍ତି ସମସ୍ତ ଭତ୍ତା ବାଣ୍ଟିବା କାର୍ଯ୍ୟରେ ଥିବା ଅଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତାକାଲି ସବୁ ସ୍ଥାନରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯିବ। ହେଲେ ଲୋକଙ୍କୁ ଡାକି ଭତ୍ତା ପ୍ରଦାନ କରାନଯିବା ଅପରାହ୍ନ ଯାଏ ବୃଦ୍ଧବୃଦ୍ଧାଙ୍କୁ ଅପେକ୍ଷା କରିବାକୁ କହି ଭତ୍ତା ଟଙ୍କା ନଦେଇ ନିରାଶ କରି ଫେରାଇବା ଘଟଣାରେ ମୁହଁ ଖୋଲି ନାହାନ୍ତି। ତୁରନ୍ତ ଘଟଣାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ଗାଁ ପୋଖରୀରେ ମାଛ ଚାଷ ପ୍ରସଙ୍ଗ**

# ପାଣି ଦୂଷିତ ନେଇ ଉପଜିଲ୍ଲାପାଳଙ୍କଠାରେ ଫେରାଦ

ନୀଳଗିରି, ୧୭।୬(ସମିସ): ଗାଁର ବସ୍ତି ପୋଖରୀକୁ ସ୍ଥାନୀୟ ବାସିନ୍ଦା ବ୍ୟବହାର କରୁଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉକ୍ତ ପୋଖରୀରେ ମାଛ ଚାଷ କରିଆସୁଥିବା ବେଳେ ମାଛ ଦାନା ଠାରୁ ଆରମ୍ଭକରି କୁକୁଡ଼ା ପୁଟି, ଛେଳି ପୁଟି, ନାଡ଼, ୟୁରିଆ ସାର, ମାଛ ଦାନା, ମାଛ ବଢ଼ିବା ପାଇଁ ବିଭିନ୍ନ ପ୍ରକାରର ଉନ୍ନତ ମାନର ରାସାୟନିକ ପଦାର୍ଥ ପ୍ରୟୋଗ କରିବା ଫଳରେ ପାଣି ବିଷାକ୍ତ ହୋଇଛି। ଫଳରେ ପାଣି ଦୂଷିତକୁ ନେଇ ବସ୍ତି ବାସିନ୍ଦା ଉପଜିଲ୍ଲା ପାଳଙ୍କଠାରେ ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ସମ୍ବେଦନଶିଳ ଘଟଣା ନୀଳଗିରି ଏନଏସି ଅନ୍ତର୍ଗତ କାହାଳିଆ ମୌଜାର ପଡ଼ା ଗ୍ରାମ ପୋଖରୀସାହି ରେ ଥିବା ଉକ୍ତ ପୋଖରୀରେ ଦେଖିବାକୁ ମିଳିଛି। ପୋଖରୀ ସାହିରେ ୭୫୦ରୁ ଉର୍ଦ୍ଧ ଲୋକ ବସବାସ କରୁଛନ୍ତି। ଉକ୍ତ ପୋଖରୀ



ଉପରେ ଲେଙ୍କାସାହି ଓ ସିମୁଳିଆ ମୌଜାର ଲୋକମାନେ ନିର୍ଭରଶୀଳ। ପାଞ୍ଚ ବର୍ଷ ହେବ ଉକ୍ତ ପୋଖରୀକୁ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ମାଛ ଚାଷ କରିବା ଫଳରେ ସାଧାରଣ ଲୋକ ପାଣି ବ୍ୟବହାର କରିପାରୁ ନାହାନ୍ତି। ଉକ୍ତ ପୋଖରୀ ପାଣିଙ୍କୁ ଗୋରୁଗାଇ ପିଇବା ଯୋଗୁଁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ନେଇ ଆଜି ଗ୍ରାମର ପ୍ରିୟଙ୍କା ଦାସ, ଦେବସ୍ମିତା ମହାନ୍ତି, ସାରସ୍ୱତୀ ମହାନ୍ତି, ସୁମତି ମହାନ୍ତି, ଚୁନିଲତା ବେହେରା, ନିରୁପମା ବେହେରା, ସେବତୀ ରାଣୀ ବେହେରା, ଶକୁନ୍ତଳା ବେହେରା, ସସ୍ମିତା ବେହେରା ପ୍ରମୁଖ ବାସିନ୍ଦା ନୀଳଗିରି ଉପଜିଲ୍ଲା ପାଳଙ୍କ ଠାରେ ଫେରାଦ ହୋଇ ଏକ ଲିଖିତ ଅଭିଯୋଗ ଦେଇଥିବା ବେଳେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ନହେଲେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜଣା ପଡ଼ିଛି।

# କୁଡ଼େଇ ଗୋପୀନାଥ ହାଇସ୍କୁଲର ୧୯ ୯୦ ପାଠସାଥି ସମ୍ମିଳନୀ

ସୋର, ୧୭।୬ (ସମିସ): ସୋର ବ୍ଲକ କୁଡେଇ ଗୋପୀନାଥ ହାଇସ୍କୁଲର ୧୯ ୯୦ ମସିହା ପାଠସାଥିମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୁରୁ ପୂଜନ, ଗୁରୁ ବନ୍ଦନା ପରେ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରାକର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ଜେନା, ପ୍ରାକ୍ତନ ଗଣିତ ଶିକ୍ଷକ ପ୍ରଭାକର ପଣ୍ଡା, ପୀତବାସ ଦାସ, ଶିକ୍ଷା କର୍ମଚାରୀ ନୃସିଂହ ଚରଣ ଦାସ, କର୍ମଚାରୀ ଅନନ୍ତ ଧଳ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟ ପ୍ରତି ଥିବା ଆନ୍ତରିକତା ଆଗାମୀ ପିଢ଼ିମାନଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ପରେ ପୁରାତନ ଛାତ୍ରଛାତ୍ରୀମାନଙ୍କ



ମଧ୍ୟରେ ଲକ୍ଷ୍ମୀକାନ୍ତ ନାୟକ, ସୁଭ୍ରକାନ୍ତି ସାହୁ, ବିଦ୍ୟାଧର ବେହେରା, ଅଜୟ ରାଉତ୍, ପ୍ରଦୀପ ଦାସ, ପଦ୍ମାଳୟା ପୃଷ୍ଟି, ମନୋରଞ୍ଜନ ପୃଷ୍ଟି, ଶଶିକାନ୍ତ ସାହୁ, ମମତା ରାଣୀ ଦାସ, ମଞ୍ଜୁଲତା ସେଠୀ ପ୍ରମୁଖ ବିଦ୍ୟାଳୟ ଜୀବନର ସ୍ମୃତି ବଖାଣିଥିଲେ। ରମାକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ୟାମସୁନ୍ଦର ମାହାନ୍ତି, ସୀତାକାନ୍ତ ବେହେରା, ରାମ ଚନ୍ଦ୍ର ନାୟକ, ଜିତେନ୍ଦ୍ର ଦାସ, ସଞ୍ଜୟ କୁମାର ପଣ୍ଡା, ସ୍ୱର୍ଣ୍ଣପ୍ରଭା ମିଶ୍ର, ଜୟନ୍ତୀ ପଣ୍ଡା, ରମାକାନ୍ତ ଓଝା, କମଳାକାନ୍ତ ପରିଡ଼ା, ମନୋରଞ୍ଜନ ବିଶ୍ୱାଳ, ଅଜୟ ମୁଦୁଲି, ସଂଯୁକ୍ତା ଦାସ, ପ୍ରଭାକର ସସ୍ମଲ୍, ନିଶିତ୍ ରଞ୍ଜନ ଦାସ, ଏବଂ ପଞ୍ଚାନନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଜଳ ପରିମଳ ବିଭାଗ ବିଭିନ୍ନ ପ୍ରକଳ୍ପ ବିଶୋଧନ

ସୋର, ୧୭।୬ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପୁଥିବା ହଇଜାକୁ ଆଖି ଆଗରେ ରଖି ଜଳ ପରିମଳ ବିଭାଗ ସୋର ଉପଖଣ୍ଡ ପକ୍ଷରୁ ବିଭିନ୍ନ ବ୍ଲକରେ ଥିବା ନଳକୂପ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଜଳ ବିଶୋଧନ ପାଇଁ ବ୍ଲିଚିଂ ପାଉଡର ପକାଯାଉଛି। ବାଲେଶ୍ୱର ସର୍କଲ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସମୀର ଦେ, ନିର୍ବାହୀ ଯନ୍ତ୍ରୀ ରେବତୀ କୁଅଁର, ସୋର ଉପଖଣ୍ଡ ଅଧିକାରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସିମୁଳିଆ ବ୍ଲକ ଯନ୍ତ୍ରୀ କିଶୋର ଚନ୍ଦ୍ର ବେହେରା, ବାହାନଗା ବ୍ଲକର ରିତାଲି ବେହେରା, ପ୍ରୀତି ବାରିକ, ଖଇରାର ତପସ୍ୱୀନୀ ଦାସ, ଔପଦାର ଭାଗୀରଥି ଦାସ ଙ୍କ ସହଯୋଗରେ ଚାରି ହଜାରରୁ ଉଦ୍ଧର୍ ନଳକୂପ ଓ ୪୩୦ରୁ ଅଧିକ ଜଳପ୍ରକଳ୍ପକୁ ବିଶୋଧନ କରାଯାଇ ଲୋକ ମାନଙ୍କ ଉଦେଶ୍ୟରେ ସେବା ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ବାକି ସମସ୍ତ ଜଳ ପ୍ରକଳ୍ପକୁ ବିଶୋଧନ କରାଯିବା ସହିତ ଯେତେ ଦିନ ପର୍ଯ୍ୟନ୍ତ ମହାମାରୀ ର ପ୍ରକୋପ ରହିବ ସେତେଦିନ ପର୍ଯ୍ୟନ୍ତ ଏହି ବିଶୋଧନ ପ୍ରକ୍ରିୟା ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୁଚନା ମିଳିଛି। ଏଥି ପାଇଁ ସମସ୍ତଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ଉପଖଣ୍ଡ ଅଧିକାରିଣୀ ଶ୍ରୀମତି ପାଣିଗ୍ରାହୀ କହିଛନ୍ତି।

# ଚକବାରହାପୁରରେ ଉଡ଼ା ପର୍ବ

ସୋର, ୧୭।୬ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଚକବାରାହାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସିଦ୍ଧେଶ୍ୱରୀଙ୍କର ଉଡ଼ାଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ୪ଦିନ ଧରି ନିଆଁପାଟ, ଝୁଣାପାଟ ଅନୁଷ୍ଠିତ ହେବା ପରେ ଶେଷରେ ଉଡ଼ାଯାତ୍ରା ହୋଇଥିଲା। ରଜ ତିନିଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ ହେଉଥିବାରୁ ପ୍ରତ୍ୟେକ ଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ ଓ ନୃତ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ଜଣେ ସୁନାମଧନ୍ୟ କଣ୍ଠ ଶିଳ୍ପୀ ସୌରଭ ଭରଦ୍ୱାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଡ଼ା ଯାତ୍ରା କମିଟିର ସଭାପତି ଜ୍ୟୋତିରଂଜନ ପଟ୍ଟନାୟକ, ସଂପାଦକ ସଞ୍ଜୟ ପଟ୍ଟନାୟକ, ନିଶାକର ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ସାଦ୍ୟନାରାୟଣ ଦାସ, ବିଶ୍ୱରଂଜନ ମହାନ୍ତି, ଦେବନାମ ପ୍ରିୟଦର୍ଶୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର, ୪୧ ୟୁନିଟ୍ ସଂଗୃହୀତ

ଭୋଗରାଇ,୧୭।୬(ସମିସ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ରେ ରକ୍ତର ଅଭାବ ପରିଲକ୍ଷିତ ହେଇଛି। ଏହାର ଭରଣା ପାଇଁ ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତରେ ଥିବା ଭବାନୀ ନର୍ସିଂହୋମ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ସୁନାମଧନ୍ୟ ଡାକ୍ତର ପ୍ରମୋଦ କୁମାର ବେହେରା ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଭୋଗରାଇ ବ୍ଲକ ରକ୍ତଦାତା ସଂଘର ସଭାପତି ଅଧୀର ଗିରି ଗୋସ୍ୱାମୀ, କବି ଶ୍ରୀକୁମାର ଘୋଷ,ଦିଲୀପ ମାହାନା ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାରର ଟେକ୍ନିସିଆନ ମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ମୋଟ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମନୋଜ କୁମାର ଜେନା, ପୂଜା ଦଳାଇ, ସୁସମା ଗିରି, ସୁସ୍ମିତା ବାରିକ, ଶିବୁ ସୈମିକ ପ୍ରଧାନ, ତତ୍ ସତ୍ ଜେନା, ସୁଜାତା ଖଟୁଆ, ଜୟନ୍ତୀ ବିନ୍ଧାଣି, ଗଗନ ଘଡାଇ, ସ୍ନେହଲତା ରାଜା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପ୍ରସ୍ତୁତି ବୈଠକ

ବାଲିଆପାଳ, ୧୭।୬ (ସମିସ)




ଓଡିଶାର ଅନ୍ୟତମ ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ରଥଯାତ୍ରାର ସୁପରିଚାଳନା ପାଇଁ ରଥଯାତ୍ରା କମିଟି ଏବଂ ପ୍ରଶାସନ ପକ୍ଷରୁ ସମସ୍ତପ୍ରକାର ସୁବନ୍ଦୋବସ୍ତ ପାଇଁ ସବିଶେଷ ଆଲୋଚନା ହୋଇଥିଲା। ଚଳିତବର୍ଷ ଜୁନ ୨୭ ତାରିଖରେ ଶ୍ରଦ୍ଧାପତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ହେରାପଞ୍ଚମୀ, ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବା ନେଇ ସବିଶେଷ ଆଲୋଚନା ହୋଇଥିଲା। ଅପରାହ୍ନ ୪ଟାରେ ପହଣ୍ଡିବିଜେ କରାଯାଇ ୫ଟାରେ ରଥଟଣା ହେବ। ମଧୁପୁରା ପଞ୍ଚାୟତ ରଥଖଳା ଠାରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ତିନି ରଥରେ ତିନିଠାକୁରଙ୍କୁ ବସାଇ ଭକ୍ତମାନେ ସୁରୁଖୁରୁରେ ରଥକୁ ଟାଣି ନେବା ପାଇଁ ବ୍ୟପାକ ପୋଲିସ ବ୍ୟବସ୍ଥା ସାଙ୍ଗକୁ ୧୦୦ଜଣରୁ ଅଧିକ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯିବ। ସେହିପରି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ସାଙ୍ଗକୁ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବା ନେଇ ଆଲୋଚନା ହୋଇଥିଲା। ମାଉସୀମା ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, କଂଗ୍ରେସ ନେତା ବିଜନ ନାୟକ, ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ ସାହୁ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରିୟନାଥ ସେଠୀ, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ରମାନାଥ କର, ତହସିଲ ବଡ଼ବାବୁ ଭୂତି ଟୁଡୁ, ମଧୁପୁରା ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଲମ୍ବୋଦର ମାହାନା, ସମିତି ସଭ୍ୟ ସୁଶାନ୍ତ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଜଗନ୍ନାଥ ବାରିକ, ଅରୁଣ କୁମାର ପାତ୍ର, ଭାସ୍କର ଚନ୍ଦ୍ର ସାହୁ, ବନମାଳୀ ମହାପାତ୍ରଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ଏବଂ ବିଭିନ୍ନ ପଞ୍ଚାୟତର ବହୁ ନେତୃବୃନ୍ଦ, ଜଗନ୍ନାଥ ପ୍ରେମୀ ଓ ବିଭିନ୍ନ ବିଭଗାର ଅଧିକାରୀ ଉପସ୍ଥିତ ରହି ଆଲୋଚନାରତେ ଅଂଶଗ୍ରହଣ କରିଥିଲେ।

# ଜଳେଶ୍ୱର ତହସିଲ ପକ୍ଷରୁ ସଚେତନତା କର୍ମଶାଳା



ଜଳେଶ୍ୱର ବ୍ଲକ, ୧୭।୬ (ସମିସ): ଓଡ଼ିଶା ସରକାର ରାଜ୍ୟରେ ଥିବା ମୃତ ବ୍ୟକ୍ତିଙ୍କ ନାମରେ ଥିବା ସମ୍ପତ୍ତିକୁ ତାଙ୍କର ୱାରସଦାରଙ୍କ ନାମରେ ଦରଜ କରିବା ନିମନ୍ତେ ପ୍ରତ୍ୟେକ ତହସିଲରେ ଦୁଇଖାନା ସଚେତନତା କର୍ମଶାଳା କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ତହସିଲଦାର ଗୌରାଙ୍ଗ ଚରଣ ଘୋଷ ପୌରହିତ୍ୟ କରି ଜଳେଶ୍ୱର ତହସିଲ ଅଧୀନ ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ମୃତବ୍ୟକ୍ତିଙ୍କ ନାମରେ ଥିବା ସମ୍ପତ୍ତି (ପଟ୍ଟା) ସଂଶୋଧନ କରି ମୃତ ବ୍ୟକ୍ତିଙ୍କ ୱାରସଦାରଙ୍କ ନାମରେ ଦରଜ କରିବା ପାଇଁ ଉକ୍ତ ଦୁଇଖାନା ସଚେତନତା କର୍ମଶାଳା ଆୟୋଜନ କରାଯାଇଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଅତିରିକ୍ତ ତହସିଲଦାର ନିଧୁ ବେହେରା, ସୁପରଭାଇଜର ଶରତ ବେହେରା ଓ ଗୋପାଳ ମାଝୀ ଉପସ୍ଥିତ ଥିଲେ। କର୍ମଶାଳାରେ ଆରଆଇ ଦେବାଞ୍ଜନ ମହାନ୍ତି, ରଞ୍ଜନ କୁମାର ପାଣି, ରାଜେଶ କୁମାର ଦେ, ବିମଳ ସୋରେନ, ନିଶିକାନ୍ତ ସିଂ, ଜଗନ୍ନାଥ ପାତ୍ର, ଶିବଶଙ୍କର ସେନାପତି, ଶରତ ଭଞ୍ଜ, ଭାରପ୍ରାପ୍ତ ଆରଆଇ ରା ରାଧାକାନ୍ତ ଦେ, ଏଆରଆଇ ଅନୁରାଧା ମଲ୍ଲିକ ଉପସ୍ଥିତ ଥିଲେ।

● ହାତୀ ସାରି ଦେଉଛନ୍ତି ସବୁ ଅମଳ

## ପରିବା ଚାଷ ଜଗିବା ପାଇଁ ୱାଚ୍ ଟାୱାର୍ ସପକ୍ଷରେ ଚାଷୀ

ଯୋଡ଼ା, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତରୁ ୭୦ ଭାଗ ଅଞ୍ଚଳରେ ଖଣି ଓ ଶିଳ୍ପ ଗଢ଼ି ଉଠିଛି। ବାକି ୩୦ ପ୍ରତିଶତ ଅଞ୍ଚଳରେ ଲୋକ କୃଷି ଓ ପରିବା ଚାଷ ଉପରେ ନିର୍ଭର କରି ଚଳି ଆସୁଛନ୍ତି। ଯୋଡ଼ା ବଡ଼ବିଲ ସହରରେ ଶହ ଶହ ଚାଷୀ ବିଭିନ୍ନ ପ୍ରକାର ପନିପରିବା, ମକା, ମିଠା ମକା ପ୍ରଭୃତି ଚାଷ କରି ବିକ୍ରି କରିଥାନ୍ତି। ବର୍ଷା ଦିନରେ ଧାନ ଚାଷକୁ ଛାଡ଼ିଦେଲେ ଅନ୍ୟ ଋତୁରେ ବାଇଗଣ, ଭେଣ୍ଡି, ବରବଟୀ, କଲରା ଆଦି ଚାଷ ହେଉଛି। ଏହାଦ୍ୱାରା ଚାଷୀ ଆତ୍ମନିର୍ଭରଶୀଳ ହୋଇପାରୁଥିବା ବେଳେ ବଣୁଆ ହାତୀଙ୍କ ପାଇଁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଳଖି ପାରୁନାହିଁ। ହାତୀପଲ ଗାଁ ଭିତରେ ପଶି ଚାଷୀଙ୍କ ଧାନ ଖାଇବା ସହ ପନିପରିବା ଚାଷକୁ ନଷ୍ଟ କରି ପକାଉଛନ୍ତି। ଏଥିପାଇଁ ବାରମ୍ବାର ଗ୍ରାମବାସୀ ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ସୁଦ୍ଧା ଏହାର ବିକଳ୍ପ ମିଳିପାରିନାହିଁ। ଏହାକୁ ନେଇ ଯୋଡ଼ା ବ୍ଲକ କଣ୍ଡରା ପଞ୍ଚାୟତର ଦାମପୁର, ମିରିଗୀସିଂଘା ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଅତ୍ୟନ୍ତ ପକ୍ଷେ ସରକାରଙ୍କ ପକ୍ଷରୁ ଏକ ୱାଚ ଟାୱାର ନିର୍ମାଣ ହୋଇପାରିଲେ ରାତିରେ ପାଳି କରି ସମସ୍ତ ଚାଷୀ ନିଜ ପନିପରିବା ଚାଷକୁ ଜଗି ପାରନ୍ତେ। ହାତୀ ଆସିଲେ ଗ୍ରାମବାସୀଙ୍କୁ ଡାକି, ବନବିଭାଗ ଜରିଆରେ ହାତୀ ଘଉଡ଼ାଇ ଫସଲକୁ ରକ୍ଷା କରାଯାଇ ପାରନ୍ତା ବୋଲି ଆଲୋଚନା ହେଉଛି। ଏନେଇ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା କହନ୍ତି ଯେ ଏହା କଣ୍ଡରା, ଅସେଇକଳା, ଦେଓଝର ପଞ୍ଚାୟତବାସୀଙ୍କ ପାଇଁ ଅତି ଆବଶ୍ୟକ ହୋଇ ପଡ଼ିଛି। ଧାନ ପାଚି ଆସିଲା ବେଳକୁ କିମ୍ବା ମକା ପନିପରିବା ଅମଳ ସମୟକୁ ହାତୀ ପଶିଆସି ଫସଲ ନଷ୍ଟ କରି ଦେଉଛନ୍ତି। ବନ ବିଭାଗ ଯେତେ ସଚେତ ରହିଲେ ମଧ୍ୟ ହାତୀ କ୍ଷତି କରି ପକାଉଛନ୍ତି। ବନ ବିଭାଗ ଅଧିକାରୀ କହିଛନ୍ତି ଯେ ଯୋଡ଼ା ବ୍ଲକର ଅନେକ ପଞ୍ଚାୟତରେ ହାତୀ ଜଗିବା ପାଇଁ ୱାଚ ଟାୱାର ନିର୍ମାଣ ଚାଲିଛି ଆଗକୁ ମଧ୍ୟ ଏହା ହାତୀ ଉପଦ୍ରବ ଅଞ୍ଚଳଗୁଡ଼ିକରେ ନିର୍ମାଣ ହେବାର ଯୋଜନା ରହିଛି।

## ଦନ୍ତା ହାତୀ ଆକ୍ରମଣରେ ଯୁବକ ଗୁରୁତର



ତୁରୁମୁଙ୍ଗା/ଚମ୍ପୁଆ, ୧୭।୬(ସମିସ): ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଝାଲିଆବେଡ଼ା ବଡ଼ାମଶାଳ ନିକଟରେ ହାତୀ ଘଉଡ଼ାଉଥିବା ସମୟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ରାମଚନ୍ଦ୍ରପୁର ଗ୍ରାମର ଗୁରୁଚରଣ ମହାନ୍ତ (୧୮)। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

## ୩୪ ଜଣ ପିଇଓଙ୍କ ଅଦଳବଦଳ

ବାରିପଦା, ୧୭।୬(ସମିସ): ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ୩୪ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଙ୍କ ଅଦଳବଦଳ ହୋଇଛି। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମଧ୍ୟରେ ବିଭିନ୍ନ ବ୍ଲକ ଅନ୍ତର୍ଗତ ପଞ୍ଚାୟତରେ କାର୍ଯ୍ୟ କରୁଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲା ଭିତରେ ବଦଳି କରାଯାଇଛି। ବଦଳି ସ୍ଥାନରେ ତୁରନ୍ତ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି।

# ସବୁଠି ବାସି ଖାଦ୍ୟର ପସରା; ନିୟନ୍ତ୍ରଣ ହୋଇପାରୁନି ହଇଜା

ଆନନ୍ଦପୁର, ୧୭।୬ (ସମିସ): ପଡ଼ୋଶୀ ଯାଜପୁର ଜିଲ୍ଲା ସୀମାନ୍ତ ତରାଇଲୋ ଗ୍ରାମରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ରୋଗ ଆନନ୍ଦପୁର ଉପଖଣ୍ଡରେ ସଂକ୍ରମିତ ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାରଙ୍କ କୌଣସି ପଦକ୍ଷେପ ଦୃଷ୍ଟିଗୋଚର ହେଉନାହିଁ। ଫଳରେ ଝାଡ଼ାବାନ୍ତି ରୋଗୀ ଅଣାୟତ୍ତ ଅବସ୍ଥାରେ ରହିଛି।

ବାତୋ ଓ ଚମ୍ପାପାଳ ତିନିଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି ରୋଗର ନିରାକରଣ ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଆଜିସୁଦ୍ଧା ଆନନ୍ଦପୁର ଶାଳନିଆଁ ଓ ସାଇଁକୁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ଅଧିକ ରୋଗୀ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଇତିମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଧରପଗଡ଼ ହେଉନାହିଁ। ରାଜ ପ୍ରସ୍ତୁତି ବାସି ମାଛ ମାଂସ ଫ୍ରିଜରରେ ରହି ବିକ୍ରି ଚାଲିଥିବାରୁ ଅଧିକ ସଂକ୍ରମିତ ହେବାର ଆଶଙ୍କା ପ୍ରକାଶ ପାଇଛି। ମୌସୁମୀ ବର୍ଷା ସୋମବାରଠାରୁ ଆରମ୍ଭ ହୋଇଥିବାରୁ ନାଳନର୍ଦ୍ଦମାଗୁଡିକ ସନ୍ତସନ୍ତିଆ ହୋଇପଡିଛି। ଗ୍ରାମାଞ୍ଚଳରେ ପୋଖରୀଗାଡ଼ିଆ ପଞ୍ଚାୟତ ପକ୍ଷରୁ ବିଶୋଧନ ହେଉନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପରିଦର୍ଶନରେ ଆସି ହଇଜାରେ ଆକ୍ରାନ୍ତ ରୋଗୀମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ହେଲେ ମନ୍ତ୍ରୀଗଲା ପରେ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, ଗତ ୧୦ତାରିଖ ରାତିରେ ତରାଇଲୋ ଗ୍ରାମରେ ଲଗ୍ନଧରା ଭୋଜି ଖାଇବାପରେ ଝାଡ଼ାବାନ୍ତି ରୋଗ ଆରମ୍ଭ ହୋଇଥିଲା। ୧୫ ଜଣ ପୁରୁଷ ଓ ୧୧ ଜଣ ମହିଳା ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ହଇଜା ଓ ଡାଇରିଆ ନିରାକରଣ ପଦକ୍ଷେପ

ଚମ୍ପୁଆ,୧୭।୬(ସମିସ): ରାଜ୍ୟର ୯ଟି ଜିଲ୍ଲାରେ ହଇଜା ଓ ଡାଇରିଆ କାୟା ବିସ୍ତାର କରୁଥିବା ବେଳେ ଚମ୍ପୁଆରେ କେବେ ନିଆଯିବ ପଦକ୍ଷେପ ବୋଲି କୁହାଯାଇଛି। ଡାଇରିଆ ନିରାକରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ବିଭାକୁ ନର୍ଦ୍ଦେଶ ରହିଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଡାଇରିଆ ନିରାକରଣ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କହିଛନ୍ତି। ଶ୍ରୀ ସାହୁଙ୍କ କହିବାନୁସାରେ, ଆସନ୍ତା ୧୮ ତାରିଖରେ ଏକ ବୈଠକ ଡକାଯାଇଛି। ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଦୋକାନ, ଫାଷ୍ଟଫୁଡ ଦୋକାନ ବନ୍ଦ କରାଯିବା ସହିତ ବିଭିନ୍ନ ହୋଟେଲର ସଫାସୁତରା, ଖାଦ୍ୟର ମାନ ଯାଞ୍ଚ କରାଯିବ। ଏପରିକି ଏନଏସି ଅଧୀନରେ ଥିବା ଛାତ୍ରାବାସଗୁଡିକ ତଦାରଖ କରାଯିବା ସହ ପାନୀୟଜଳର ସୁଦ୍ଧତା ଉପରେ ଗୁରୁତ୍ୱ ଦିଆଯିବ। ୱାର୍ଡଗୁଡିକରେ ବ୍ଲିଚିଂ ପକାଇବା, ଡ୍ରେନ ସଫେଇ ସହ ୱାର୍ଡ ପରିବେଶର ସ୍ୱଛତା ପାଇଁ ସ୍ୱାସ୍ଥ୍ୟ ବିଭାଗର ସହାୟତାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

● ବିଭିନ୍ନ ହୋଟେଲରେ ଚଢ଼ଉ

### ୭ ଦିନ ପାଇଁ ରାସ୍ତାକଡ଼ ଖାଦ୍ୟ ଷ୍ଟଲ ବନ୍ଦ



ଆନନ୍ଦପୁର: ଆନନ୍ଦପୁର ପୌରପାଳିକା ପକ୍ଷରୁ ବିଭିନ୍ନ ହୋଟେଲ ଜଳଖିଆ ଦୋକାନ ଉପରେ ଚଢ଼ଉ କରାଯାଇଛି। ବାସି ଖାଦ୍ୟ ଫ୍ରିଜର ଫୁଡ ଓ ବ୍ୟବହୃତ ପିଇବା ପାଣିର ନମୁନା ସଂଗ୍ରହ କରାଯାଇଥିବା ବେଳେ ରୋଷେଇ ଘର ବ୍ୟବସ୍ଥା ତଦାରଖ କରାଯାଇଥିବା ସୂଚନା ମିଳିଛି। ଏପରି ବ୍ୟତିକ୍ରମ ପାଇଁ କେତେକ ହୋଟେଲରୁ ପ୍ରାୟ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆନନ୍ଦପୁର ପୌର ଅଧିକାରୀ ଦେବବ୍ରତ ବଳଙ୍କ ନିର୍ଦ୍ଦେଶରେ ପରିମଳ ଅଧିକାରୀ ଭାଗିରଥି ଦାଶ, ଶରତ କୁମାର ନନ୍ଦ, ହରେକୃଷ୍ଣ ପାତ୍ର, କବିନ୍ଦ୍ର ସାହୁ ପ୍ରମୁଖ ଆନନ୍ଦପୁର ଫକୀରପୁର ଶାଳ ପଡା ସୁଡୁସୁଡ଼ିଆ ଖପରାଖାଇ ଘସିପୁରା ଶୈଲଙ୍ଗ ମେଡିକାଲ ରୋଡରେ ଥିବା ଷ୍ଟ୍ରିଟକର୍ଣ୍ଣର ଫୁଡସ୍ଟଲ ଗୁଡିକ ୭ ଦିନ ପାଇଁ ବନ୍ଦ କରିବାକୁ ନୋଟିସ କରିଥିବା ସୂଚନା ମିଳିଛି। ସେହିପରି ଏନଏଚରେ ଥିବା ଢ଼ାବା ଓ ହୋଟେଲଗୁଡିକୁ ସ୍ୱଛତା ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଦୁର୍ଘଟଣା ଘଟାଇ ଥାନା ଭିତରକୁ ପଶିଗଲା ଟ୍ରକ୍

## ଫେରାର ମାରିଲା ଚାଳକ; ପୁଲିସ ନିରବଦ୍ରଷ୍ଟା

ତେଲକୋଇ, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥର କାଞ୍ଜିପାଣି ଥାନା ସମ୍ମୁଖରେ ଏକ ଟ୍ରକ୍ ଅଟୋ ଏବଂ ସ୍କୁଟିକୁ ଧକ୍କା ଦେଇ ଥାନା ଭିତରକୁ ପଶି ଯାଇଛି। ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ମଇଦାନକେଲ ଗ୍ରାମର ମେଘନାଦ ବାଘୁଆଙ୍କ ପତ୍ନୀ ତୁଳସୀ (୪୧)। ମେଘନାଦ ବାଘୁଆ ଗୁରୁତର ହୋଇଛନ୍ତି। ଅଟୋରେ ଥିବା ଜଣେ ଯାତ୍ରୀ ମଧ୍ୟ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଥିବା ବେଳେ ପୁଲିସ ଏହାର କୌଣସି ଟେର୍ ପାଇ ପାରିନାହିଁ।
ଏହି ଦୁର୍ଘଟଣା ମଧ୍ୟାହ୍ନ ୧୨ରୁ ଘଟିଥିଲେ ସୁଦ୍ଧା କାଞ୍ଜିପାଣି ପୁଲିସ ପାଖରେ ଗୁରୁତର ଓ ଟ୍ରକ୍ ଚାଳକଙ୍କ ସମ୍ବନ୍ଧରେ କୌଣସି ସୂଚନା ନଥିବା ପୁଲିସର ତତ୍ପରତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ି ୦୯ ଏମ ୬୬୫୧ ନମ୍ବର ବିଶିଷ୍ଟ ସ୍କୁଟିରେ ମଇଦାନକେଲ ଅଞ୍ଚଳର ମେଘନାଦ ତାଙ୍କ ପତ୍ନୀ ତୁଳସୀ କାଞ୍ଜିପାଣି ଥାନା ସମ୍ମୁଖରେ ଛିଡ଼ା ହୋଇଥିବା



ବେଳେ କେନ୍ଦୁଝର ପଟୁ ଓଡ଼ି ୦୯ ଜେଡ୍ ୦୦୩୫ ନମ୍ବର ବିଶିଷ୍ଟ ଏକ ଲୌହପଥର ବୋଝେଇ ଟ୍ରକ୍ ଦ୍ରୁତ ଗତିରେ ଆସି ସମ୍ମୁଖରେ ଥିବା ଏକ ଅଟୋକୁ ଧକା ଦେଇଥିଲା। ପରେ ସ୍କୁଟି ଓ ପାଖରେ ଛିଡ଼ା ହୋଇଥିବା ତୁଳସୀ ଏବଂ ମେଘନାଦଙ୍କୁ ଧକ୍କା ଦେଇ ଥାନାର ସୁରକ୍ଷା ବାଡ଼ ଭାଙ୍ଗି ଥାନା ଭିତରେ ପଶି ଯାଇଥିଲା।

**ମହିଳା ମୃତ, ଦୁଇ ଗୁରୁତର**

ଘଟଣାସ୍ଥଳରେ ତୁଳସୀଙ୍କ ମୃତ୍ୟୁ ହୋଇଥିବା ବେଳେ ମେଘନାଦ ଓ ଅଟୋରେ ଥିବା ଜଣେ ଯାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଗୁରୁତରଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଥାନା ସମ୍ମୁଖରେ ଦୁର୍ଘଟଣା ଘଟି ଟ୍ରକ୍ ଥାନା ଭିତରକୁ ପଶି ଯାଇଥିବା ବେଳେ କାଞ୍ଜିପାଣି ପୁଲିସ ଦୁର୍ଘଟଣା ଘଟାଇ ଥିବା ଚାଳକକୁ ଧରି ପାରି ନାହିଁ। ପୁଲିସର ଏଭଳି ବେପରୁଆ ନୀତି ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଥାନା ଭିତରେ ଜବତ ହୋଇ ରହିଥିବା ଅନ୍ୟ କେତେକ ଗାଡ଼ିକୁ ମଧ୍ୟ ଟ୍ରକ ଧକ୍କା ଦେଇ ଚୂର୍‌ମାର କରି ଦେଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ମଧ୍ୟ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଛି। ପୁଲିସ କେବଳ ମୃତ ଦେହକୁ ଜବତ କରି ତଦନ୍ତ କରୁଥିବା କହିଛି।

## ହାଇୱା ଧକ୍କାରେ ଯୁବକ ମୃତ

ବେଲବାହାଳି,୧୭।୬(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ରେମାଳ ଛକରେ ଆଜି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତ୍ରିନାଥ ସୁଆ ସିଂ ତୁବୁରୀ ପ୍ଲାଣ୍ଟରୁ ଘର ନିକଟସ୍ଥ ରଘୁନାଥପୁର ଫେରୁଥିବା ସମୟରେ ହାଇୱା ସହ ବାଇକ ଦୁର୍ଘଟଣା ହୋଇଥିଲା। ଫଳରେ ବାଇକ ଆରୋହୀ ଜଣକ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଘଷିପୁରା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାଟଣା: ୧୦ ଡାଇରିଆ ଆକ୍ରାନ୍ତ

ତୁରୁମୁଙ୍ଗା, ୧୭।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ୧୦ ଜଣ ହଇଜାରେ ଆକ୍ରାନ୍ତ ହୋଇଛନ୍ତି। ସୋମବାର ତୋଣ୍ଡ, ବାରିଗାଁ ବଡ଼ଗମ୍ଭରିଆ, ମହିଷାମୁଣ୍ଡି ଗ୍ରାମର ୨ ଜଣ ପୁରୁଷ ଓ ୨ ଜଣ ମହିଳା ଆକ୍ରାନ୍ତ ହୋଇ ପାଟଣା ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସୋମବାର ଭୋଳବେଡା, ଚୁଟିଆପଶି କେନ୍ଦୁଯୋଡ଼ା ସୋରାସପଶି ଗ୍ରାମର ୩ ଜଣ ପୁରୁଷ ୩ ମହିଳା ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସମସ୍ତେ ବର୍ତ୍ତମାନ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ ଖାଦ୍ୟକୁ ଢାଙ୍କିବାକୁ ଅନୁରୋଧ କରାଯାଇଛି। ଏବେ ବର୍ଷା ଦିନ ଯୋଗୁଁ ଲୋକେ ଦୂଷିତ ପାଣି ପିଉଛନ୍ତି। ଜଳ ପରିମଳ ବିଭାଗ ପକ୍ଷରୁ ନଳକୂପଗୁଡିକ ସଫା କରା ଯାଉ ନଥିବା ବେଳେ ବ୍ଲିଚିଂ ପାଉଡର ପକା ଯାଉ ନଥିବାରୁ ଲୋକେ ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହୋଇଛି।

## ଶାନ୍ତିଶୃଙ୍ଖଳାରେ ରଜବତୀଙ୍କୁ ସେଣ୍ଟକାପବାସୀ ଦେଲେ ମେଲାଣି

କେନ୍ଦୁଝରସଦର,୧୭।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଟକାପ ଗ୍ରାମ ପୋଇତୋଟାଠାରେ ଆୟୋଜିତ ରଜ ମହୋତ୍ସବ ଖିଲି ପାନ, ଖେଳ କୁଦ ନାଚଗୀତ ଓ ଦୋଳି ଖେଳରେ ରଜ ପର୍ବ ଖୁବ ଧୁମଧାମରେ ପାଳିତ ହୋଇଛି। ଏହି ବର୍ଷ ଅଞ୍ଚଳର ବରିଷ୍ଠ ସମାଜସେବୀ ଓ ଉତ୍ସବର ମୁଖ୍ୟ ପରାମର୍ଶଦାତା ରସାନନ୍ଦ ଘଣାଙ୍କ ଉଦ୍ୟମରେ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଉତ୍ସବ ଚାଲିଥିଲା। ପାଣିବୁହା, ପହିଲି ରଜ, ରଜ ସଂକ୍ରାନ୍ତି, ଭୂଦାନ, ଅଣସର ପଞ୍ଚମୀ, ବସୁମତୀ ସ୍ନାନ ଓ ରଜବତୀ ବିଦାୟ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଖାଇ ଦଳି ଓ ବିଭିନ୍ନ ଦଳି କାରିଗର ଉପେନ୍ଦ୍ର ନାଏକ, ବାଙ୍କୁ ନାଏକ, ବୁଦ୍ଧିଆ ନାଏକ, ରଘୁନାଥ ନାଏକ, ନୁଟା ନାଏକ ପ୍ରମୁଖଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ପ୍ରତେକ ଦିନ ଆଖପାଖ ଅଞ୍ଚଳ ତଥା ପଡୋଶୀ ଜିଲ୍ଲା ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ଼ ଓ ପଡ଼ୋଶୀ ରାଜ୍ୟ ଝାଡଖଣ୍ଡ ଆଦି ଦୂର ଅଞ୍ଚଳରୁ ହଜାର ହଜାର ସଂସ୍କୃତିପ୍ରେମୀ ଓ ପରମ୍ପରାକୁ ଭଲ ପାଉଥିବା ମା ଭଉଣୀ, ମହିଳା, ପୁରୁଷ ଏବଂ କିଶୋର ଓ କିଶୋରୀମାନେ ବିଭିନ୍ନ ଖେଳ କୁଦ ପ୍ରତିଯୋଗିତାରେ ଭାଗ ନେବା ସହ ଦୋଳିର ମଜା ନେଇ ଆନନ୍ଦ ଉଠାଇଥିଲେ। ରଜ ଶେଷ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ରଜ ମହୋତ୍ସବ କମିଟି ତରଫରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅତ୍ୟାଧୁନିକ ଲାଇଟ ସାଉଣ୍ଡ ଓ ଦୁର୍ଗା ଶ୍ରୀ ଶିଂଘ ବାଦ୍ୟ ଯନ୍ତ୍ର ଓ ବାଣ ଫୁଟାଇ ମା ଭଉଣୀ ମହିଳାମାନେ ନୃତ୍ୟ ପ୍ରଦର୍ଶନ କରିବା ସହ ଗ୍ରାମ ପରିକ୍ରମା କରି ଗାଁ ମୁଣ୍ଡରେ ରଜବତୀଙ୍କୁ ମେଲାଣି ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବାରୁ ରଜ ମହୋତ୍ସବ କମିଟି ଓ ସେଣ୍ଟକାପ ଗ୍ରାମବାସୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମଦ ଓ ବାଇକ ଜବତ; ଯୁବକ ଗିରଫ

କରଞ୍ଜିଆ, ୧୭।୬(ସମିସ): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ରାମଚନ୍ଦ୍ରପୁର ଗ୍ରାମରେ ଚଢଉ କରି ୪୦ ଲିଟର ମହୁଲି ମଦ ଓ ବାଇକ ଜବତ କରିବା ସହିତ ଜଣକୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧିକାରୀ ସଞ୍ଜୟ କାଣ୍ଡି ଓ କରଞ୍ଜିଆ ଅବକାରୀ ଥାନା ଓଆଇସି ରଶ୍ମିରଂଜନ ନାୟକଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁର ଗ୍ରାମର ରାଜେନ୍ଦ୍ର ପୂର୍ତ୍ତି (୪୮)ଙ୍କ ଘରେ ଚଢଉକରି ୪୦ ଲିଟର ମହୁଲି ମଦ ଏବଂ ଗୋଟିଏ ବାଇକକୁ ଜବତ କରିଛନ୍ତି। ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା କରଞ୍ଜିଆ ଅବକାରୀ ଓଆଇସି ରଶ୍ମିରଂଜନ ନାୟକ ସୂଚନା ଦେଇଛନ୍ତି।

## ବନକର୍ମଚାରୀଙ୍କ କଳାବ୍ୟାଜ ପରିଧାନ

ବେତନଟୀ,୧୭।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀଙ୍କୁ ଗୁଳିକରି ନିର୍ମମଭାବେ ହତ୍ୟା କରାଯିବା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଓଡିଶା ଅଣ ଗେଜେଟେଡ ବନସେବା ସଂଘ ପକ୍ଷରୁ ଦିଆଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ମଙ୍ଗଳବାର ବେତନଟୀ ରେଞ୍ଜରେ କାର୍ଯ୍ୟରତ ବନପାଳ ଏବଂ ବନରକ୍ଷୀ ସମୂହ କଳାବ୍ୟାଜ ପିନ୍ଧି ପ୍ରତିବାଦ ପୂର୍ବକ ସମୂହଛୁଟିରେ ରହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ଦାବିପତ୍ର ଦେଇଛନ୍ତି। ଗତମାସ ୨୪ତାରିଖରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳିକରି ହତ୍ୟାକରାଯିବା ଘଟଣାରେ ଓଡିଶା ଅଣଗେଜେଟେଡ ବନସେବା ସଂଘ ପ୍ରତିକ୍ରିୟାଶୀଳ ହୋଇଉଠିଥିବା ବେଳେ ଜରୁରୀ ବୈଠକର ଆୟୋଜନ ପୂର୍ବକ ସ୍ଥିରୀକୃତ ନିଷ୍ପତ୍ତି ପୂର୍ବକ ୩ଗୋଟି ପ୍ରମୁଖ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ କଳାବ୍ୟାଜ ପିନ୍ଧି ପ୍ରତିବାଦ ପୂର୍ବକ ଆସନ୍ତା ୨୨ତାରିଖରୁ ସମୂହ ଛୁଟିରେ ରହି ସର୍କଲସ୍ତରରେ ଶାନ୍ତିପୂର୍ଣ୍ଣ ଧାରଣାରେ ସାମିଲ ହେବାକୁ ଦାବିପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ମୋବାଇଲ ଟାୱାରରୁ ଦେଢଲକ୍ଷ ଟଙ୍କାର ଯନ୍ତ୍ରାଂଶ ଚୋରି

ବାରିପଦା, ୧୭।୬(ସମିସ): ପୁଣି ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି ନେଇ ଅଭିଯୋଗ ହୋଇଛି। ଏନେଇ ପରିଚାଳନା ସଂସ୍ଥା ପକ୍ଷରୁ କର୍ମଚାରୀ କ୍ରିଷ୍ଣା ମଣ୍ଡଳ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। କରଞ୍ଜିଆ ଅଞ୍ଚଳରେ ଥିବା ମୋବାଇଲ ଟାୱାର ସଂସ୍ଥା ପକ୍ଷରୁ ପରିଚାଳନା କରାଯାଉଛି। ତେବେ ଉକ୍ତ ଟାୱାରରେ ସମସ୍ୟା ସୃଷ୍ଟି ହୋଇଥିବାର ଖବର ପାଇ କର୍ମଚାରୀ ଟାୱାର ଯାଞ୍ଚ କରିଥିଲେ। ଟାୱାରର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଚୋରି ଯନ୍ତ୍ରାଂଶର ମୂଲ୍ୟ ପ୍ରାୟ ଦେଢଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଟାୱାର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଚୋରିରେ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଛାଞ୍ଚ ଅଞ୍ଚଳରୁ ଟଙ୍କା ଓ ସୁନା ଚୋରି

ବାରିପଦା,୧୭।୬(ସମିସ): ବାରିପଦା ସହରରେ ଚୋରି ଓ ଛିନତାଇ ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ପୁଣି ତାଲାବନ୍ଦ ଘରୁ ଚୋରି କରିଛନ୍ତି। ବାରିପଦା ଟାଉନ ଥାନା ଅନ୍ତର୍ଗତ ଛାଞ୍ଚ ଅଞ୍ଚଳରୁ ଘରୁ ସୁନା ଅଳଙ୍କାର ଓ ଚୋରି ହୋଇଛି। ଏନେଇ କୃଷ୍ଣଚନ୍ଦ୍ର ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବାରିପଦା ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଚୋରି କରିଛନ୍ତି। ତାଲାବନ୍ଦ ଘରେ ଦୁର୍ବୃତ୍ତ ପଶି କଳାକନା ବୁଲାଇଥିଲେ। ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସମେତ ଟଙ୍କା ଚୋରି କରିଛନ୍ତି। ଏ ବାବଦରେ ସେ ଘରକୁ ଫେରି ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ଆଚିଭର୍ସ ଗ୍ରୁପ୍ ଅଫ୍ କ୍ଲାସେସର ବାର୍ଷିକ ଉତ୍ସବ




ବାରିପଦା, ୧୭।୬(ସମିସ): ବାରିପଦା ତୁଳସୀଚଉରାଠାରେ ଥିବା 'ଆଚିଭର୍ସ ଗ୍ରୁପ ଅଫ କ୍ଲାସେସ'ର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସତ୍ୟଭାମା କଲେଜର ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଶେଖର ପରିଡ଼ା ଯୋଗଦେଇ ଅକ୍ଳାନ୍ତ ପରିଶ୍ରମ ହିଁ ସଫଳତା ଦିଏ ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଯୋଗେଶ୍ୱର ମହାନ୍ତ ମହାପୁରୁଷ ଅବଦୁଲ କଲାମଙ୍କ ଜୀବନୀ ବିଷୟରେ ପିଲାଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ଅମିତ କୁମାର ମହାପାତ୍ର ୪୫ ଦିନର ଗ୍ରୀଷ୍ମ କାଳୀନ ପାଠ୍ୟକ୍ରମ ଭିତରେ ୯୦% ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ ତଥା ବିଭିନ୍ନ ପ୍ରତିଯୋଗିତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଧୈର୍ଯ୍ୟ, ଶୃଙ୍ଖଳା, ପରିଶ୍ରମ ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ମହାନ୍ତଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଆଚିଭର୍ସପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଥିଲା।

## ବାରିପଦାରେ ଫଟୋଗ୍ରାଫି କର୍ମଶାଳା




ବାରିପଦା, ୧୭।୬(ସମିସ): କେନନ ଇଣ୍ଡିଆ, ଓଡିଶା ଡିଭିଜନର ଓ ମୟୂରଭଞ୍ଜ ଫଟୋଗ୍ରାଫି ଭିଡିଓଗ୍ରାଫି ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଅତ୍ୟାଧୁନିକ ଫଟୋଗ୍ରାଫି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଫଟୋଗ୍ରାଫି ଭିଡିଓଗ୍ରାଫି ଆସୋସିଏସନର ସଭାପତି ସଂଜୀବ କୁମାର ଦ୍ୱେବେଦୀ କର୍ମଶାଳାକୁ ଉଦଘାଟନ କରିଥିବା ବେଳେ କେନନ ଓଡିଶା ଶାଖାର କିଶୋର ଲେଙ୍କା, ମଜିବୁର ରେହେମନ ଓ କମ୍ପାନୀ ମେଣ୍ଟର ଲଳିତ ରୋହି ଦାସ ଉପସ୍ଥିତ ଥିଲେ। ବର୍ତ୍ତମାନ ଏଆଇର ଯୁଗ। କେନନ କମ୍ପାନୀ ଅତ୍ୟାଧୁନିକ ଜ୍ଞାନକୌଶଳକୁ ପ୍ରାଞ୍ଜଳ ଭାବେ ପ୍ରଶିକ୍ଷଣ ଦେଇଥିଲା। ଜିଲ୍ଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରୁ ଶତାଧିକ ଫଟୋଗ୍ରାଫର ଯୋଗଦେଇ ଜ୍ଞାନ ଆହରଣ କରିଥିଲେ।

# ରଜ ମହୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

କରଞ୍ଜିଆ, ୧୭।୬(ସମିସ): ନିର୍ଭୟା କ୍ଲବର ତିନିଦିନିଆ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କରଞ୍ଜିଆ ବ୍ଲକ ଉଅଁରା ଗ୍ରାମର ହୁଡ଼ିସାହିଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ରଜ ମହୋତ୍ସବ ଆୟୋଜନ କରାଯାଇଥିଲା। କ୍ଲବ ସଭାପତି କ୍ଷିରମଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବର ପ୍ରଥମ ଦିନରେ ସମ୍ପାଦିକା ସବିତା ନାୟକ, କଳା ବିକାଶ କେନ୍ଦ୍ରର ନାଟ୍ୟ ଗୁରୁ ସିପୁନ ମହାକୁଡ଼, କ୍ଲବର ଅନ୍ୟାନ୍ୟ ସଭ୍ୟାମାନେ ପୁଚି ଖେଳ, ଝୋଟି ପ୍ରତିଯୋଗିତା, କୁଇଜ, ରଜ ଗୀତ, ଚିତ୍ରାଙ୍କନ ଆଦି ଆୟୋଜନ କରାଯାଇଥିଲା। ଏଥିରେ କରଞ୍ଜିଆ ବି.ଡି.ଓ. ପ୍ରଦ୍ୟୁମ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାର



ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରରୁ ୪୫ଟି ନୃତ୍ୟ ଦଳ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପାଞ୍ଚପୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ରାଜେଶ କୁମାର ରଣା, ସିନେ କଳାକାର ଯାଜ୍ଞସେନୀ ସ୍ୱାଇଁ ଯୋଗଦେଇ ମୟୂରଭଞ୍ଜର କଳା, ସଂସ୍କୃତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବହୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

ସଭାପତି କ୍ଷିରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ଏସ.ଡି.ପି.ଓ ନବକୃଷ୍ଣ ନାୟକ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଚାରୁ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ପତ୍ର, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗ ଦେଇ ଗ୍ରାମରେ ନିର୍ଭୟା କ୍ଲବ କିପରି ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ନିଶାମୁକ୍ତ ସମାଜ ଗଠନ, ଶିକ୍ଷପ୍ରତି ପିଲାଳାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଛି ସେ ନେଇ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଶଶିକାନ୍ତ ମହାରଣା ଓ ସୌମ୍ୟଶ୍ରୀ ଚାଟାର୍ଜୀ ପରିଚାଳନା କରିଥିଲେ। ସନ୍ଧ୍ୟାରେ ନାଚ ଗୀତ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୨
- ୟୁରୋ ୯୯.୮୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୦୦୦ (ଭୁବନେଶ୍ୱର)
- ରୁପା : ୧,୧୧,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୫୮୩.୦୦
- ନିଫ୍ଟି ୨୪,୮୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଟ୍ରମ୍ପଙ୍କ ଘୋଷଣା

# ଔଷଧ ସାମଗ୍ରୀ ଉପରେ ଲଗାଇବେ ଶୁଳ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଭାରତୀୟ ଫାର୍ମା କମ୍ପାନୀଗୁଡ଼ିକର ସେୟାର ମଙ୍ଗଳବାର ୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ସେ ଖୁବ୍ ଶୀଘ୍ର ଔଷଧ ଆମଦାନୀ ଉପରେ ଭାରି ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏହି ବିବୃତ୍ତି ପରେ ନିଫ୍ଟି ଫାର୍ମା ସୂଚକାଙ୍କ ୨% ହ୍ରାସ ପାଇ ୨୧,୬୦୦ ପଏଣ୍ଟ ସ୍ତରରେ ପହଞ୍ଚିଛି।

ଭାରତ ପ୍ରତିବର୍ଷ ୧୦ ବିଲିୟନ ଡଲାର (ପ୍ରାୟ ୮୬,୨୦୦ କୋଟି ଟଙ୍କା) ମୂଲ୍ୟର ଔଷଧ ଆମେରିକାକୁ ରପ୍ତାନି କରିଥାଏ, ଯାହା ଆମେରିକାର ମୋଟ ଔଷଧ ଆମଦାନୀର ୬%। ପୂର୍ବରୁ ଏପ୍ରିଲରେ ଟ୍ରମ୍ପ ଫାର୍ମା ଉପରେ ଶୁଳ୍କ ଲାଗୁ ବିଷୟରେ କହିଥିଲେ, କିନ୍ତୁ ପରେ ଏହାକୁ ୯୦ଦିନ ପାଇଁ ସ୍ଥଗିତ ରଖିଥିଲେ। ଏବେ ପୁଣି ଶୁଳ୍କ ହେଉଥିବା ନେଇ ବିବୃତ୍ତି ଦେବା ବଜାରରେ ଅନିଶ୍ଚିତତା ବୃଦ୍ଧି କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଔଷଧ ଶୁଳ୍କ ଲଗାଯାଏ, ତେବେ ଏହା ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ଆୟ ଉପରେ ବଡ଼ ପ୍ରଭାବ ପକାଇପାରେ। କାରଣ ସେମାନଙ୍କ ଆୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ଟ୍ରମ୍ପଙ୍କ ଔଷଧ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ପରେ ଗ୍ରାନୁଏଲ୍ସ ଇଣ୍ଡିଆ, ଲୁପିନ୍, ନାଟ୍କୋଫାର୍ମ ଏବଂ ଅରବିନ୍ଦ ଫାର୍ମାର ସେୟାର ମୂଲ୍ୟରେ ସର୍ବାଧିକ ୪% ହ୍ରାସ ପାଇଛି। ଲୌରସ୍ ଲ୍ୟାବ୍ସ ଏବଂ ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସର ସେୟାର ମଧ୍ୟ ୩% ରୁ ଅଧିକ ହ୍ରାସ ପାଇଛି। ସନ୍ ଫାର୍ମା, ସିପ୍ଲା, ଗ୍ଲେନମାର୍କ ଏବଂ ନାଟକୋ ଫାର୍ମା ଭଳି ବଡ଼ ନାମ ମଧ୍ୟ ୨-୨.୬% ହ୍ରାସ ପାଇଛି। ଟ୍ରମ୍ପ କହିଛନ୍ତି ଯେ ବିଦେଶୀ ଦେଶ, ବିଶେଷକରି ଭାରତ ଏବଂ ଚୀନରୁ ଆସୁଥିବା ଶସ୍ତା ଔଷଧ ଯୋଗୁଁ ଆମେରିକା ଔଷଧ ଶିଳ୍ପ ଦୁର୍ବଳ ହେଉଛି। ତାଙ୍କର ଲକ୍ଷ୍ୟ ହେଉଛି ବିଦେଶୀ କମ୍ପାନୀଗୁଡ଼ିକ ଆମେରିକାରେ ସେମାନଙ୍କର କାରଖାନା ସ୍ଥାପନ କରନ୍ତୁ, ଯାହା ଦ୍ୱାରା ଚାକିରି ବୃଦ୍ଧି ପାଇବ ଏବଂ ଔଷଧ ଉତ୍ପାଦନ ସ୍ୱାବଲମ୍ବୀ ହେବ। କିନ୍ତୁ ଟ୍ରମ୍ପ ପୂର୍ବରୁ ବୟାନ ଦେଇଛନ୍ତି ଯେ ସେ ଏତେ ଉଚ୍ଚ ଶୁଳ୍କ ଲାଗୁ କରିବେ ଯେ କମ୍ପାନୀଗୁଡ଼ିକ ପାଇଁ ଆମେରିକାରେ ୟୁନିଟ୍ ସ୍ଥାପନ କରିବା ଶସ୍ତା ହେବ। କିଛି ରିପୋର୍ଟରେ ଅନୁମାନ କରାଯାଇଛି ଯେ ଏହି ଶୁଳ୍କ ୧୦% ରୁ ୨୫% ମଧ୍ୟରେ ହୋଇପାରେ। ତଥାପି, ଏ ନେଇ ସରକାରୀ ଘୋଷଣାକୁ ଅପେକ୍ଷା କରାଯାଇଛି।

ସୂଚନାଯୋଗ୍ୟ ଯେ, ଭାରତ ଆମେରିକାକୁ ଏକ ବଡ଼ ଔଷଧ ଯୋଗାଣକାରୀ। ଏଠାରୁ ଶସ୍ତା ଜେନେରିକ୍ ଔଷଧ ଆମେରିକାକୁ ଯାଏ, ଯାହା ସେଠାକାର ଲୋକଙ୍କୁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଯଦି ଶୁଳ୍କ ଲାଗୁ ହୁଏ, ତେବେ ଏହି ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏତାଛଡା ଫାର୍ମା କମ୍ପାନୀଙ୍କ ବିକ୍ରି ହ୍ରାସ ମଧ୍ୟ ପାଇବ। ଏଥିଯୋଗୁ ସନ୍ ଫାର୍ମା, ଡକ୍ଟର ରେଡ୍ଡିଜ୍ ଏବଂ ଅରବିନ୍ଦ ଫାର୍ମା ଭଳି ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଏହି କମ୍ପାନୀଗୁଡ଼ିକର ସେୟାରରେ ଆହୁରି ହ୍ରାସ ଘଟାଇପାରେ। ହେଲେ ଭାରତ ସରକାର ଏହି ପ୍ରସଙ୍ଗରେ ସତର୍କ। ରିପୋର୍ଟ ଅନୁଯାୟୀ, ଭାରତ ବାଣିଜ୍ୟ ଚୁକ୍ତି ପୂର୍ବରୁ ଆମେରିକାଠାରୁ ପ୍ରତିଶ୍ରୁତି ମାଗିଛି ଯେ କୌଣସି ନୂତନ ଶୁଳ୍କ ଲାଗୁ କରାଯିବନାହିଁ। ଜୁଲାଇ ୯ ସୁଦ୍ଧା ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରୟାସ କରାଯାଉଛି, ଯାହା ଦ୍ୱାରା ଭାରତର ଔଷଧ ଶିଳ୍ପକୁ କ୍ଷତିରୁ ରକ୍ଷା ପାଇପାରିବ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ଟ୍ରମ୍ପଙ୍କ ଅନିଶ୍ଚିତ ମନୋଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆହୁରିମଧ୍ୟ ଯଦି ଔଷଧ ଉପରେ ଶୁଳ୍କ ଲଗାଯାଏ, ତେବେ ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ଘଟାଇବ। ଏହା ସେଠାକାର ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଭାରତରେ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ କ୍ଷତି ସହିପାରନ୍ତି, ଯାହା ରପ୍ତାନି ହ୍ରାସ କରିପାରେ। ଯଦି ଭାରତ ଏବଂ ଆମେରିକା ମଧ୍ୟରେ ସଠିକ୍ ଚୁକ୍ତି ହୁଏ, ତେବେ ଏହି ପ୍ରଭାବ ହ୍ରାସ ହୋଇପାରେ।

**ଖସିଲା ଫାର୍ମା କମ୍ପାନୀ ସେୟାର**

**କ୍ଷତି ସହିବେ ଭାରତୀୟ ଔଷଧ କମ୍ପାନୀ**

## ସ୍ଥାୟୀ ଜମା ସୁଧ ହାର କମାଇଲା ଷ୍ଟେଟ୍ ବ୍ୟାଙ୍କ

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାର ୦.୫୦ ପ୍ରତିଶତ ହ୍ରାସ କରିବା ପରେ, ବ୍ୟାଙ୍କଗୁଡ଼ିକ ଏବେ ଋଣ ଏବଂ ସ୍ଥାୟୀ ଜମା ବା ଏଫଡି ଉପରେ ସୁଧ ହାର ହ୍ରାସ କରୁଛନ୍ତି। ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟ ଏବେ ଏଫଡି ଉପରେ ସୁଧ ହାର ହ୍ରାସ କରିଛି। ବ୍ୟାଙ୍କ ଏହାର ସମସ୍ତ ଏଫଡି ଉପରେ ସୁଧ ହାରକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତ ହ୍ରାସ କରିଛି। କେବଳ ଏତିକି ନୁହେଁ, ବ୍ୟାଙ୍କ ଏହାର ୪୪୪ ଦିନର ସ୍ୱତନ୍ତ୍ର ଏଫ୍‌ଡି, ଅମୃତ ବୃଷ୍ଟି ଉପରେ ମଧ୍ୟ ୦.୨୫ ପ୍ରତିଶତ ସୁଧ ହ୍ରାସ କରିଛି। ଏସବିଆଇର ନୂତନ ସୁଧ ହାର ଚଳିତମାସ ୧୫ ତାରିଖରୁ ଲାଗୁ ହୋଇଛି। ଏସବିଆଇ ଏପ୍ରିଲ ଏବଂ ୨୦୨୫ ମେ' ମାସରେ ମଧ୍ୟ ଏଫଡି ସୁଧ ହାର ହ୍ରାସ କରିଥିଲା। ୨୦୨୫ ମେ' ୧୬ ରେ ବ୍ୟାଙ୍କ ଏଫଡି ହାରରେ ୨୦ ବେସିସ୍ ପଏଣ୍ଟ ଅର୍ଥାତ୍ ସମସ୍ତ ଅବଧି ପାଇଁ ୦.୨୦ ପ୍ରତିଶତ ହ୍ରାସ କରିଥିଲା। ଏବେ ମାତ୍ର ଗୋଟିଏ ମାସ ପରେ ବ୍ୟାଙ୍କ ସୁଧ ହାରରେ ୦.୨୫ ପ୍ରତିଶତ ହ୍ରାସ କରିଛି। ବିଶେଷ କଥା ହେଉଛି ଏଥର ଅମୃତ ବୃଷ୍ଟି ଉପରେ ସୁଧ ମଧ୍ୟ ହ୍ରାସ କରାଯାଇଛି। ଅମୃତ ବୃଷ୍ଟି ଏଫଡି ଯୋଜନା ହେଉଛି ୪୪୪ ଦିନର ଏକ ସ୍ୱତନ୍ତ୍ର ଏଫ୍‌ଡି। ବ୍ୟାଙ୍କ ଏହା ଉପରେ ସୁଧ ହରକୁ ୬.୮୫ ପ୍ରତିଶତରୁ ୬.୬୦ ପ୍ରତିଶତକୁ ହ୍ରାସ କରିଛି। ଅପରପକ୍ଷେ ଏହି ଏଫଡି ଉପରେ ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କୁ ୭.୧୦ ପ୍ରତିଶତ ସୁଧ ମିଳିବ। ସୂଚନାଯୋଗ୍ୟ ଏସବିଆଇ ୭ ଦିନରୁ ୧୦ ବର୍ଷ ପର୍ଯ୍ୟନ୍ତ ଏଫଡି ପ୍ରଦାନ କରୁଛି। ବ୍ୟାଙ୍କ ୫ ରୁ ୧୦ ଦିନର ଏଫଡି ଉପରେ ବରିଷ୍ଠ ନାଗରିକମାନଙ୍କୁ ସର୍ବାଧିକ ସୁଧ ଦେଉଛି। ଏହି ଏଫଡି ଉପରେ ସୁଧ ୭.୩୦ ପ୍ରତିଶତ। ଏଥର ଏସବିଆଇ ଏହାର ସମସ୍ତ ଅବଧିର ଏଫଡି ଉପରେ ସୁଧକୁ ୦.୧୫ ପ୍ରତିଶତରୁ ୦.୨୫ ପ୍ରତିଶତକୁ ହ୍ରାସ କରିଛି।



## ପିଜି ଡାକ୍ତରଙ୍କ ପାଇଁ ଅଜିମ୍ ପ୍ରେମ୍‌ଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ୍

ଭୁବନେଶ୍ୱର,୧୭।୬୭(ସମିସ)

ଅଜିମ ପ୍ରେମଜୀ ଫାଉଣ୍ଡେସନ ସ୍ନାତକୋତର ଡାକ୍ତର (ପିଜି) ମାନଙ୍କ ନିମନ୍ତେ ୧୮ ମାସର ନିମଗ୍ନକାରୀ ଶିକ୍ଷଣ ଅଭିଜ୍ଞତା ହାସଲ କରିବାକୁ 'ଅଜିମ ପ୍ରେମଜୀ ହେଲ୍‌ଥ ଇକ୍ୱିଟି ଫେଲୋସିପ' ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଲୋସିପ ଅଜିମ ପ୍ରେମଜୀ ଫାଉଣ୍ଡେସନ ଏବଂ ଦେଶର ବିଭିନ୍ନ ଭାଗରେ ଅବସ୍ଥିତ ୧୧ଟି ସମ୍ମାନଜନକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଏକ ସମ୍ମିଳିତ ପ୍ରୟାସ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ ଫେଲୋମାନଙ୍କୁ ଗ୍ରାମାଞ୍ଚଳରେ ରୋଗୀମାନଙ୍କ ସହିତ ଫଳପ୍ରଦ ଭାବରେ କାମ କରିବାର ଅନୁଭବ ସହିତ ଶିଖିବାର ସୁଯୋଗ ମିଳିବ। ବରିଷ୍ଠ ଡାକ୍ତରମାନଙ୍କ ଦ୍ୱାରା ବହୁବିଧ ରୋଗ ଚିକିତ୍ସା ଓ ମାର୍ଗଦର୍ଶନ ସେମାନଙ୍କୁ ସଫଳ ଚିକିତ୍ସା କୌଶଳ ଏବଂ ଗୋଷ୍ଠୀ ଅନୁଭୂତି ହାସଲ କରିବାରେ ଏହା ସୁଯୋଗ ପ୍ରଦାନ କରିବ। ଏହି ଫେଲୋସିପରେ ଯୋଗଦାନ କରି ଫେଲୋମାନେ ସ୍ୱାସ୍ଥ୍ୟସେବା ଯୋଗାଣର ସମ୍ମୁଖ ଭାଗରେ କାର୍ଯ୍ୟ କରିବାର କ୍ଷେତ୍ରସ୍ତରୀୟ ବହୁମୂଲ୍ୟ ଅନୁଭୂତି ଲାଭ କରିବେ। ସ୍ୱାସ୍ଥ୍ୟ ସୁବିଧାଗୁଡିକ ଆବଶ୍ୟକତା ମୁତାବକ ଉପଲବ୍ଧ କରାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ରାସ୍ତାରେ ରହୁଥିବା ଚାଲେଞ୍ଜଗୁଡିକୁ ବୁଝିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସିବାକୁ ଥିବା ବହୁବିଧ ଚାଲେଞ୍ଜର ମୁକାବିଲା ଓ ସମାଧାନ ଶିଖିବା ଅବସରରେ ଏହି କ୍ଷେତ୍ରର ଅନୁଭବୀ ଲୋକ ଏବଂ ଜନସମୁଦାୟଙ୍କ ସହିତ ମିଳିତ ଭାବରେ କାମ କରିବା ଶିକ୍ଷାଲାଭ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ଥାୟୀ ପରିବର୍ତନ ଆଣିବା ନିମନ୍ତେ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ଯୋଡିହେବେ।

ସବୁ ରେକର୍ଡ ଭାଙ୍ଗିଲା ରୁପା ଦର

## ଭୁବନେଶ୍ୱରରେ ଦର ୧.୧୧ ଲକ୍ଷ ଟପିଲା

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)




ଦେଶରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ମାତ୍ର କିଛି ଦିନର ବ୍ୟବଧାନ ପରେ ଦେଶରେ ସୁନା ଓ ରୁପା ଦର ପୁଣି ଥରେ ବଢ଼ିଛି। ସୁନା ଦର ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଉପରକୁ ଉଠିଥିବାବେଳେ ରୁପା ମୂଲ୍ୟ ମଧ୍ୟ ଲକ୍ଷେ ଟଙ୍କା ଉପରକୁ ଯାଇ ନୂଆ ରେକର୍ଡ କରିଛି। ଏଥିରେ ସୁନା ମୂଲ୍ୟକୁ ରୁପା ଦର ଟପିଯାଇଛି। ଯାହାଫଳରେ ଆଜି ଘରୋଇ ବଜାରରେ ରୁପା କିଲୋ ପିଛା ୧.୦୭ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ ଦିଲ୍ଲୀ ଦରକୁ ଟପିଯାଇଛି। ସହରରେ ରୁପା କିଲୋ ପିଛା ୧.୧୧ ଲକ୍ଷ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି।

ମଙ୍ଗଳବାର ଘରୋଇ ବଜାରରେ ପୁଣି ଥରେ ରୁପା ମୂଲ୍ୟରେ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୧୧,୭୦୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ସୁନା ଦର ୧,୦୦,୩୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ଆଜି ଗୋଟିଏ ଦିନରେ ରୁପା କିଲୋ ପିଛା ୨୪୦୦ ଟଙ୍କା ବୃଦ୍ଧି ପାଇ ୧,୦୭,୪୨୫ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ୯୯.୯ ପ୍ରତିଶତ ଶୁଦ୍ଧ ବା ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୨୦୦ ଟଙ୍କା ହ୍ରାସ ପାଇ ୧୦ ଗ୍ରାମ ପିଛା ୧୦୦,୧୭୦ ଟଙ୍କା ହୋଇଛି। ଦୃଢ଼ ବିଶ୍ୱ ସଙ୍କେତ ମଧ୍ୟରେ ଦିଲ୍ଲୀରେ ରୁପା ମୂଲ୍ୟ ପୁଣି ଥରେ ଶୀର୍ଷ ସ୍ତର ଛୁଇଁଛି। ରୁପା ମୂଲ୍ୟ ୧.୧୧ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିବା ଏକ ନୂତନ ରେକର୍ଡ ବୋଲି ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। କେଡିଆ ଆଡଭାଇଜରୀର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ମଧ୍ୟ ଯୁଦ୍ଧ ଆରମ୍ଭ ହୋଇଛି। ଏହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଏପରି ପରିସ୍ଥିତିରେ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ଦର ୧ ଲକ୍ଷ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ସେହି ସମୟରେ, ଏହି ବର୍ଷ ରୁପା ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଅପରପକ୍ଷେ ଗତ ବର୍ଷ ଅର୍ଥାତ୍ ୨୦୨୪ ରେ ସୁନା ୧୨,୮୧୦ ଟଙ୍କା ମହଙ୍ଗା ହୋଇଥିଲା।

**ସୁନା ୧ ଲକ୍ଷ ଟଙ୍କା ଉପରେ**

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା

ଭୁବନେଶ୍ୱର,୧୭।୬(ସମିସ): ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ, ପ୍ରଥମ ଶିକ୍ଷା ଫାଉଣ୍ଡେସନ ସହିତ ମିଳିତ ଭାବରେ ଏହାର ଫ୍ଲାଗଶିପ୍ ଗୋଷ୍ଠୀ ବିକାଶ ପଦକ୍ଷେପ ଅନ୍ତର୍ଗତ ହମାରା ଗାଁଓ ପ୍ରକଳ୍ପ ଅଧୀନରେ ଘିଚାମୁରାର ଗୁମକର୍ମାଠାରେ ଗ୍ରୀଷ୍ମ ଶିବିର ଏବଂ ସ୍କୁଲ ପ୍ରସ୍ତୁତି ମେଳା ଉଦଘାଟନ କରିଛି। ଏହି କାର୍ଯ୍ୟକ୍ରମ ୫ଟି ଗ୍ରାମ ପଞ୍ଚାୟତରେ ବିସ୍ତାରିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟର ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ଗ୍ରୀଷ୍ମ ଶିକ୍ଷା ଅଭିଜ୍ଞତାର ଆରମ୍ଭ। ଏହି ପଦକ୍ଷେପକୁ ଘିଚାମୁରା - ସରପଞ୍ଚ ରାଜୀବ କିଷାନ ଏବଂ ରେଙ୍ଗାଲିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସହିତ ଲାଇଡା, ଲପଙ୍ଗା ଏବଂ କତାରବାଗା କ୍ଲଷ୍ଟର ସିଆର୍‌ସିମାନଙ୍କର ଉପସ୍ଥିତିରେ ବିଶାଳ ରାଜ, ମୁଖ୍ୟ ସିଏସ୍‌ଆର୍ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ - ସମ୍ବଲପୁର; ଝାରସୁଗୁଡା ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଶିକ୍ଷାକୁ ବୃଦ୍ଧି କରିବା ପାଇଁ ଦୁଇଟି ପ୍ରମୁଖ ଉପାଦାନ ରହିଛି। ଚତୁର୍ଥରୁ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ଗ୍ରୀଷ୍ମକାଳୀନ ଶିବିର, ତାଲିମପ୍ରାପ୍ତ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ଦ୍ୱାରା ପରିଚାଳିତ ମଜାଦାର, କାର୍ଯ୍ୟକଳାପ-ଭିତ୍ତିକ ଅଧିବେଶନ ମାଧ୍ୟମରେ ମୌଳିକ ଶିକ୍ଷା ଗଠନ ଉପରେ ଧ୍ୟାନ ଦିଆଯାଇଛି।




ଏହି ସମୟରେ, ସ୍କୁଲ୍ ପ୍ରସ୍ତୁତି ମେଳା ଶ୍ରେଣୀ ୧ ଏବଂ ୨ ର ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟ କରେ, ସେମାନଙ୍କର ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ମା'ମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସ୍କୁଲ୍ ପ୍ରସ୍ତୁତି ପୁସ୍ତକ ସହିତ ସଜ୍ଜିତ କରେ। ଏହି କାର୍ଯ୍ୟକ୍ରମ ସମୟରେ, ୨୦ ଟି ଗ୍ରାମରୁ ସମସ୍ତ ମନୋନୀତ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବକଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଏହି ସ୍ୱେଚ୍ଛାସେବକମାନେ ସେମାନଙ୍କ ସମ୍ପ୍ରଦାୟର ପିଲାମାନଙ୍କ ସହିତ ନିୟମିତ ଅଧିବେଶନଗୁଡ଼ିକୁ ସହଜ କରିବେ। ସ୍କୁଲ୍ ପ୍ରସ୍ତୁତି ମେଳା ପାଇଁ, ପିଲାଙ୍କ ଶିକ୍ଷଣ ସ୍ତରକୁ ବୁଝିବା ପାଇଁ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବ, ତା'ପରେ ଗ୍ରୀଷ୍ମ ଶେଷରେ ପ୍ରଗତି ମାପିବା ପାଇଁ ଆଉ ଏକ ପର୍ଯ୍ୟାୟ କରାଯିବ।

ସର୍ଭେ ରିପୋର୍ଟ

## ଆଗାମୀ ୫ବର୍ଷରେ ଆର୍ଥିକ ଲକ୍ଷ୍ୟ ହାସଲ କରିନେବେ ନିମ୍ନ ମଧ୍ୟବିତ୍ତ ପରିବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ରୋଜଗାର ବଢୁଥିବାରୁ ଭାରତୀୟ ନିମ୍ନମଧ୍ୟବିତ୍ତଙ୍କ ଆତ୍ମବିଶ୍ୱାସ ବଢୁଥିବା ଏକ ସର୍ଭେ ରିପୋର୍ଟରୁ ସାମ୍ନାକୁ ଆସିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତର ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକ ସେମାନଙ୍କର ପ୍ରମୁଖ ଆର୍ଥିକ ଲକ୍ଷ୍ୟଗୁଡିକୁ ହାସଲ କରିନେବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ହୋମ୍ କ୍ରେଡିଟ୍ ଇଣ୍ଡିଆର ସର୍ଭେର ତୃତୀୟ ସଂସ୍କରଣ, ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫ରେ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ସର୍ଭେରେ କମ୍ପାନୀର ଫାଇନାନ୍ସ ୱେଲବିଙ୍ଗ ଇଣ୍ଡେକ୍ସରେ ପ୍ରାୟ ୭୩ ପ୍ରତିଶତ ଉତ୍ତରଦାତା ସେମାନଙ୍କର ବର୍ଦ୍ଧିତ ରୋଜାଗର ନେଇ ଆଶାବାଦୀ ଥିବା ଦର୍ଶାଯାଇଛି। ଏହି ସର୍ଭେ ସୂଚକାଙ୍କରେ "ଭବିଷ୍ୟତର ଆଶା" କ୍ୟାଟେଗୋରୀରେ ୫୯ ସ୍କୋର ରହିଛି। ତେଣୁ ଲୋକେ ଭବିଷ୍ୟତର ଉତ୍ତମ ପ୍ରଦର୍ଶନ ନେଇ ଆଶାବାଦୀ ଥିବା ଜଣାପଡିଛି। ମହଙ୍ଗା ବଜାରରେ ବି ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ନାହିଁ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ପରିବାରର ଆୟ ବୃଦ୍ଧି ପାଇବା ହେତୁ ଲୋକମାନେ ଅଧିକ ସକାରାତ୍ମକ ଅନୁଭବ କରୁଛନ୍ତି। ଚଳିତ ବର୍ଷ ୫୭ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ସେମାନଙ୍କ ପରିବାର ଅଧିକ ରୋଜଗାର କରିଛନ୍ତି। ୨୦୨୪ ମସିହାରେ ଏହି ସଂଖ୍ୟା ମାତ୍ର ୫୨ ପ୍ରତିଶତ ଥିଲା।

ଏ ନେଇ ହୋମ୍ କ୍ରେଡିଟ୍ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଆଶିଷ ତିୱାରୀ କହିଛନ୍ତି, ଯେତେବେଳେ ଆମେ ୨୦୨୩ରେ 'ଦି ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ଷ୍ଟଡି' ଆରମ୍ଭ କରିଥିଲୁ, ଆମେ ଭାରତର ଆର୍ଥିକ ସ୍ପନ୍ଦନକୁ ବୁଝିବାକୁ ଚେଷ୍ଟା କରିଥିଲୁ। ଆମେ ଯାହା ପାଇଲୁ ତାହା ହେଲା ଏହି ଦେଶ ହେଉଛି ଏକ ନୀରବ ବିପ୍ଳବୀଙ୍କ ଦେଶ। କାରଣ ଏଠି ଲକ୍ଷ ଲକ୍ଷ ପରିବାର ପ୍ରତିବନ୍ଧକକୁ ପଦକ୍ଷେପରେ ଓ ଆହ୍ୱାନକୁ ସୁଯୋଗରେ ପରିଣତ କରୁଛନ୍ତି। ଆଶିଷ ଆହୁରି କହିଛନ୍ତି "ଏହି ବର୍ଷର ଫଳାଫଳ କିଛି ଅସାଧାରଣ ପ୍ରକାଶ କରୁଛି: ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଭାରତର ନିମ୍ନ ମଧ୍ୟବିତ୍ତ ବର୍ଗ ପୂର୍ବ ଅପେକ୍ଷା ଅଧିକ ଆଶାବାଦୀ, ଅଧିକ ଡିଜିଟାଲ୍ ଏବଂ ଅଧିକ ଦୃଢ଼। ଗ୍ରେଟ୍ ଇଣ୍ଡିଆନ୍ ୱାଲେଟ୍ ୨୦୨୫' ଫେବୃଆରୀ ଏବଂ ଏପ୍ରିଲ ୨୦୨୫ ମଧ୍ୟରେ ୧୭ ଟି ସ୍ଥାନରେ କରାଯାଇଥିଲା।

## ୨୧୨ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବାଇ,୧୭।୬(ଏଜେନ୍ସି): ଭାରତୀୟ ସେୟାର ବଜାର ମଙ୍ଗଳବାର ହ୍ରାସ ସହ ବନ୍ଦ ହୋଇଛି। ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତ୍ତେଜନା ନିବେଶକଙ୍କ ଚିନ୍ତା ବଢାଇଛି। ଯେଉଁଥିପାଇଁ ବଜାରରେ ବିକ୍ରି ଦେଖିବାକୁ ମିଳିଛି। କାରବାର ଶେଷରେ ସେନସେକ୍ସ ୨୧୨.୮୫ ଅଙ୍କ ବା ୦.୨୬ ପ୍ରତିଶତ ହ୍ରାସ ପାଇ ୮,୧୪,୫୮୩.୩୦ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ, ନିଫ୍ଟି ୯୩.୧୦ ଅଙ୍କ ବା ୦.୩୭ ପ୍ରତିଶତ ଖସି ୨୪,୮୫୩.୪୦ ସ୍ତରରେ ବନ୍ଦ ହୋଇଛି। ଆଇଟି ସେୟାରକୁ ଛାଡ଼ି ଅନ୍ୟ ସବୁ ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ଫାର୍ମା ଓ ହେଲ୍ଥକେୟାର ସେୟାରରେ ଦେଖିବାକୁ ମିଳୁଛି। ଫାର୍ମା ଆମଦାନୀ ଉପରେ ଟାରିଫ୍ ଲଗାଇବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହି ହ୍ରାସ ଦେଖିବାକୁ ମିଳିଛି। ଏହା ବ୍ୟତୀତ ମେଟାଲ, ବ୍ୟାଙ୍କିଂ ଓ ଅଟୋ ଇଣ୍ଡେକ୍ସ ବି ଅଧା ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଓ ନିଫ୍ଟି ସ୍ମଲ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ପ୍ରାୟ ୦.୭ ପ୍ରତିଶତ ଯାଏ ହ୍ରାସ ପାଇ ବନ୍ଦ ହୋଇଛି। ବିଶେଷଜ୍ଞଙ୍କ ମତରେ ପଶ୍ଚିମ ଏସିଆର ସ୍ଥିତି ନସୁଧୁରିବା ଯାଏ ବଜାର ଦୁର୍ବଳ ରହିବ। ଅନ୍ୟପଟେ ଆମେରିକୀୟ ଫେଡେରାଲ୍ ରିଜର୍ଭ ବୈଠକର ପରିଣାମକୁ ବି ନିବେଶକ ଅପେକ୍ଷା କରିଛନ୍ତି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ଜୁନ୍ ୧୭ରେ ହ୍ରାସ ପାଇ ୪୪୭.୭୯ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ସୋମବାର ୪୫୦.୫୨ ଲକ୍ଷ କୋଟି ଟଙ୍କା ଥିଲା।

ନୂଆ ସାପ୍ତାହିକ ଏକ୍ସପାଏରୀକୁ ସେବିର ମଞ୍ଜୁରି

## ଏନ୍‌ଏସ୍‌ଇକୁ ମଙ୍ଗଳବାର, ବିଏସ୍‌ଇକୁ ଗୁରୁବାର

ନୂଆଦିଲ୍ଲୀ,୧୭।୬(ଏଜେନ୍ସି)

ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜକୁ ମଙ୍ଗଳବାର ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଗୁରୁବାର ଡେରିଭେଟୋରି ଏକ୍ସପାଏରୀ ପାଇଁ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ଠାରୁ ମଞ୍ଜୁରି ମିଳିଛି।

ଏ ସମ୍ପର୍କରେ ଏନ୍‌ଏସ୍‌ଇର ଚିଫ୍ ବିଜେନସ୍ ଅଫିସର ଶ୍ରୀରାମ କୃଷ୍ଣନ କହିଛନ୍ତି, ଯଦି ଆପଣ ଏହାକୁ ଓଲଟାଇ ଦେଖିବେ ଓ ଏନ୍‌ଏସ୍‌ଇ ଏକ୍ସପାଏରୀ ମଙ୍ଗଳବାର ସ୍ଥିର ହୋଇଛି, ତେବେ ଏହା ଆମ ପାଇଁ ବଡ଼ ପଜିଟିଭ। ମାର୍କେଟ୍ ଇକୋ ସିଷ୍ଟମ୍ ଏହା ହିଁ ଡିମାଣ୍ଡ କରୁଥିଲା। ପୂର୍ବରୁ ଆମକୁ ଏଥିପାଇଁ ସକାରାତ୍ମକ ମତାମତ ମିଳିସାରିଛି। ସେ କହିଛନ୍ତି, 'ଆମ ପାଖରେ ସୁଯୋଗ ଥିଲା, ତଥାପି ଆମେ କେବେ ବି ଆମର ଏକ୍ସପାଏରୀ ଦିନ ପରିବର୍ତ୍ତନ କରିନଥିଲୁ। ଯେତେବେଳେ ଅନ୍ୟ ଏକ୍ସଚେଞ୍ଜ ଶୁକ୍ରବାରରୁ ମଙ୍ଗଳବାର ଶିଫ୍ଟ କରିଥିଲେ, ସେତେବେଳେ ଆମେ କୌଣସି ପରିବର୍ତ୍ତନ କରିନଥିଲୁ।

ପ୍ରଥମେ ଆମେ ସୋମବାର ଉପରେ ବିଚାର କରିଥିଲୁ, କିନ୍ତୁ ଫିଡବ୍ୟାକ୍ ପରେ ମଙ୍ଗଳବାର ବାଛିଲୁ। ଏବେ ଏହାକୁ ମଞ୍ଜୁରି ମିଳିଛି। ଗ୍ଲୋବାଲ ବ୍ରୋକରେଜ୍ ଫାର୍ମା ଗୋଲ୍ଡମ୍ୟାନ୍ ସାକ୍ସ ନିଜ ରିପୋର୍ଟରେ କହିଛି, ସେବିର ଏହି ନିଷ୍ପତ୍ତି ବିଏସଇ ପାଇଁ ଏକ 'ବାଇନରୀ ଇଭେଣ୍ଟ' ହୋଇପାରେ। ଏଥିରେ ଲାଭ ସୀମିତ କିନ୍ତୁ ବଡ଼ କ୍ଷତି ହୋଇପାରେ। ବ୍ରୋକରେଜ୍ ଫାର୍ମା ବିଏସ୍‌ଇରେ ନ୍ୟୁଟ୍ରଲ୍ ରେଟିଂ ବଜାୟ ରଖିଛି। ଗୋଲ୍ଡମ୍ୟାନ ସାକ୍ସ ଅନୁସାରେ, ଯଦି ବିଏସ୍‌ଇ ନିଜର ମଙ୍ଗଳବାର ଏକ୍ସପାଏରୀ ବଜାୟ ରଖେ, ତେବେ ଏହାର ମାର୍କେଟ୍ ଅଂଶଧନ ପ୍ରାୟ ସ୍ଥିର ରହିଥାନ୍ତା। କିନ୍ତୁ ଏବେ ଗୁରୁବାରକୁ ଶିଫ୍ଟ ହେବା କାରଣରୁ ଏହାକୁ ପ୍ରାୟ ୩ ପ୍ରତିଶତ ମାର୍କେଟ୍ ସେୟାର ହରାଇବାକୁ ପଡ଼ିପାରେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିପାରେ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ଚାକିରିଆଙ୍କୁ ଶୁଭ ଖବର ମିଳିପାରେ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଉଧାର ଅର୍ଥ ଫେରି ପାଇପାରନ୍ତି। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିପାରେ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ। ସଙ୍ଗୀତପ୍ରତି ରୁଚି ବଢ଼ିବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଇତିହାସ

- ୧୮୧୫- ୱାଟର୍‌ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା।
- ୨୦୦୯ - ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି।

## ଭାରତରୁ ବ୍ରିଟେନ ଗଲା ବୁଲେଟ୍
## ଖର୍ଚ୍ଚ ସାଢ଼େ ଚାରି ଲକ୍ଷ



ଗୋଟିଏ ଭାରତୀୟ ପରିବାର ଫର୍ଣ୍ଣିଚର ଓ ରୟାଲ ଏନଫିଲ୍ଡ ବୁଲେଟ୍‌କୁ ଭାରତରୁ ବ୍ରିଟେନକୁ ଆଣିଛନ୍ତି। ଏ ଲାଗି ସେମାନେ ସାଢ଼େ ଚାରିଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହି ପରିବାର ବ୍ରିଟେନରେ ରୁହନ୍ତି। ଭିଡିଓରେ କୁହାଯାଇଛି, ଭାରତରେ ଫର୍ଣ୍ଣିଚର ଉନ୍ନତମାନର ହୋଇଥାଏ। ତେଣୁ ଫର୍ଣ୍ଣିଚର ସବୁକୁ ପଞ୍ଜାବର କରତାପୁରରୁ ଇଂଲଣ୍ଡ ଅଣାଯାଇଛି। ଅନ୍ୟପଟେ ଭିଡିଓରେ ଦେଖିବାକୁ ମିଳିଛି ଯେ, ଗୋଟିଏ ବଡ଼ ଟ୍ରକ୍‌ରେ ଫର୍ଣ୍ଣିଚର ଏବଂ ମୋଟରସାଇକଲ ବ୍ରିଟେନ ସ୍ଥିତ ୱଲଭରହାମ୍ପଟନ ସ୍ଥିତ ଘରକୁ ଅନଲୋଡ୍ କରାଯାଉଛି। ଏଥିରେ ପଞ୍ଜାବ ନମ୍ବର ପ୍ଲେଟ୍ ଥିବା କଳା ରଙ୍ଗ ବୁଲେଟ୍ ଦେଖିବାକୁ ମିଳିଛି। ତେବେ ୪୦ ଦିନର ଯାତ୍ରା ପରେ ଭାରତରୁ ସମସ୍ତ ଜିନିଷ ବ୍ରିଟେନରେ ପହଞ୍ଚିଛି। ବୁଲେଟ୍ ସମେତ ଟ୍ରକ୍‌ରେ ସୋଫା, ଖଟ, ଚୌକି, ଡାଇନିଂ ଟେବୁଲ ଭଳି ଅନ୍ୟାନ୍ୟ ଜିନିଷ ସାମିଲ ଅଛି। ତେବେ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଭାରତରୁ ଏସବୁ ଜିନିଷ ବ୍ରିଟେନ ପଠାଇବା ଲାଗି ସାଢେ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଅନ୍ୟପଟେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ‘ରାମାୟଣ’ରେ କାମ କରିବାକୁ ମନା କରିଥିଲେ ପ୍ରିୟଙ୍କା



ନୀତେଶ ତିୱାରୀଙ୍କ ‘ରାମାୟଣ’କୁ ନେଇ ନିୟମିତ ଖବର ଆସୁଛି। ପୌରାଣିକ କାହାଣୀକୁ ନେଇ ଏଭଳି ଏକ ବିଗ୍ ବଜେଟ୍‌ର ଫିଲ୍ମ ନିର୍ମାଣ କରାଯାଉଥିବାରୁ ଉତ୍ତର ଠୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଏଥିରେ ବଲିଉଡ୍‌ର ଏକାଧିକ କଳାକାର କାମ କରୁଛନ୍ତି। ‘ରାମାୟଣ’ରେ ରାମ ଭୂମିକାରେ ରଣବୀର କପୁର, ସୀତା ଭୂମିକାରେ ସାଇ ପଲ୍ଲବୀ ଓ ରାବଣ ଭୂମିକାରେ ୟଶ୍ ନଜର ଆସିବେ। ଏଥିରେ ରକୁଲ୍ ପ୍ରୀତ ସିଂହ ସୂପର୍ଣ୍ଣଖା ଭୂମିକାରେ ଅଭିନୟ କରୁଛନ୍ତି। ରକୁଲ୍‌ଙ୍କ ପୂର୍ବରୁ ଏହି ଭୂମିକା ପ୍ରିୟଙ୍କା ଚୋପ୍ରାଙ୍କୁ ଅଫର୍ ହୋଇଥିଲା। କିନ୍ତୁ ପ୍ରିୟଙ୍କା ଅନେକ ଆନ୍ତର୍ଜାତୀୟ ସ୍ତରୀୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ସେ ଏହି ଫିଲ୍ମ ପାଇଁ ସମୟ ବାହାର କରିପାରି ନ ଥିଲେ। ଏହାପରେ ରକୁଲ୍‌ଙ୍କୁ ଏହି ଅଫର୍ ମିଳିଥିଲା। ସେ ମଧ୍ୟ ଏହି ଭୂମିକାରେ ପୂରାପୂରି ଫିଟ୍ ହୋଇ ଯାଇଥିଲେ। ତେବେ ପ୍ରିୟଙ୍କାଙ୍କୁ ହିନ୍ଦୀ ଫିଲ୍ମରେ ଦେଖିବା ପାଇଁ ଭାରତୀୟ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ସେ ଶେଷ ଥର ପାଇଁ ‘ସ୍କାଏ ଇଜ୍ ପିଙ୍କ୍’ ଫିଲ୍ମରେ ନଜର ଆସିଥିଲେ।

## ହୋଟେଲ ରୁମ୍‌ରେ କାହିଁକି ନ ଥାଏ ଘଣ୍ଟା

ସାଧାରଣତଃ ହୋଟେଲରେ ରହିବାବେଳେ ଲୋକଙ୍କ ନଜର ସବୁବେଳେ ରୁମ୍, ବାଥରୁମ୍, ଟିଭି ଉପରେ ରହିଥାଏ। ଯେଭଳି ରହିବାରେ କୌଣସି ସମସ୍ୟା ହେବ ନାହିଁ। ହେଲେ ଅଧିକାଂଶ ହୋଟେଲ ରୁମ୍‌ର କାନ୍ଥ କି ଟେବୁଲରେ ଘଣ୍ଟା ଦେଖିବାକୁ ମିଳି ନ ଥାଏ। ଏହା ଉପରେ ଅନେକେ ସେତେ ବେଶି ଗୁରୁତ୍ୱ ଦେଇ ନ ଥାନ୍ତି। ତେବେ ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବା ପଛରେ ଠୋସ୍ କାରଣ ଅଛି। ହୋଟେଲ ଗ୍ରାହକଙ୍କୁ ଆରାମ ଓ ଶାନ୍ତିପୂର୍ଣ୍ଣ ଅନୁଭୂତି ଦେବାକୁ ଘଣ୍ଟା ରଖି ନ ଥାଏ। ଯଦ୍ୱାରା ଗ୍ରାହକ ହୋଟେଲରେ ନିଜର ବ୍ୟସ୍ତପୂର୍ଣ୍ଣ ଜୀବନ ଓ କର୍ମଚାପକୁ କିଛି ସମୟ ପାଇଁ ଭୁଲାଇ ଦେଇ ପାରିବେ। ହୋଟେଲ ରୁମ୍‌ରେ ଘଣ୍ଟା ନ ଥିଲେ, ବାରମ୍ବାର ସମୟ ଦେଖିବାକୁ ପଡ଼ି ନ ଥାଏ। ଏହାଦ୍ୱାରା କେଉଁ ସମୟରେ କେଉଁ କାମ କରିବା ଦରକାର, ତାହା ଉପରେ ଲୋକଙ୍କ ନଜର ରହେ ନାହିଁ। ସେହିପରି ସମୟ ସହିତ ବାନ୍ଧି ହୋଇ ନ ରହିବା ଦ୍ୱାରା ଜଣେ ଅଧିକ ସମୟ ଶୋଇଥାଏ, ଧୀରେ ଧୀରେ କୌଣସି କାମ ପାଇଁ ନିଜକୁ ପ୍ରସ୍ତୁତ କରିଥାଏ ଏବଂ ପ୍ରତିଟି ମୁହୂର୍ତ୍ତର ଆନନ୍ଦ ନିଏ। ସମୟର ଚାପ ନ ରହିବା ଦ୍ୱାରା ଲୋକେ ହୋଟେଲରେ ବେଶି ସମୟ ରହନ୍ତି। ସ୍ପା ଏବଂ ସୁଇମିଂ ପୁଲ୍ ଭଳି ହୋଟେଲର ସେବାକୁ ମନଭରି ଉପଭୋଗ କରନ୍ତି। ଅବଶ୍ୟ ଏବେ କିଛି ହୋଟେଲରେ ଆଲାର୍ମ କିମ୍ବା ଡିଜିଟାଲ ଘଣ୍ଟା ଦେଖିବାକୁ ମିଳୁଛି। ହେଲେ ହୋଟେଲ ରୁମ୍‌ରେ ଲୋକଙ୍କୁ ପାରମ୍ପରିକ ଭାବେ ଘଣ୍ଟାଠୁ ଦୂରେଇ ରଖାଯାଏ। ଅବଶ୍ୟ ଲୋକେ ମୋବାଇଲ, ସ୍ମାର୍ଟୱାଚ୍ ବ୍ୟବହାର କରିଥାନ୍ତି। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ହୋଟେଲ ରୁମ୍‌ରେ ଘଣ୍ଟା ନ ରହିବାର ଅର୍ଥ ଲୋକଙ୍କୁ ଆରାମ ସହ ହୋଟେଲ ବ୍ୟବସାୟ ବୃଦ୍ଧି କରିବାର ଏହା ଏକ ରଣନୀତି।



## ସମ୍ଭାବନା



## ଭଲ ଲାଗୁନି କି ଅଫିସ୍ ପରିବେଶ

**ଅଫିସ୍ ହେଉଛି ଏମିତି ଏକ ସ୍ଥାନ, ଯେଉଁଠି କର୍ମଜୀବୀଙ୍କ ଅଧିକାଂଶ ସମୟ ବିତିଥାଏ। ହେଲେ ବେଳେ ବେଳେ ଅଫିସ୍ ପରିବେଶ ଏଭଳି ହୋଇଯାଏ ଯେ, କାମ କରିବାକୁ ଇଚ୍ଛା ହୁଏ ନାହିଁ। ଅଫିସ୍ ଜେଲ୍ ଭଳି ମନେ ହୁଏ। ଅବଶ୍ୟ ଏହା ପଛର କାରଣ ଅନେକ କିଛି ହୋଇପାରେ।**



ଅଫିସ୍ ପରିବେଶରେ ଏ ପ୍ରକାର ସମସ୍ୟା କାହିଁକି ଆସେ ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ? କମ୍ପାନି ନିଯୁକ୍ତି ଦେବା ବେଳେ କେବଳ ପ୍ରାର୍ଥୀଙ୍କ ଯୋଗ୍ୟତା ଉପରେ ଧ୍ୟାନ ଦିଏ। ହେଲେ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେଇ ନ ଥାଏ। ତେବେ ନିଯୁକ୍ତିଦାତାଙ୍କୁ ନିଯୁକ୍ତି ସମୟରେ ଉଭୟ ଯୋଗ୍ୟତା ଏବଂ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱ ଦେବା ଜରୁରି। ସେହିପରି ଅଫିସ୍‌ରେ କିଛି କର୍ମଚାରୀ ଏଭଳି ଥାନ୍ତି, ଯେଉଁମାନେ ମାନସିକ ସ୍ତରରେ ଅସୁସ୍ଥ ହୋଇଥାନ୍ତି। ଏହା ସାମ୍ନାକୁ ଜଣାପଡ଼ି ନ ଥାଏ। ପରବର୍ତ୍ତୀ ସମୟରେ ସେମାନଙ୍କ ବ୍ୟବହାର, ଆଚରଣ ଅନ୍ୟ ସହକର୍ମୀ ଏବଂ ସଦସ୍ୟଙ୍କ ପାଇଁ ଏଭଳି ଥାଏ, ଯାହାକି ଅସହନୀୟ ହୋଇଥାଏ। ଏହାବାଦ୍ ଏଭଳି ସ୍ୱଭାବ ଦେଖାଉଥିବା କର୍ମଚାରୀଙ୍କ ଆଚରଣ ବି ଅଲଗା ହୋଇଥାଏ। ସେମାନେ ଆବଶ୍ୟକତାଠୁ ଅଧିକ ରାଗନ୍ତି, କାହାକୁ ଭୟ କରନ୍ତି ନାହିଁ। ଏପରିକି ହିଂସା ଓ ଅପରାଧ କରିବା ପରେ ଅନୁତାପ କରି ନ ଥାନ୍ତି ଏବଂ ଅନ୍ୟର ଦୁଃଖକୁ ବୁଝି ନ ଥାନ୍ତି। ଏଭଳି ପରିବେଶରେ କର୍ମଚାରୀମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ଥାନ୍ତି। ଯାହାକି ଅଫିସ୍ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏ ସଂକ୍ରାନ୍ତରେ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟରେ କାମ କରୁଥିବା ୨୬୧ କର୍ମଚାରୀଙ୍କ ଉପରେ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଲା ୨୧ ପ୍ରତିଶତ କର୍ମଚାରୀଙ୍କ ମଧ୍ୟରେ ସହାନୁଭୂତିର ଅଭାବ, ସ୍ୱାର୍ଥବାଦର ଲକ୍ଷଣ ଥିଲା। ଏହି ଲକ୍ଷଣ କାର୍ଯ୍ୟାଳୟରେ ଭଲ ବ୍ୟବହାର ପ୍ରଦର୍ଶନ ନ କରିବା, ଅସ୍ୱାସ୍ଥ୍ୟକର ପରିବେଶ, ଖରାପ କାମ କରିବା ପରିବେଶ ଯୋଗୁଁ ହୋଇପାରେ। ଏନେଇ ଗବେଷକମାନେ ଏକ ଟୁଲ୍ ବିକଶିତ କରିଛନ୍ତି। ଯଦ୍ୱାରା ମନୋରୋଗୀ ଲୋକଙ୍କୁ ଚିହ୍ନଟ କରାଯାଇ ପାରିବ।

## ଅଜବ କୋର୍ସ

**ଆଜିକାଲି ଏମିତି ପାଠ୍ୟକ୍ରମ ଆସୁଛି, ଯାହାକି ପାରମ୍ପରିକ ଶିକ୍ଷାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରି କିଛି ପାଠ୍ୟକ୍ରମ ସମ୍ପର୍କରେ...**



- କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ହ୍ୟାରି ପଟରକୁ ନେଇ ଏକ କୋର୍ସ ଅଛି। ଏଠାରେ ହ୍ୟାରି ପଟର ସୁପରଫ୍ୟାନ୍ସ ହଗବଟସର ଯାଦୁଗର ଦୁନିଆକୁ ସମର୍ପିତ କୋର୍ସରେ ନାମ ଲେଖାଇପାରିବେ। ଏହି ବିଷୟ ସମ୍ପୂର୍ଣ୍ଣ ଅଲଗା ଓ ରୋମାଞ୍ଚକର ଲାଗେ।
- ବ୍ରିଟିଶ କଲେଜ ଅଫ୍ କୋନାଇନ ଷ୍ଟଡିଜ୍ କୁକୁର ପ୍ରେମୀଙ୍କ ଲାଗି କହିଲେ କିଛି ଭୁଲ୍ ହେବନି। କୁକୁରଙ୍କୁ ବୁଲାଇବା ଲାଗି ପ୍ରଫେସନାଲ କୋର୍ସ ଅଛି।
- ମାସାଚୁସେଟସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଷ୍ଟ୍ରିଟ୍ ଫାଇଟିଂ ମ୍ୟାଥ୍‌ମେଟିକ୍ସ ନାମର କୋର୍ସ ଅଛି। ଏଥିରେ ମ୍ୟାଥ୍‌ମେଟିକାଲ ଆଇଡିଆକୁ ସୁଧାରିବାକୁ ଶିଖାଯାଏ।
- ସାଉଥ୍ କ୍ୟାରିଲୋନା ୟୁନିଭର୍ସିଟିରେ ସମାଜଶାସ୍ତ୍ରର ଏକ କୋର୍ସ ଅଛି। ଏହା ପପ୍ ଷ୍ଟାର୍ ଲେଡି ଗାଗାଙ୍କ ଜୀବନ ଏବଂ ତାଙ୍କ ପ୍ରସିଦ୍ଧି ଉପରେ ଆଧାରିତ।
- ପେନ୍ ୟୁନିର୍ଭସିଟି ଟଫ୍‌ଗ୍ରାସ ସାଇନ୍ସରେ ଗ୍ରାଜୁଏସନ ଡିଗ୍ରୀ ପ୍ରଦାନ କରେ। ଏଥିରେ ଘାସ ଓ ବଗିଚାର ଦେଖାଶୁଣା କରିବା ବାବଦରେ ଶିକ୍ଷା ପ୍ରଦାନ କରାଯାଏ।
- ଲିଭରପୁଲ୍ ହୋପ୍ ୟୁନିର୍ଭସିଟି ଦ ବିଟଲସ, ପପୁଲାର ମ୍ୟୁଜିକ୍ ଆଣ୍ଡ ସୋସାଇଟି ନାମକ କୋର୍ସ ରହିଛି। ଏଥିରେ ବିଦ୍ୟାର୍ଥୀଙ୍କୁ ସଂଗୀତ ଏବଂ ସଂସ୍କୃତି ଉପରେ ବ୍ୟାଣ୍ଡ ପ୍ରଭାବ ପଡ଼ା ଉପରେ ସୁଯୋଗ ପ୍ରଦାନ କରେ।

## ପ୍ରତିଶ୍ରୁତି ରକ୍ଷା କରୁ ନ ଥିଲେ...



ଯେଉଁ ଲୋକ ପ୍ରତିଶ୍ରୁତି ଠାରୁ ପଳାୟନ କରନ୍ତି, ସେମାନଙ୍କଠାରେ କିଛି ସ୍ୱତନ୍ତ୍ର ଅଭ୍ୟାସ ବା ଲକ୍ଷଣ ଥାଏ। ଏଭଳି ଲୋକ ସମ୍ପର୍କ ଏବଂ ଦାୟିତ୍ୱବୋଧରୁ ରକ୍ଷା ପାଇବାକୁ ଚାହାଁନ୍ତି। ସାଧାରଣତଃ ଭବିଷ୍ୟତ ଯୋଜନା ଯେଭଳି ବିବାହ, ଏକାଠି ରହିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସଙ୍କୋଚ କରିଥାନ୍ତି। ଏଭଳି ଲୋକ ସବୁବେଳେ ଏକଥା ଭାବନ୍ତି ଯେ, ସେମାନଙ୍କ ପାଇଁ ସବୁ ଭଲ ବିକଳ୍ପ ଅଛି। ତେଣୁ ଗୋଟିଏ ସମ୍ପର୍କରେ ସେମାନେ ବାନ୍ଧି ହୋଇ ରହି ନ ଥାନ୍ତି। ସେମାନଙ୍କର ଗୋଟିଏ ସମ୍ପର୍କରେ ଶୀଘ୍ର ମୋହଭଙ୍ଗ ହୁଏ ଏବଂ ନୂଆର ସନ୍ଧାନରେ ରହନ୍ତି। ଛୋଟ ଛୋଟ କଥାରେ ଅଯଥାରେ ଝଗଡ଼ା କରନ୍ତି। ସେମାନେ ନିଜ ଜୀବନସାଥୀ ଏବଂ ସାଙ୍ଗସାଥୀଙ୍କ ସହ ଭାବନାତ୍ମକ ସ୍ତରରେ ଯୋଡ଼ି ହୋଇ ରହିବା ପାଇଁ ଇଚ୍ଛା କରନ୍ତିନି। ସେମାନଙ୍କୁ ନିଜ ଭାବନାକୁ ବ୍ୟକ୍ତ କରିବା କଷ୍ଟ ହୁଏ। ଏଭଳି ଲୋକଙ୍କ କଥା ସବୁବେଳେ ଅସ୍ପଷ୍ଟ ହୋଇଥାଏ। କୌଣସି କଥାକୁ ସିଧାସଳଖ ନ କହି ବୁଲେଇ ବଙ୍କେଇ କହିଥାନ୍ତି। ସମ୍ପର୍କକୁ କେଉଁ ଆଡକୁ ନେବେ ସେ କଥା ସ୍ପଷ୍ଟ ଭାବେ କିଛି କହି ନ ଥାନ୍ତି।

## ଆପଲ୍‌ର ନୂଆ ଫିଚର୍

ଆଇଫୋନ୍ ବ୍ୟବହାରକାରୀଙ୍କ ଲାଗି ଆପଲ ଏକ ନୂଆ ଫିଚର୍ ଆଣିଛି। ଏଥିରୁ ଏକଥା ଜଣାପଡ଼ିବ ଯେ, ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବା ପାଇଁ କେତେ ସମୟ ଲାଗିବ। ଏହି ତଥ୍ୟ ହୋମ୍‌ସ୍କ୍ରିନ୍ ଉପରେ ହିଁ ଦେଖାଇବ। ଏହା ଆଇଓଏସ୍ ୨୬ ଅପଡେଟ୍‌ର ଅଂଶ। ଆଇଓଏସ୍ ୨୬ ସହିତ ଏକ ନୂଆ ଇଣ୍ଟେଲିଜେଣ୍ଟ ବ୍ୟାଟେରି ସେଭର୍ ମୋଡ୍ ଆସୁଛି। ଏହାର ନାଁ ଆଡପଟିଭ୍ ପାୱାର। ଏହି ମୋଡକୁ ଆଇଫୋନ୍ ବ୍ୟବହାରକାରୀଙ୍କୁ ଫୋନ୍‌ରେ ଚାଲୁ କରିବାକୁ ହେବ। ଏହା ସାହାଯ୍ୟରେ ବ୍ୟବହାରକାରୀ ବ୍ୟାଟେରିରର ବ୍ୟବହାର ଏବଂ ପ୍ୟାଟର୍ଣ୍ଣକୁ ବୁଝିପାରିବେ। ଏହି ନୂଆ ପାୱାର ମୋଡ୍ ବ୍ୟବହାରକାରୀଙ୍କୁ ଏକଥା କହିବ ଆଇଫୋନ୍ ୮୦ ପ୍ରତିଶତ ଚାର୍ଜ ହେବାରେ କେତେ ସମୟ ଲାଗିବ। ଏଥିରୁ ଏକଥା ଜଣାପଡ଼ିବ, ଫୋନ୍‌କୁ ଚାର୍ଜିଂରେ କେତେ ସମୟ ରଖିବାକୁ ହେବ। ସେହିପରି କେଉଁ ଆପ୍ ସାମାନ୍ୟଠୁ ଅଧିକ ବ୍ୟାଟେରି ବ୍ୟବହାର କରୁଛି ଏବଂ ଅଚାନକ ପରିବର୍ତ୍ତନର କାରଣ କହିବ।

# ୧୮ ବର୍ଷ ହେଲା ଇଂଲଣ୍ଡରେ ସିରିଜ୍ ଜିତିନି ଭାରତ

ଲଣ୍ଡନ,୧୭।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କିଏ ଜିତିବ ତାହା ଏବେଠାରୁ କହିବା କଷ୍ଟକର। କିନ୍ତୁ ଘରୋଇ ମାଟିରେ ଖେଳୁଥିବା ଇଂଲଣ୍ଡ ଏହି ସିରିଜ୍ ଜିତିବ ବୋଲି ପୂର୍ବାନୁମାନ କରାଯାଉଛି। ଟେଷ୍ଟ କ୍ରିକେଟରେ ଭାରତ ୧୯୩୨ରେ ପ୍ରଥମେ ଇଂଲଣ୍ଡ ସହ ଇଂଲଣ୍ଡରେ ଖେଳିଥିଲା। ଏହି ମ୍ୟାଚ୍ ପରେ ଭାରତକୁ ଇଂଲଣ୍ଡରେ ପ୍ରଥମ ଟେଷ୍ଟ ଜିତିବାକୁ ୪ ଦଶନ୍ଧିରେ ୨୨ଟି ଟେଷ୍ଟ ଖେଳିବାକୁ ପଡ଼ିଥିଲା। ଶେଷରେ ଅଜିତ ୱାଡେକରଙ୍କ ନେତୃତ୍ୱରେ ଓଭାଲରେ ୧୯୭୧ରେ ଖେଳାଯାଇଥିବା ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଭାରତ ଏହି ଟେଷ୍ଟକୁ ୪ ୱିକେଟରେ ଜିତିଥିଲା ଓ ୧-୦ରେ ପ୍ରଥମ ସିରିଜ୍ କବ୍‌ଜା କରିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଦ୍ୱିତୀୟଥର ସିରିଜ୍ ଜିତିବାକୁ ଦଳକୁ ୧୫ ବର୍ଷ ଲାଗି ଯାଇଥିଲା। ୧୯୮୬ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ତୃତୀୟ ସିରିଜ୍ ଜିତିବାକୁ ଭାରତକୁ ୨୦୦୭ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ଭାରତ ଶେଷଥର ଇଂଲଣ୍ଡକୁ ଇଂଲଣ୍ଡ ମାଟିରେ ସିରିଜ୍ ହରାଇଥିଲା। ଶେଷ ସିରିଜ୍ ବିଜୟ ପରଠାରୁ ଇଂଲଣ୍ଡ ମାଟିରେ ଭାରତ ଦୟନୀୟ ପ୍ରଦର୍ଶନ କରିଛି। ୨୦୧୧ରେ ୦-୪, ୨୦୧୪ରେ ୧-୩, ୨୦୧୮ରେ ୧-୪ରେ ଟେଷ୍ଟ ସିରିଜ୍ ହାରିଥିଲା। ଏହା ପରେ ଶେଷଥର ୨୦୨୧-୨୨ରେ ମୁକାବିଲା ହୋଇଥିଲା। କରୋନା ପ୍ରଭାବିତ ସମୟରେ ଦୁଇଟି ଦଫାରେ ଖେଳାଯାଇଥିବା ଏହି ସିରିଜ୍ ୨-୨ରେ ଅମିମାଂସିତ ରହିଥିଲା। ଇଂଲଣ୍ଡରେ ଭାରତ ଏଯାଏ ସର୍ବାଧିକ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି। କିନ୍ତୁ ଦଳ ମାତ୍ର ୯ଟି ଟେଷ୍ଟରେ ବିଜୟୀ ହୋଇ ପାରିଛି। ଏବେ ଦଳରେ ବରିଷ୍ଠ ଖେଳାଳିଙ୍କର ଅନୁପସ୍ଥିତି ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଏହି ସିରିଜ୍‌କୁ କବ୍‌ଜା କରିବ ବୋଲି କେହି ପୂର୍ବାନୁମାନ କରୁଥିଲେ ମଧ୍ୟ ଏଥିଲାଗି ଯେ ଅନେକ କଷ୍ଟସ୍ୱୀକାର କରିବାକୁ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

# ‘ବିରାଟ, ରୋହିତଙ୍କ ବିନା ମଧ୍ୟ ଭାରତ ଏକ ବିପଜ୍ଜନକ ଦଳ’

ଲଣ୍ଡନ,୧୭।୬ (ଏଜେନ୍ସି): ଜୁନ୍ ୨୦ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନେଇ ଅନେକ ପୂର୍ବାନୁମାନ କରାଯାଉଛି। ଏହି ସିରିଜ୍‌ରେ ଭାରତର ଦୁଇ ଅଭିଜ୍ଞ ତଥା ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଖେଳୁ ନାହାନ୍ତି। ସେମାନଙ୍କ ଅନୁପସ୍ଥିତିରେ ଭାରତର ବ୍ୟାଟିଂ କିଛିଟା ଦୁର୍ବଳ ହୋଇଛି। କିନ୍ତୁ ଏବେ ମଧ୍ୟ ଇଂଲଣ୍ଡ ଲାଗି ଭାରତ ଏକ ବିପଜ୍ଜନକ ଦଳ ବୋଲି ଘରୋଇ ଦଳର ଅଫ୍ ସ୍ପିନର ଗ୍ରେମ୍ ସ୍ୱାନ୍ କହିଛନ୍ତି। ସ୍ୱାନଙ୍କ ମତରେ ଭାରତ ଗସ୍ତରେ ଆମେ ଯାଇଥିବା ୨ଟି ଯାକ ଟେଷ୍ଟ ସିରିଜ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲୁ। ଏବେ ଆମେ ଘରୋଇ ମାଟିରେ ଖେଳୁଛୁ। ମୁଁ ଆଶା କରୁଛି ଆମ ନିକଟରେ ଯେପରି ବୋଲିଂ ବାହିନୀ ଅଛନ୍ତି, ସେମାନେ ଭାରତର ବ୍ୟାଟିଂକୁ ଧୂଳିସାତ କରିବାକୁ ଦକ୍ଷତା ରଖିଛନ୍ତି। ଏହି ସିରିଜ୍‌କୁ ଇଂଲଣ୍ଡ ସହଜରେ ଜିତିବା ଉଚିତ ବୋଲି ସ୍ୱାନ୍ କହିଛନ୍ତି। ଇଂଲଣ୍ଡ ସପକ୍ଷରେ ଏହି ସିରିଜ୍ ୪-୧ ହେବା ଉଚିତ ବୋଲି ସେ କହନ୍ତି।

● ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ

# ନାଜମୁଲ-ମୁସଫିକରଙ୍କ ରେକର୍ଡ ପାର୍ଟନରସିପ୍




ଗଲ୍,୧୭।୬ (ଏଜେନ୍ସି): ପୂର୍ବତନ ଅଧିନାୟକ ନାଜମୋଲ ହୋସେନ୍ ସାଣ୍ଟୋ ଓ ମୁସଫିକର ରହିମ ଚତୁର୍ଥ ୱିକେଟ ଯୋଡ଼ିରୁ ରେକର୍ଡ଼ ୨୪୭ ରନ ସଂଗୃହୀତ ହେବା ଫଳରେ ଏଠାରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ମଜଭୁତ ସ୍ଥିତିରେ ପହଞ୍ଚିଛି। ଗଲ୍‌ରେ ଖେଳାଯାଇଥିବା ଏହି ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୪୫ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ପରେ ନାଜମୋଲ ୧୩୬ ଓ ମୁସ୍‌ଫିକର ୧୦୫ ରନ୍ କରି ଅପରାଜିତ ଶତକ ହାସଲ କରିବା ସହ ଚତୁର୍ଥ ୱିକେଟରେ ନିଜ ଦେଶ ପକ୍ଷରୁ ସର୍ବାଧିକ ଭାଗୀଦାରି କରିବା ଫଳରେ ଦଳ ପ୍ରଥମ ଦିନ ଖେଳ ଶେଷ ବେଳକୁ ୩ ୱିକେଟରେ ୨୯୨ ରନ୍ କରି ଭଲ ସ୍ଥିତିରେ ରହିଛି। ଶ୍ରୀଲଙ୍କା ପକ୍ଷରୁ ତାରିନ୍ଦୁ ରତନାୟକେ ୨ଟି ୱିକେଟ ପାଇଛନ୍ତି।

## ଆଉ ୨ ଦିନ ପରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ

# ଭାରତୀୟ ଦଳରେ ହର୍ଷିତ ସାମିଲ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି)



ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ମାତ୍ର ୨ ଦିନ ବାକି ରହିଛି। ଜୁନ ୨୦ରୁ ଲିଡ୍ସରେ ଏହି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଯୁବ ଅଧିନାୟକ ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଭ୍ରମଣକାରୀ ଭାରତୀୟ ଦଳ ଗତ ଦୁଇ ସପ୍ତାହ ହେବ ଇଂଲଣ୍ଡରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ସଦ୍ୟ ରିପୋର୍ଟ ମୁତାବକ, ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ଇଂଲଣ୍ଡରେ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ମେ ୨୪ରେ ଘୋଷିତ ୧୮ ଜଣିଆ ଦଳରେ ହର୍ଷିତଙ୍କ ନାମ ନ ଥିଲା। ହର୍ଷିତ କିନ୍ତୁ ଭାରତୀୟ-ଏ ଦଳ ସହ ଇଂଲଣ୍ଡ ଗସ୍ତରେ ରହିଥିଲେ। ସେଠାରେ ଭାରତ-ଏ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିସାରିଛି। କିନ୍ତୁ ୨୩ ବର୍ଷୀୟ ହର୍ଷିତଙ୍କୁ ସ୍ୱଦେଶ ଫେରିବା ପରିବର୍ତ୍ତେ ଭାରତୀୟ ଟେଷ୍ଟ ଦଳ ସହ ରହିବାକୁ ବିସିସିଆଇ ପକ୍ଷରୁ କୁହାଯାଇଛି। ଫଳରେ ଭାରତୀୟ ଟେଷ୍ଟ ସଦସ୍ୟଙ୍କ ସଂଖ୍ୟା ୧୮ରୁ ୧୯କୁ ବଢ଼ିଯାଇଛି। ତେବେ ବସିସିଆଇ ତାଙ୍କୁ ଅନ୍‌ଅଫିସିଆଲ୍ ସଦସ୍ୟ ଭାବେ ଦଳରେ ସାମିଲ କରିଛି। ଭାରତୀୟ ଦଳର କିଛି ସଦସ୍ୟ ସାମାନ୍ୟ ଆହତ ଥିବାରୁ ହର୍ଷିତଙ୍କୁ ବ୍ୟାକ୍‌ଅପ୍ ଭାବେ ଇଂଲଣ୍ଡରେ ରହିବାକୁ କୁହାଯାଇଥିବା ଜଣାପଡ଼ିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନଅଫିସିଆଲ୍ ଟେଷ୍ଟରେ ରାଣା ୯୯ ରନ ବ୍ୟୟରେ ଗୋଟିଏ ୱିକେଟ୍ ନେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

ପୂର୍ବରୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ୫ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ରହିଥିଲେ। ସେମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶଦୀପ୍ ଓ ଅର୍ଶଦୀପ୍ ସିଂହ। ସେହିଭଳି ଶାର୍ଦ୍ଦୁଳ ଠାକୁର ଓ ନୀତୀଶ ରେଡ୍ଡୀଙ୍କ ରୂପେ ଦୁଇଜଣ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଦଳରେ ସ୍ଥାନ ପାଇଛନ୍ତି। ତେବେ ରାଣା ବ୍ୟାକ୍‌ଅପ୍ ଭାବେ ଦଳ ସହ ରହିବେ। ହର୍ଷିତ ଭାରତ ପାଇଁ ୨ଟି ଟେଷ୍ଟ ଖେଳି ୪ଟି ୱିକେଟ୍ ନେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୭ ପରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତିବାକୁ ଲକ୍ଷ୍ୟ ରଖିଛି।

### ■ ସିରିଜ ବିଜୟୀ ଅଧିନାୟକଙ୍କୁ ମିଳିବ ‘ପଟୌଦୀ ପଦକ’

ଭାରତ ଓ ଘରୋଇ ଇଂଲଣ୍ଡ ମଧ୍ୟରେ ଆଗାମୀ ଟେଷ୍ଟ ସିରିଜରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଅଧିନାୟକଙ୍କୁ ‘ପଟୌଦୀ ପଦକ’ ପ୍ରଦାନ କରାଯିବ। ପଟୌଦୀ ଐତିହ୍ୟକୁ ବଜାୟ ତଥା ଅକ୍ଷୁଣ୍ଣ ରଖିବା ଲାଗି ଏହା ଏକ ବ୍ୟକ୍ତିଗତ ସମ୍ମାନ ହେବ। ଦୁଇ ଅଂଶଗ୍ରହଣକାରୀ ଦେଶର କ୍ରିକେଟ୍ ବୋର୍ଡ ବିସିସିଆଇ ଓ ଇସିବି ପକ୍ଷରୁ ‘ପଟୌଦୀ ପଦକ’ ପ୍ରଦାନ ନେଇ ସମ୍ପ୍ରତି ପ୍ରକାଶ ପାଇଛି। ପ୍ରକାଶଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଯେଉଁ ଟେଷ୍ଟ ସିରିଜ ଖେଳିଥାଏ ତାହା ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ସମ୍ମାନାର୍ଥେ ‘ପଟୌଦୀ ଟ୍ରଫି’ ନାମରେ ନାମିତ ଥିଲା। ଏଥର କିନ୍ତୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପାରମ୍ପରିକ ପଟୌଦୀ ଟ୍ରଫିର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା। ଆଗାମୀ ସିରିଜର ନାମ ‘ଆଣ୍ଡରସନ-ତେନ୍ଦୁଲକର ଟ୍ରଫି’ ନାମରେ ନାମିତ କରାଯାଇଥିଲା। କିନ୍ତୁ କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ଏହି ସିରିଜରେ ପଟୌଦୀ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଲାଗି ଉଭୟ ବିସିସିଆଇ ଓ ଇସିବିକୁ ବ୍ୟକ୍ତିଗତ ଭାବେ ଅନୁରୋଧ କରିଥିଲେ। ଶେଷରେ ସଚିନଙ୍କ କଥା ରକ୍ଷା କରି ‘ପଟୌଦୀ ପଦକ’ ଭାବେ ଏକ ନୂଆ ବ୍ୟକ୍ତିଗତ ସମ୍ମାନ ସିରିଜ ବିଜୟୀ ଦଳର ଅଧିନାୟକଙ୍କୁ ପ୍ରଦାନ କରାଯିବ।



### ‘ଦଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନେତୃତ୍ୱ ନେବାକୁ ମନା କରିଥିଲି’

ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଶେଷରେ ଭାରତୀୟ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ନ ହେବାକୁ ନେଇ ମୁହଁ ଖୋଲିଛନ୍ତି। କାର୍ଯ୍ୟଭାରକୁ ନଜରରେ ରଖି ଇଂଲଣ୍ଡ ଗସ୍ତରେ ଦଳର ନେତୃତ୍ୱ ନେବା ଲାଗି ମିଳିଥିବା ଅଫରକୁ ପ୍ରତ୍ୟାଖାନ କରିଥିଲି ବୋଲି ବୁମ୍‌ରା ଏକ ସାକ୍ଷାତ୍‌କାର ଅବସରରେ ଏହା କହିଛନ୍ତି। ବୁମ୍‌ରା ନେତୃତ୍ୱ ନେବାକୁ ମନା କରିବା ପରେ ଯୁବ ବ୍ୟାଟର୍ ଶୁବମନ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିଲା। ଇଂଲଣ୍ଡରେ ସ୍କାଏ ସ୍ପୋର୍ଟ୍ସକୁ ଦେଇଥିବା ଏହି ସାକ୍ଷାତ୍‌କାରେ ବୁମ୍‌ରା କହିଛନ୍ତି, ‘ରୋହିତ୍ ଓ ବିରାଟଙ୍କ ଅବସର ଘୋଷଣା ପୂର୍ବରୁ ଆଇପିଏଲ୍ ମଝିରେ ମୁଁ ବିସିସିଆଇ ସହିତ ମୋର କାର୍ଯ୍ୟଭାର ନେଇ ଆଲୋଚନା କରିଥିଲି। ମୋ ଅଣ୍ଟାଜନିତ ସମସ୍ୟାର ଯତ୍ନ ନେଉଥିବା ଲୋକଙ୍କ ସହ ଆଲୋଚନା କରିଥିଲି। ଶେଷରେ ନିଷ୍ପତ୍ତି ନେଇଥିଲୁ ଅଣ୍ଟାଜନିତ ସମସ୍ୟାକୁ ନେଇ ଆମକୁ ସତର୍କ ରହିବାକୁ ପଡ଼ିବ। ଏହାପରେ ବିସିସିଆଇକୁ ଜଣାଇ ଦେଇଥିଲି ଇଂଲଣ୍ଡ ଗସ୍ତରେ ସମସ୍ତ ୫ଟି ଯାକ ଟେଷ୍ଟ ମ୍ୟାଚ୍ ଖେଳିପାରିବି ନାହିଁ। ତେଣୁ ମୋତେ ଦଳର ନେତୃତ୍ୱ ଲାଗି ଏକ ବିକଳ୍ପ ଭାବେ ନ ରଖାଯାଉ। ବିସିସିଆଇ ମୋତେ ଅଧିନାୟକ ଭାବେ ଇଂଲଣ୍ଡରେ ଦେଖିବାକୁ ଚାହୁଁଥିଲା। କିନ୍ତୁ ମୋତେ ଶେଷରେ ଏହାକୁ ପ୍ରତ୍ୟାଖାନ କରିବାକୁ ପଡ଼ିଥିଲା। କାରଣ ୫ଟି ଟେଷ୍ଟରୁ ତିନୋଟିରେ ଜଣେ ଏବଂ ଆଉ ୨ଟି ମ୍ୟାଚରେ ଅନ୍ୟଜଣେ ନେତୃତ୍ୱ ନେଉ ତାହା ଦଳ ପାଇଁ ଭଲ ଲକ୍ଷଣ ନୁହେଁ। ଯେଉଁଥି ପାଇଁ ମୁଁ ଅଧିନାୟକ ଭାର ସମ୍ଭାଳିବାକୁ ମନା କରିଥିଲି’ ବୋଲି ବୁମ୍‌ରା କହିଛନ୍ତି।

● ଆଜିଠୁ ପୁରୁଷ ହକି ମାଷ୍ଟର୍ସ କପ୍

# ପୁଡୁଚେରୀ ବିପକ୍ଷରୁ ଓଡ଼ିଶାର ଅଭିଯାନ

ଚେନ୍ନଇ, ୧୭।୬ (ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ବୁଧବାରଠାରୁ ଏଠାରେ ପୁରୁଷ ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପଞ୍ଜାବ ଓ ପୁଡୁଚେରୀ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଓଡ଼ିଶା ଦଳ ଗୁରୁବାର ପୁଡୁଚେରୀ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଅବସରପ୍ରାପ୍ତ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଦେଶର ୧୧ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପୁଲ୍-ବି’ରେ ପଞ୍ଜାବ ଓ ପୁଡୁଚେରୀ ସହ ଓଡ଼ିଶା ସ୍ଥାନ ପାଇଛି। ସେହିଭଳି ପୁଲ୍-ଏ’ରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ଓ କେରଳ, ପୁଲ-ସି’ରେ ଚଣ୍ଡିଗଡ଼, ମହାରାଷ୍ଟ୍ର ଓ ମଣିପୁର ଏବଂ ପୁଲ୍-ଡି’ରେ ହରିୟାଣା ଓ କର୍ଣ୍ଣାଟକ ରହିଛନ୍ତି। ଓଡ଼ିଶା ଏହାର ଶେଷ ପୁଲ୍ ମ୍ୟାଚରେ ଜୁନ ୨୦ରେ ପଞ୍ଜାବକୁ ଭେଟିବ। ପ୍ରତି ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ। ଜୁନ ୨୩ ଓ ୨୪ରେ କ୍ୱାର୍ଟର ଫାଇନାଲ, ୨୫ରେ ସେମିଫାଇନାଲ ଓ ଫାଇନାଲ ଓ ୩ୟ/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇପାରିବେ।

# ୬ ବର୍ଷ ପରେ ଶୀର୍ଷକୁ ଫେରିଲେ ମନ୍ଧାନା

ଦୁବାଇ, ୧୭।୬ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଦୀର୍ଘ ୬ ବର୍ଷର ବ୍ୟବଧାନ ପରେ ଆଇସିସି ଦିନିକିଆ ର୍‍ୟାଙ୍କିଂର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ମାନ୍ୟତାର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ଉପରକୁ ଉଠି ୭୨୭ ରେଟିଂ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ୧୯ ରେଟିଂ ପଏଣ୍ଟ ହରାଇ ଶୀର୍ଷ ମାନ୍ୟତା ହରାଇଛନ୍ତି। ବର୍ତ୍ତମାନ ଲୌରା ଓ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୭୧୯ ରେଟିଂ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନା ଶେଷଥର ଲାଗି ୨୦୧୯ରେ ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିଲେ। ସଦ୍ୟ ତାଲିକାର ଟପ୍-୧୦ରେ ଅନ୍ୟ କୌଣସି ଭାରତୀୟ ବ୍ୟାଟର୍ ରହି ନ ଥିବାବେଳେ ଜେମିମା ରୋଡ୍ରିଗ୍ସେଜ ଓ ହରମନପ୍ରୀତ୍ କୌର ଯଥାକ୍ରମେ ୧୫ତମ ଓ ୧୬ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ପୁରୁଷ ବିଭାଗରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ମଧ୍ୟ ଦିନିକିଆ ମାନ୍ୟତାରେ ଏକ ନମ୍ବର ସ୍ଥାନ ଅଧିକାର କରିଥିଲେ।

# ଏସୀୟ ରୌପ୍ୟ ବିଜୟିନୀ ଶ୍ରାବଣୀଙ୍କୁ ସମ୍ବର୍ଦ୍ଧନା

କଟକ,୧୭।୬(ସମିସ): କୋରିଆର ଗୁମିରେ ଆୟୋଜିତ ୨୬ତମ ଏସିଆନ ଆଥଲେଟିକ ଚାମ୍ପିଅନସିପ୍‌ରେ ରୌପ୍ୟ ବିଜୟୀ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା ଆଥଲେଟିକ ସଂଘ(ଓଏଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୦୦ମିଟର ରିଲେ ଦୌଡ଼ରେ ଶ୍ରାବଣୀ ଏହି ସଫଳତା ପାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଏଏ ଅଧ୍ୟକ୍ଷ ଆଶୀର୍ବାଦ ବେହେରା ଉପଢ଼ୌକନ ସହ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶିକ୍ଷକ ଅରୁଣ ଦାସ, ନୀଳମାଧବ ରାଓ ଉପସ୍ଥିତ ଥିଲେ। ଓଏଏର କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# କ୍ୱାର୍ଟରଫାଇନାଲ ଘୁଞ୍ଚିଲା ଗୋଟିଏ ଦିନ

କଟକ,୧୭।୬(ସମିସ): ଲଗାଣ ବର୍ଷା ଯୋଗୁଁ ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ବାତିଲ ହୋଇଛି। ବୁଧବାର ମ୍ୟାଚ୍ ପୁନଃ ଆୟୋଜନ ନିମନ୍ତେ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସ୍ଥିର ହୋଇଥିବା ସତ୍ତ୍ୱେ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନିର୍ଭର କରିବ। କଟକରେ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ଗ୍ରାଉଣ୍ଡରେ ପାଣି ଜମା ହୋଇ ରହିଛି। ପ୍ରକାଶଯୋଗ୍ୟ, ଟୁର୍ଣ୍ଣାମେଣ୍ଟର ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥାନ୍ତା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ଓ ଭୁବନେଶ୍ୱର-ଏ, ବିଡାନାସୀ ଗ୍ରାଉଣ୍ଡରେ କଟକ-ବି ଓ ଭୁବନେଶ୍ୱର-ବି, ନିମପୁର ଗ୍ରାଉଣ୍ଡରେ କଟକ-ଏ ଓ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଗ୍ରାଉଣ୍ଡରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥାନ୍ତା। ଆସନ୍ତାକାଲି ଏହି ମ୍ୟାଚ୍ ଆୟୋଜନର ସମ୍ଭାବନା ରହିଛି।

କ୍ରିକେଟ୍ ଇତିହାସରେ ପ୍ରଥମ

# ତୃତୀୟ ସୁପର୍ ଓଭରରେ ଜିତିଲା ନେଦରଲାଣ୍ଡସ

ଗ୍ଲାସଗୋ, ୧୭।୬ (ଏଜେନ୍ସି)




ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ଟି-୨୦ ମ୍ୟାଚ୍ ଟାଇ ରହିବା ପରେ ତୃତୀୟ ସୁପର୍ ଓଭରରେ ଶେଷରେ ମ୍ୟାଚ୍‌ର ଫଳାଫଳ ବାହାରିଛି। ସ୍କଟଲାଣ୍ଡରେ ଚାଲିଥିବା ଟି-୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଖେଳାଯାଇଥିବା ଏହି ହାଇଡ୍ରାମା ମୁକାବିଲାରେ ଶେଷରେ ନେପାଳକୁ ହରାଇଛି ନେଦରଲାଣ୍ଡସ। ମ୍ୟାଚ୍ ଟାଇ ରହିବା ପରେ ପ୍ରଥମ ଓ ଦ୍ୱିତୀୟ ସୁପର୍ ଓଭର ମଧ୍ୟ ଟାଇ ରହିଥିଲା।

ତ୍ରି-ରାଷ୍ଟ୍ରୀୟ ସିରିଜର ଏହି ଦ୍ୱିତୀୟ ମ୍ୟାଚ୍‌ରେ ନେପାଳ ବିପକ୍ଷରେ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୫୨ ରନ କରିଥିଲା। ଜବାବରେ ଅଧିନାୟକ ରୋହିତ୍ ପୌଡେଲଙ୍କ ୪୮ ରନ ବଳରେ ନେପାଳ ୮ ୱିକେଟ୍‌ରେ ସମାନ ୧୫୨ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ରହିଥିଲା। ଏହାପରେ ପ୍ରଥମ ସୁପର୍ ଓଭର ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ପ୍ରତିପକ୍ଷ ଡାନିଏଲ୍ ଡୋରାମଙ୍କ ଓଭରରୁ ୧୯ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡସ ଓପନର୍ ମାକ୍ସ ଓ’ଡୋଡ୍ ୨ ଛକା ଓ ଗୋଟିଏ ଚୌକା ସହ ସମାନ ୧୯ ରନ ସଂଗ୍ରହ କରିବା ଫଳରେ ପ୍ରଥମ ସୁପର୍ ଓଭର ମଧ୍ୟ ଟାଇରେ ସମାପ୍ତ ହୋଇଥିଲା। ଫଳାଫଳ ପାଇଁ ଦ୍ୱିତୀୟ ସୁପର୍ ଓଭର ଖେଳାଯାଇଥିଲା। ଏଥର କିନ୍ତୁ ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୧୮ ରନ କରିଥିଲା। ଜବାବରେ ନେପାଳ ପାଇଁ ଓପନର୍ ରୋହିତ ଓ ଦୀପେନ୍ଦ୍ର ସିଂ ଧୁଆଁଧାର ବ୍ୟାଟିଂ କରି ୬ ବଲ୍‌ରେ ୧୮ ରନ କରି ପୁନର୍ବାର ମ୍ୟାଚ୍‌କୁ ଟାଇ ରଖିଥିଲେ। ଶେଷରେ ୩ୟ ସୁପର୍ ଓଭର ଆୟୋଜିତ ହୋଇଥିଲା। ଏଥିରେ କିନ୍ତୁ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ କୌଣସି ରନ ସଂଗ୍ରହ କରିବା ପୂର୍ବରୁ ପ୍ରଥମ ୪ଟି ବଲ୍‌ରେ ଦୁଇ ବ୍ୟାଟର୍‌ଙ୍କୁ ହରାଇଥିଲା। ଫଳରେ ନେଦରଲାଣ୍ଡସ ସାମ୍ନାରେ ମାତ୍ର ୧ ରନ ଲକ୍ଷ୍ୟ ରହିଥିଲା। ଦଳ ଏହାକୁ ପ୍ରଥମ ବଲ୍‌ରେ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନେଦରଲାଣ୍ଡସ- ୧୫୨/୭, ୨୦ ଓଭର
ନେପାଳ- ୧୫୨/୮, ୨୦ ଓଭର
ପ୍ରଥମ ସୁପର୍ ଓଭର
ନେପାଳ- ୧୯/୧, ୧ ଓଭର
ନେଦରଲାଣ୍ଡସ- ୧୯/୦
ଦ୍ୱିତୀୟ ସୁପର ଓଭର
ନେଦରଲାଣ୍ଡସ- ୧୭/୧, ୧ ଓଭର
ନେପାଳ- ୧୭/୦, ୧ ଓଭର
ତୃତୀୟ ସୁପର ଓଭର
ନେପାଳ- ୦/୨, ୦.୪ ଓଭର
ନେଦରଲାଣ୍ଡସ- ୬/୦, ୦.୧ ଓଭର

## ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

# ଭାରତ ଖେଳିବ ୬ ସିରିଜ୍, ୧୮ ଟେଷ୍ଟ



ଦୁବାଇ,୧୭।୬ (ଏଜେନ୍ସି): ଗଲ୍‌ରେ ଆଜି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବା ସହ ୨୦୨୫-୨୭ ସାଇକଲର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି। ଆଜି ମଧ୍ୟ ଆଇସିସି ପକ୍ଷରୁ ଟେଷ୍ଟ ଚାମ୍ପିଅନସିପ୍‌ର ବିସ୍ତୃତ ଖେଳସୂଚୀ ଘୋଷଣା କରାଯାଇଛି। ଏହି ଖେଳସୂଚୀ ଅନୁଯାୟୀ ଭାରତ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ୬ଟି ସିରିଜ୍ ଓ ୧୮ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଏବଂ ୨୦୨୭ ଜାନୁୟାରୀରୁ ଘରୋଇ ମାଟିରେ ଅଷ୍ଟ୍ରେଲିଆ ସହ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍ ୫ ମ୍ୟାଚ୍ ବିଶିଷ୍ଟ ହେବ। ଇଂଲଣ୍ଡ ସହ ବିଦେଶ ମାଟିରେ ଖେଳି ଏହି ସାଇକଲ୍‌ରେ ଅଭିଯାନ ଆରମ୍ଭ କରିବ। ଏହା ପରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ସହ ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ୨୦୨୬ ଅକ୍ଟୋବର ଓ ନଭେମ୍ବରରେ ଏହି ମ୍ୟାଚ୍ ଖେଳାଯିବ। ଏହା ପରେ ଆଉ ୨ଟି ସିରିଜ୍ ଭାରତ ବାହାରେ ଖେଳିବ। ଏହା ମଧ୍ୟରୁ ୨୦୨୬ ଅଗଷ୍ଟରେ ଶ୍ରୀଲଙ୍କା ସହ ଓ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ସହ ବିଦେଶ ମାଟିରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଯୋଗ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଭାରତ ପ୍ରଥମ ୨ଟି ସଂସ୍କରଣରେ ଫାଇନାଲ ଖେଳିଥିଲା। ଏହି ଦୁଇଟି ସଂସ୍କରଣରେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲେ। କିନ୍ତୁ ତୃତୀୟ ସଂସ୍କରଣରେ ଫାଇନାଲ ଯାଇ ପାରି ନ ଥିଲା। ଏଥିରେ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ତୃତୀୟ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତର ଖେଳସୂଚୀ**

| ଟେଷ୍ଟ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଖେଳ ଆରମ୍ଭ |
|---|---|---|---|
| ୫ | ଇଂଲଣ୍ଡ | ଇଂଲଣ୍ଡ | ଜୁନ୍ ୨୦୨୫ |
| ୨ | ୱେଷ୍ଟଇଣ୍ଡିଜ୍ | ଭାରତ | ଅକ୍ଟୋବର ୨୦୨୬ |
| ୨ | ଦକ୍ଷିଣ ଆଫ୍ରିକା | ଭାରତ | ନଭେମ୍ବର ୨୦୨୬ |
| ୨ | ଶ୍ରୀଲଙ୍କା | ଶ୍ରୀଲଙ୍କା | ଅଗଷ୍ଟ ୨୦୨୬ |
| ୨ | ନ୍ୟୁଜିଲାଣ୍ଡ | ନ୍ୟୁଜିଲାଣ୍ଡ | ଅକ୍ଟୋବର ୨୦୨୬ |
| ୫ | ଅଷ୍ଟ୍ରେଲିଆ | ଅଷ୍ଟ୍ରେଲିଆ | ଜାନୁଆରୀ ୨୦୨୭ |

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS